# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ସେପ୍ଟେମ୍ବର ୩୦/୨୦୨୦ (୧୨ପୃଷ୍ଠା) | Balasore, Wednesday, September 30/2020 | ★★★★

୪୬ଶ ଭାଗ ୩୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ମସ୍ତି କରୁଛନ୍ତି ପ୍ରିୟା**

ମାଲାୟାଲମ ଅଭିନେତ୍ରୀ ପ୍ରିୟା ପ୍ରକାଶ ୱାରିୟର ନିଜ ସାଙ୍ଗମାନଙ୍କ ସହ ମସ୍ତି କରୁଥିବା ଏକ ଭିଡିଓରେ ନଜର ଆସିଛନ୍ତି।

୦୨ ୧୧

**ପ୍ଲିସ୍କୋଭାଙ୍କ କଷ୍ଟସାଧ୍ୟ ବିଜୟ**

ଫ୍ରେଞ୍ଚ ଓପନ୍ ମହିଳା ସିଙ୍ଗଲ୍ସରେ ଚେକ୍‌ରିପବ୍ଲିକ୍‌ର କାରୋଲିନା ପ୍ଲିସ୍କୋଭା କଷ୍ଟସାଧ ବିଜୟ ହାସଲ କରିଛନ୍ତି।



# କଟକଣାରେ ଅଧିବେଶନ ଆରମ୍ଭ

## ଭିଡିଓ କନ୍‌ଫରେନ୍ସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ମଙ୍ଗଳବାରଠାରୁ ଷୋଡ଼ଶ ବିଧାନସଭାର ମୌସୁମୀ ଅଧିବେଶନ କରୋନା କଟକଣା ମଧ୍ୟରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇଛି। ଯେଉଁ ବିଧାୟକମାନେ କରୋନା ସଂକ୍ରମିତ ହୋଇନାହାନ୍ତି ସେମାନଙ୍କୁ ବିଧାନସଭାରେ ଯୋଗଦେବାକୁ ଅନୁମତି ଦିଆଯାଇଥିଲା। ୮୫ଜଣ ବିଧାୟକ ଯୋଗଦେଇଥିବା ବେଳେ ଅନ୍ୟ ବିଧାୟକମାନେ ବାହାରେ ରହି ଭିଡିଓ କନ୍‌ଫରେନ୍ସ ଜରିଆରେ ଗୃହ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ବିଧାନସଭାକୁ ପ୍ରବେଶ କରିବା ବେଳେ ବିଧାୟକ, କର୍ମଚାରୀ, ଖବରଦାତାଙ୍କୁ କରୋନା ନେଗେଟିଭ ରିପୋର୍ଟ ଦେଖାଇବାକୁ ପଡ଼ିଥିଲା। ଗୃହକୁ ପ୍ରବେଶ କରିବା ପୂର୍ବରୁ ବାଚସ୍ପତିଙ୍କଠାରୁ ଆରମ୍ଭ କରି ସମସ୍ତେ ମୁହଁରେ ମାସ୍କ ଓ ସିଲ୍ଡ କଭର ଲଗାଇବା ସହ ହ୍ୟାଣ୍ଡ ଗ୍ଲୋବ୍‌ସ ପିନ୍ଧିଥିବା ଦେଖିବାକୁ ମିଳିଥିଲା। ସମସ୍ତ ସଦସ୍ୟଙ୍କ ସିଟ୍ ସମ୍ମୁଖରେ କାଚରେ କଭର କରାଯାଇଥିଲା। କେହି କାହା ପାଖକୁ ଯିବାକୁ ସୁଯୋଗ ନ ଥିଲା। ଲୋକସେବା ଭବନର ସମ୍ମିଳନୀ କକ୍ଷ, ବିଭିନ୍ନ ଜିଲାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରୁ କେତେଜଣ ବିଧାୟକ ☞ପୃଷ୍ଠା-୧୦





କରୋନା ପ୍ରତିରୋଧ ବ୍ୟବସ୍ଥାରେ ମଙ୍ଗଳବାର ଆରମ୍ଭ ହୋଇଥିବା ବିଧାନସଭା ମୌସୁମୀ ଅଧିବେଶନ। ଭିଡିଓ କନ୍‌ଫରେନ୍ସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍‌କୁ ପ୍ରବଳ ବିରୋଧ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

- ବିଲ୍‌କୁ ଚିରିଲେ ତାରା, ସିଲେକ୍ଟ କମିଟିକୁ ପଠାଇବାକୁ ଦାବି
- ବିଶ୍ୱବିଦ୍ୟାଳୟ ସ୍ୱତନ୍ତ୍ରତା ନଷ୍ଟ କରିବାକୁ ଉଦ୍ୟମ: ବିରୋଧୀ
- ସବୁ ବିଶ୍ୱବିଦ୍ୟାଳୟ ପାଇଁ ଗୋଟିଏ ଆଇନ ହେବ: ମନ୍ତ୍ରୀ

ବିଧାନସଭା ମୌସୁମୀ ଅଧିବେଶନ ଆରମ୍ଭରୁ ସରଗରମ ହୋଇଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍‌କୁ ନେଇ ବିରୋଧୀ ସରକାରଙ୍କୁ ସନ୍ତୁଆଶି ଆକ୍ରମଣ କରିଛନ୍ତି। ଏହି ବିଲ୍‌କୁ ସଂଶୋଧନ କରିବାର ଅଧିକାର ରାଜ୍ୟ ସରକାରଙ୍କର ନାହିଁ। ଏହା ବିଶ୍ୱବିଦ୍ୟାଳୟ ସ୍ୱତନ୍ତ୍ରତାକୁ ଧ୍ୱଂସ କରିବ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ମଙ୍ଗଳବାର ଅପରାହ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍‌କୁ ବିଧାନସଭାର ଅନୁମୋଦନ ପାଇଁ ଉପସ୍ଥାପନ କରିବା ମାତ୍ରେ ଉଭୟ ଭାଜପା ଓ କଂଗ୍ରେସ ସଭ୍ୟମାନେ ପ୍ରବଳ ବିରୋଧ କରିଥିଲେ। କରୋନା କଟକଣା ଯୋଗୁ ହଟ୍ଟଗୋଳ କରିବା ପାଇଁ ଗୃହର ମଧ୍ୟ ଭାଗକୁ ଆସି ନ ପାରିଲେ ମଧ୍ୟ ବିରୋଧୀ ସଭ୍ୟମାନେ ନିଜ ସିଟ୍‌ରେ ଛିଡ଼ା ହୋଇ ବିରୋଧ କରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ଉକ୍ତ ବିଲ୍‌କୁ ଚିରିବା ସହ ଏହାକୁ ଚୟନ କମିଟିକୁ ପଠାଇବାକୁ ଦାବି କରିଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ବିଲ୍‌କୁ ବିରୋଧ କରି କହିଥିଲେ, କରୋନା ସମୟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପସ୍ଥାପନ କରିବାର କ'ଣ ଆବଶ୍ୟକତା ଥିଲା। ଅତି ଜରୁରୀ ବିଷୟ ଉପରେ ଆଲୋଚନା କରିବାକୁ ଗୃହର ସମୟ ସୀମିତ କରାଯାଇଥିବା ☞ପୃଷ୍ଠା-୧୦

## ମାସ୍କ, ପିପିଇ କିଟ୍ ଦୁର୍ନୀତିକୁ ନେଇ ହଟ୍ଟଗୋଳ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ସରକାରଙ୍କ କୋଭିଡ୍-୧୯ ପରିଚାଳନାକୁ ମଙ୍ଗଳବାର ବିଧାନସଭାରେ ଝଡ଼ ସୃଷ୍ଟି ହୋଇଛି। ଭାଜପା ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଥିଲେ। କରୋନା ପାଇଁ ମାସ୍କ ଓ ପିପିଇ କିଟ୍ କିଣାରେ ବହୁ କୋଟି ଟଙ୍କାର ଅନିୟମିତତା ହୋଇଥିବା ନେଇ ବିରୋଧୀ ଅଭିଯୋଗ କରିଥିଲେ। ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଅଡି ବସିଥିଲେ।

ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଗୃହରେ ମାସ୍କ ଓ ପିପିଇ କିଟ୍ ଦୁର୍ନୀତି ପ୍ରସଙ୍ଗ ଉଠାଇଥିଲେ। ଏ ନେଇ ସେ ପ୍ରିଭିଲେଜ୍ ମୋଶନ ଆଣିଥିଲେ। ମାସ୍କ ଓ ପିପିଇ କିଟ୍ କିଣାରେ ଦୁର୍ନୀତି ହୋଇଥିବା କଥା ଉଠାଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ ଅଭିଯୋଗ କରିଥିଲେ ଯେ କରୋନା ପାଇଁ ରାଜ୍ୟ ଔଷଧ ନିଗମ ମାଧ୍ୟମରେ ବହୁ କୋଟି ଟଙ୍କାର ସାମଗ୍ରୀ କିଣାଯାଇଥିଲା। ସାମଗ୍ରୀ କିଣିବାକୁ ଏକ କମିଟି ମଧ୍ୟ ଗଠନ କରାଯାଇଥିଲା। ଏହି କମିଟି ସମସ୍ତ ସାମଗ୍ରୀକୁ ଯାଞ୍ଚ କରିବା ସହ ସାମଗ୍ରୀ କିଣିବା ଉପରେ ମୋହର ମାରୁଥିଲେ। ମାତ୍ର ଯାଞ୍ଚ ସମୟରେ ଆଇସିଏମ୍ଆର୍ ଗାଇଡ୍‌ଲାଇନ୍‌କୁ ନ ମାନି ମନଇଚ୍ଛା ନିମ୍ନମାନର ପିପିଇ କିଟ୍ ଏବଂ ଅନ୍ୟ ସାମଗ୍ରୀ କିଣାଯାଇଥିଲା। କମିଟି ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀ ହେମନ୍ତ ☞ପୃଷ୍ଠା-୧୦

## ୭ ବିଲ୍ ଉପସ୍ଥାପିତ

ମୌସୁମୀ ଅଧିବେଶନର ପ୍ରଥମ ଦିନରେ ରାଜ୍ୟ ସରକାର ବିଧାନସଭାର ଅନୁମୋଦନ ଲାଗି ୭ଟି ବିଲ୍‌କୁ ଉପସ୍ଥାପନ କରିଛନ୍ତି। ସେହି ବିଲ୍‌ଗୁଡ଼ିକ ହେଲା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍-୨୦୨୦, ଓଡ଼ିଶା ମ୍ୟୁନିସିପାଲ (ସଂଶୋଧନ) ବିଲ୍-୨୦୨୦, ଓଡ଼ିଶା କୋର୍ଟ ଫି' (ସଂଶୋଧନ) ବିଲ୍-୨୦୨୦, ଓଡ଼ିଶା ଆଇନଜୀବୀ କଲ୍ୟାଣ ପାଣ୍ଠି (ସଂଶୋଧନ) ବିଲ୍-୨୦୨୦, ମହାମାରୀ ରୋଗ (ଓଡ଼ିଶା ସଂଶୋଧନ) ବିଲ୍-୨୦୨୦, ଓଡ଼ିଶା ଶିଳ୍ପ ବିବାଦ (ସଂଶୋଧନ) ବିଲ୍-୨୦୨୦ ଏବଂ ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି) ସଂଶୋଧନ ବିଲ୍-୨୦୨୦ । ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଆଇନମନ୍ତ୍ରୀ, ଶିଳ୍ପମନ୍ତ୍ରୀ ଉକ୍ତ ବିଲ୍‌ଗୁଡ଼ିକୁ ବିଧାନସଭାରେ ଉପସ୍ଥାପନ କରିଛନ୍ତି।

## ଉପରାଷ୍ଟ୍ରପତିଙ୍କୁ କରୋନା

ନୂଆଦିଲ୍ଲୀ, ୨୯।୯: ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ(୭୧) ମଙ୍ଗଳବାର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ରିପୋର୍ଟ ପଜିଟିଭ୍ ଆସିଥିବା ତାଙ୍କ କାର୍ଯ୍ୟାଳୟ ତରଫରୁ ଟୁଇଟ୍ ଯୋଗ ଦର୍ଶାଯାଇଛି। ତାଙ୍କ ସ୍ୱାସ୍ଥାବସ୍ଥା ଭଲ ଥିବା କୁହାଯାଇଛି। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ସେ ଯୋଗଦେଇଥିଲେ। ଏବେ ସେ ହୋମ୍ କ୍ୱାରାଣ୍ଟାଇନରେ ଅଛନ୍ତି। ତେବେ ତାଙ୍କ ସ୍ତ୍ରୀ ଉଷା ନାଇଡୁଙ୍କ ରିପୋର୍ଟ ନେଗେଟିଭ୍ ଥିବା ଜଣାପଡ଼ିଛି।



## ୯ ପଇସା କମିଲା ଡିଜେଲ

ଭୁବନେଶ୍ୱର,୨୯।୯: ଡିଜେଲ ଦରରେ ଲଗାତର ହ୍ରାସ ଧାରା ଲାଗି ରହିଛି। ଫଳରେ ମଙ୍ଗଳବାର ଭୁବନେଶ୍ୱରରେ ଏହାର ଦର ୯ ପଇସା କମି ଦର ୭୬.୮୬ ଟଙ୍କା ରହିଛି। ଏଠାରେ ପେଟ୍ରୋଲ ଅପରିବର୍ତ୍ତିତ ୮୧.୬୦ ଟଙ୍କା ରହିଥିବା ଜଣାପଡିଛି। ଦେଶର ମେଟ୍ରୋ ସହରଗୁଡ଼ିକରେ ମଙ୍ଗଳବାର ଡିଜେଲ ୮ ପଇସା ହ୍ରାସ ପାଇଛି। ଫଳରେ ନୂଆଦିଲ୍ଲୀରେ ଦର ୭୦.୬୩ ଟଙ୍କାକୁ ଖସିଛି। ସେହିଭଳି ଚେନ୍ନାଇରେ ଡିଜେଲ ୭୬.୧୦ ଟଙ୍କା, କୋଲକାତାରେ ୭୪.୧୫ ଏବଂ ମୁମ୍ବାଇରେ ୭୭.୦୪ ଟଙ୍କା ରହିଛି।

## ବୌଦ୍ଧ ଡେପୁଟି କଲେକ୍ଟର ଗିରଫ

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ଲଖନପୁର, ୨୯।୯(ଡି.ଏନ୍.ଏ.): ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ବୌଦ୍ଧ ଡେପୁଟି କଲେକ୍ଟର ଶରତ କୁମାର ବାଗଙ୍କୁ ଝାରସୁଗୁଡା ଥାନା ପୋଲିସ ଗିରଫ କରିବାର କିଛି ସମୟ ପରେ ଜାମିନ ମିଳିଛି। ସ୍ତ୍ରୀଙ୍କ ଅଭିଯୋଗର ୩ ଦିନ ପରେ ବାଗଙ୍କୁ କୋଲାବିରା ଥାନା ଅଧୀନ ଯୋଗିଆଡିହି ଗାଁରୁ ପୋଲିସ ଗିରଫ କରିଥିଲା। ପରେ ତାଙ୍କୁ ମଙ୍ଗଳବାର ଝାରସୁଗୁଡ଼ା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ବୁଝାମଣା ପରେ ଜଣେ ଜାମିନଦାର, ୫୦ହଜାର ଟଙ୍କା ବେଲ୍‌ବଣ୍ଡ ଏବଂ ୩ଟି ସର୍ତ୍ତରେ ତାଙ୍କୁ ଜାମିନ ମିଳିଥିବା ଅଭିଯୁକ୍ତଙ୍କ ଓକିଲ ବିଶ୍ୱନାଥ ଦତ୍ତ କହିଛନ୍ତି। ସର୍ତ୍ତଗୁଡିକ ମଧ୍ୟରେ ତଦନ୍ତକାରୀ ଅଧିକାରୀଙ୍କୁ ତଦନ୍ତରେ ସହଯୋଗ, ପୁନର୍ବାର ଏହିପରି ଅପରାଧ କରିବେ ନାହିଁ ଓ ଅଭିଯୋଗକାରୀଙ୍କୁ ☞ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ**

ଅପେକ୍ଷା କର, ବଞ୍ଚାଚାଲିଛି

# ନଭେମ୍ବର ୩ରେ ବାଲେଶ୍ୱର, ତିର୍ତ୍ତୋଲ ଉପନିର୍ବାଚନ

ନୂଆଦିଲ୍ଲୀ/ଭୁବନେଶ୍ୱର(ବ୍ୟୁରୋ),୨୯।୯

- ଲାଗୁ ହେଲା ଆଦର୍ଶ ଆଚରଣ ବିଧି
- ୧ ଲୋକ ସଭା ୫୬ ବିଧାନସଭା ଆସନରେ ହେବ ମତଦାନ
- ୨ପର୍ଯ୍ୟାୟରେ ହେବ ନିର୍ବାଚନ
- ନଭେମ୍ବର ୧୦ରେ ଫଳାଫଳ




ବାଲେଶ୍ୱର ଏବଂ ତିର୍ତ୍ତୋଲ ବିଧାନସଭା ଆସନରେ ଆସନ୍ତା ନଭେମ୍ବର ୩ରେ ଉପନିର୍ବାଚନ ହେବ ବୋଲି ଭାରତୀୟ ନିର୍ବାଚନ କମିଶନ(ସିଇସି) ସୁନୀଲ ଆରୋରା ମଙ୍ଗଳବାର ଘୋଷଣା କରିଛନ୍ତି। ଏଥିସହିତ ଛତିଶଗଡ଼, ଗୁଜରାଟ, ଝାଡ଼ଖଣ୍ଡ, କର୍ନାଟକ, ମଧ୍ୟପ୍ରଦେଶ, ନାଗାଲାଣ୍ଡ, ତେଲଙ୍ଗାନା ଏବଂ ଉତ୍ତରପ୍ରଦେଶରେ ଖାଲିପଡ଼ିଥିବା ଅନ୍ୟ ୫୨ ଆସନରେ ମଧ୍ୟ ନଭେମ୍ବର ୩ରେ ମତଦାନ ହେବ। ଏନେଇ ଅକ୍ଟୋବର ୯ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ୧୬ ତାରିଖ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ। ୧୭ରେ ପ୍ରାର୍ଥିପତ୍ର ଯାଞ୍ଚ ଏବଂ ୧୯ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି। ନଭେମ୍ବର ୧୦ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ ଏବଂ ନଭେମ୍ବର ୧୨ ତାରିଖରେ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ବାଲେଶ୍ୱର ଭାଜପା ବିଧାୟକ ମଦନ ମୋହନ ଦତ୍ତ ଏବଂ ତିର୍ତ୍ତୋଲ ବିଜେଡି ବିଧାୟକ ବିଷ୍ଣୁ ☞ପୃଷ୍ଠା-୧୦




# ଚିନ୍ତା ବଢ଼ାଇଲା ଚାଇନାର 'କ୍ୟାଟ୍ କ୍ୟୁ ଭାଇରସ୍'

ନୂଆଦିଲ୍ଲୀ,୨୯।୯

- ଚେତାଇଲା ଆଇସିଏମ୍ଆର୍
- କରୋନା ଜନିତ ଜନସ୍ୱାସ୍ଥ୍ୟ ସଙ୍କଟକୁ ବଢ଼ାଇପାରେ



ଚାଇନାରୁ ବିଶ୍ୱକୁ ବ୍ୟାପିଥିବା କରୋନା ଭୂତାଣୁଠାରୁ ତ୍ରାହି ମିଳୁନାହିଁ। ଏବେ ସୁଦ୍ଧା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଲାଣି ଏବଂ ପ୍ରାୟ ୩ କୋଟି ୩୬ ଲକ୍ଷ ଲୋକ ସଂକ୍ରମିତ ହୋଇଛନ୍ତି। ଏଭଳିସ୍ଥଳେ ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ (ଆଇସିଏମ୍ଆର୍)ର ବୈଜ୍ଞାନିକମାନେ ଚାଇନାରେ ରୋଗ ସୃଷ୍ଟି କରିଥିବା ଆଉ ଏକ ଭାଇରସ୍‌କୁ ନେଇ ଚିନ୍ତା ପ୍ରକଟ କରିଛନ୍ତି, ଯାହାଦ୍ୱାରା ଭାରତରେ ରୋଗ ବ୍ୟାପିପାରେ ବୋଲି ସେମାନେ ଚେତାଇ ଦେଇଛନ୍ତି। ଉକ୍ତ ଭାଇରସ୍ ନାମ ହେଲା 'କ୍ୟାଟ୍ କ୍ୟୁ ଭାଇରସ୍(ସିକ୍ୟୁଭି)'। ଏହାଦ୍ୱାରା ଲୋକେ ଜ୍ୱର ସଂକ୍ରାନ୍ତ ଅସୁସ୍ଥତା ଏବଂ ମସ୍ତିଷ୍କ ପ୍ରଦାହରେ ପୀଡ଼ିତ ହୋଇଥାନ୍ତି। ଶିଶୁମାନେ ମଧ୍ୟ ମସ୍ତିଷ୍କ ପ୍ରଦାହରେ ଆକ୍ରାନ୍ତ ହୋଇଥାନ୍ତି। କରୋନା ସମୟରେ ଯଦି ସିକ୍ୟୁଭି ଜନିତ ରୋଗ ବ୍ୟାପିଯାଏ ତା'ହେଲେ ସ୍ଥିତି ଅଧିକ ସଙ୍ଗିନ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ପୁଣେସ୍ଥିତ ଆଇସିଏମ୍ଆର ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଏନ୍ଆଇଭି)ର ୭ ଜଣ ଗବେଷକଙ୍କ ଅନୁଯାୟୀ, ଏହି ଭୂତାଣୁ ଚାଇନା ଓ ଭିଏତନାମର କ୍ୟୁଲେକ୍ସ ମଶା ଏବଂ ଘୁଷୁରି ଦେହରେ ଚିହ୍ନଟ କରାଯାଇଛି। ଭାରତରେ ସମାନ ପ୍ରକାରର କ୍ୟୁଲେକ୍ସ ମଶା ରହିଥିବାରୁ କ୍ୟାଟ୍ କ୍ୟୁ ଭାଇରସ୍ ଜନିତ ରୋଗ ବ୍ୟାପିପାରେ ବୋଲି ସେମାନେ କହିଛନ୍ତି।

ଏନ୍ଆଇଭିର ଗବେଷକମାନେ ବିଭିନ୍ନ ଭାରତୀୟ ରାଜ୍ୟରୁ ନିଆଯାଇଥିବା ୮୮୩ ମାନବ ସେରମ୍ ନମୁନା ମଧ୍ୟରୁ ଦୁଇଟିରେ ଏହି ଭୂତାଣୁଙ୍କ ପାଇଁ ଆଣ୍ଟିବଡି ପାଇଥିଲେ। ଏହା ସୂଚାଇ ଦିଏ ଯେ, ଲୋକମାନେ ଏହି ଭୂତାଣୁରେ ସଂକ୍ରମିତ ହୋଇଥିଲେ। କିନ୍ତୁ ଅନୁସନ୍ଧାନ ସମୟରେ ମାନବ କିମ୍ବା ପ୍ରାଣୀ ନମୁନାରେ ଏହି ଭୂତାଣୁ ମିଳି ନ ଥିଲା। ଆଇସିଏମ୍ଆର୍‌ର ଡାକ୍ତରୀ ପତ୍ରିକା ଆଇଜେଏମ୍ଆର ଅନୁଯାୟୀ, ଏହି ଦୁଇଟି ନମୁନା ୨୦୧୪ ଏବଂ ୨୦୧୭ରେ କର୍ନାଟକରୁ ନିଆଯାଇଥିଲା। ଆଇସିଏମଆର ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଏହି ଭୂତାଣୁ ବିସ୍ତାର ହୁଏ ତେବେ ଜନସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଇପାରେ।

ଆଇସିଏମ୍ଆର୍ କହିଛି ଯେ, ମାନବ ସେରମ୍ ନମୁନାରେ ଆଣ୍ଟି-ସିଭିସି ମିଳିବା ପରେ ଭାରତୀୟ ମଶାରେ ଏହାର ଆଚରଣ ବୁଝିବା ପାଇଁ ତିନୋଟି ଭିନ୍ନ ପ୍ରଜାତିର ସ୍କ୍ରିନିଂ କରାଯାଇଥିଲା। ଏହି ଅନୁସନ୍ଧାନରୁ ଜଣାପଡିଛି ଯେ, ଭାରତରେ ମିଳୁଥିବା ମଶାମାନେ ଏହି ଭୂତାଣୁ ପ୍ରତି ସମ୍ବେଦନଶୀଳ ଏବଂ ସହଜରେ ସଂକ୍ରମିତ ହୋଇପାରନ୍ତି। ଏହି ମଶାମାନେ ଘୁଷୁରି ଏବଂ ମଣିଷକୁ ମଧ୍ୟ ସଂକ୍ରମଣ ବିସ୍ତାର କରିପାରନ୍ତି।

ସିକ୍ୟୁଭିର ପ୍ରାକୃତିକ ଧାରକ ହେଉଛି ଏକ ମଶା। ସେହିପରି ☞ପୃଷ୍ଠା-୧୦

# ୩୦% ପର୍ଯ୍ୟନ୍ତ କମିପାରେ ସ୍କୁଲ ଫି'

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

**ରାୟ ସଂରକ୍ଷିତ ରଖିଲେ ହାଇକୋର୍ଟ**

- ରିପୋର୍ଟ ଦାଖଲ କଲା କମିଟି
- ୭ଟି ସ୍ଲାବ୍‌ରେ ଫି' କମାଇବାକୁ ସୁପାରିସ



ଅଭିଭାବକଙ୍କ ପାଇଁ ଆସିଛି ଖୁସି ଖବର। ୩୦% ପର୍ଯ୍ୟନ୍ତ ସ୍କୁଲ ଫି' କମାଇବା ପାଇଁ ସରକାର ରାଜି ଥିବା ଜଣାପଡିଛି। ମଙ୍ଗଳବାର ହାଇକୋର୍ଟରେ ଘରୋଇ ସ୍କୁଲ ଫି' ଛାଡ଼ ସମ୍ପର୍କିତ ମାମଲାର ଶୁଣାଣି ଶେଷ ହୋଇଛି। ହାଇକୋର୍ଟ ତାଙ୍କ ରାୟ ସଂରକ୍ଷିତ ରଖିଛନ୍ତି। ତେବେ ସରକାରଙ୍କ ପକ୍ଷରୁ ଗଠିତ କମିଟି ଦାଖଲ କରିଥିବା ରିପୋର୍ଟରେ ୦%ରୁ ୩୦% ପର୍ଯ୍ୟନ୍ତ ଫି' ଛାଡ଼ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହାକୁ ହାଇକୋର୍ଟ ଖଣ୍ଡପୀଠ ମଧ୍ୟ ଗ୍ରହଣ କରିଛନ୍ତି। ଏହା ଉପରେ ଯଦି କାହାର କିଛି ଆପତ୍ତି ଥାଏ ତେବେ ଲିଖିତ ଭାବେ କୋର୍ଟରେ ଜଣାଇବାକୁ କୁହାଯାଇଛି। ଅଦାଲତ ରାୟ ସଂରକ୍ଷିତ ରଖିଥିବାରୁ ପରପର୍ତ୍ତୀ ସମୟରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇବ।

୭ଟି ସ୍ଲାବ୍‌ରେ ସ୍କୁଲ ଫି' କମାଇବା ପାଇଁ କମିଟି ସୁପାରିସ କରିଛି। ବାର୍ଷିକ ୬ ହଜାର ଟଙ୍କା ପର୍ଯ୍ୟନ୍ତ ଫି' ନେଉଥିବା ସ୍କୁଲର କୌଣସି ଫି' କମିବ ନାହିଁ। ୬ରୁ ୧୨ ହଜାର ଟଙ୍କା ଯାଏ ୭.୫%, ୧୨ରୁ ୨୪ ହଜାର ଯାଏ ୧୨% କମିବ। ସେହିପରି ୨୪ରୁ ୪୮ ହଜାର ଟଙ୍କା ପର୍ଯ୍ୟନ୍ତ ୧୫%, ୪୮ରୁ ୭୨ ହଜାର ଯାଏ ୨୦%, ୭୨ରୁ ୧ ଲକ୍ଷ ଯାଏ ୨୫%, ୧ ଲକ୍ଷରୁ ଅଧିକ ପାଇଁ ୨୬% ଫି' କମିବ। ରେସିଡେନ୍ସିଆଲ ସ୍କୁଲ୍‌ଗୁଡ଼ିକରେ ୩୦% ଫି' ହ୍ରାସ ହେବ। ଏଥିସହିତ ଆନ୍‌ସିଲାରୀ ଫି' ଯେପରିକି ସେଶନ ଫି, ଆନୁଆଲ ଫି' ଆଦିକୁ ସମ୍ପୂର୍ଣ୍ଣ ଛାଡ଼ କରିବାକୁ କମିଟି ସୁପାରିସ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ପୂର୍ବରୁ ଏହି ମାମଲାରେ ଏକ କମିଟି ଗଠନ କରି ନିଷ୍ପତ୍ତି ନେବାକୁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଥିବାବେଳେ ଏଥିରେ ସରକାରୀ ଅଧିକାରୀଙ୍କ ସମେତ ଅଭିଭାବକ ମହାସଂଘ ସଦସ୍ୟ, ସ୍କୁଲ ସଂଘ ଓ ଶିକ୍ଷକ ସଂଘର ସଦସ୍ୟମାନେ ରହିଥିଲେ। ସମସ୍ତଙ୍କୁ ☞ପୃଷ୍ଠା-୧୦



ଅଭିନେତା ଅକ୍ଷତ ଉତ୍କର୍ଷ ମୁମ୍ବାଇର ଅନ୍ଧେରୀସ୍ଥିତ ବାସଭବନରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୁମ୍ବାଇ ପୋଲିସ ଏନେଇ ମାମଲା ରୁଜୁକରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ଅକ୍ଷତଙ୍କ ମରଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିହାରର ମୁଜାଫରପୁର ନିବାସୀ ଅକ୍ଷତଙ୍କ ମରଶରୀର ରବିବାର ଉଦ୍ଧାର କରାଯାଇଥିଲା। ତେବେ ଅକ୍ଷତଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

# ୧୯୫୯ରେ ଏଲ୍‌ଏସିକୁ ଗ୍ରହଣ କରାଯିବନି

## ଚାଇନାକୁ ଭାରତର ମୁହଁତୋଡ଼ ଜବାବ

**ନୂଆଦିଲ୍ଲୀ,୨୯।୯**

ଏଲ୍‌ଏସିକୁ ନେଇ ଭାରତ-ଚାଇନା ମଧ୍ୟରେ ବିବାଦ ଗୁରୁତର ରୂପ ଧାରଣ କରିଥିବାବେଳେ ୧୯୫୯ର ଏକପାଖିଆ ସୀମା ନିର୍ଦ୍ଧାରଣକୁ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଭାରତ ମଙ୍ଗଳବାର ସ୍ପଷ୍ଟ କରିଛି। ପ୍ରକୃତ ସୀମାରେଖାକୁ ସମ୍ମାନ ଜଣାଇବା ଓ କୌଣସି ଦୁଃସାହସ ନ କରିବା ଲାଗି ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ ଚେତାଇ ଦେଇଛନ୍ତି। ଚାଇନାର ବୈଦେଶିକ ମନ୍ତ୍ରୀ ୧୯୫୯ ସୀମା କଥା କହି ସ୍ଥିତିରକ୍ଷା ଉପରେ ଗୁରୁତ୍ୱ ଦେଇଥିବାବେଳେ ଭାରତ ମୁହଁତୋଡ଼ ଜବାବ ଦେଇ ଏହାକୁ ଗ୍ରହଣ କରାଯାଇ ନ ଥିଲା ବୋଲି କହିଛନ୍ତି। ଦୀର୍ଘ ୫ ମାସକାଳ ପୂର୍ବ ଲଦାଖରେ ସୀମାକୁ ନେଇ ଉତ୍ତେଜନା ଲାଗି ରହିଥିବାବେଳେ ଭାରତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି।



ଅନୁରାଗ ଶ୍ରୀବାସ୍ତବ

ପ୍ରକାଶଥାଉ କି, ୧୯୫୯ରେ ଚାଇନାର ଝୋଉ ଏନ୍‌ଲାଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କୁ ଏଲ୍‌ଏସି ସ୍ଥିତାବସ୍ଥା ନେଇ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଶ୍ରୀବାସ୍ତବ ୧୯୯୩ ଓ ୨୦୦୫ ଶାନ୍ତିଚୁକ୍ତି ସମେତ ବିଭିନ୍ନ ଦ୍ୱିପାକ୍ଷିକ ବୁଝାମଣା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏଲ୍‌ଏସି ଦ୍ୱନ୍ଦ୍ୱ ଦୂର ଲାଗି ଆପୋସ ବୁଝାମଣା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏମିତିକି ନଭେମ୍ବର ୧୦ରେ ଦୁଇ ଦେଶର ବହିର୍ବ୍ୟାପାର ମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ସମ୍ପର୍କରେ ମଧ୍ୟ ସେ କହିଛନ୍ତି। ଗତ କିଛିମାସ ମଧ୍ୟରେ ଚାଇନା ସେନାର ଅନୁପ୍ରବେଶକୁ ସେ ସମାଲୋଚନା କରିଛନ୍ତି। ଚାଇନା ସମସ୍ତ ଚୁକ୍ତିକୁ ମାନି ପ୍ରକୃତ ସୀମା ନିର୍ଦ୍ଧାରଣ କ୍ଷେତ୍ରରେ ସହଯୋଗ କରିବା ସହ ଅନୁପ୍ରବେଶ ଉଦ୍ୟମରୁ ଦୂରେଇ ରହୁ ବୋଲି ଶ୍ରୀବାସ୍ତକ ପ୍ରକାଶ କରିଛନ୍ତି।

ସେପଟେ ବାୟୁସେନା ମୁଖ୍ୟ ମାର୍ଶାଲ ଆର୍. କେ. ଏସ୍. ଭଦୌରିଆ ଲଦାଖ ସୀମାରେ ସ୍ଥିତି ଶାନ୍ତିପୂର୍ଣ୍ଣ ନାହିଁ କି ଯୁଦ୍ଧସମ ନାହିଁ ବୋଲି କହିଛନ୍ତି। ଏଲ୍‌ଏସିରେ ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ଭାରତୀୟ ସେନା ପୂର୍ଣ୍ଣ ପ୍ରସ୍ତୁତ ଥିବା ସେ ପ୍ରକାଶ କରିଛନ୍ତି। ସୀମାରେ ବାୟୁସେନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ରାଫାଲ ଲଢୁଆ ବିମାନ, ସି-୧୭, ଚିନୁକ୍, ଆପାଚେ ଆଟାକ୍ ହେଲିକପ୍ଟର ପ୍ରତିଟି ଚ୍ୟାଲେଞ୍ଜକୁ ଅପେକ୍ଷା କରିଛନ୍ତି। ଆଗାମୀ ୨ ଦଶନ୍ଧି ମଧ୍ୟରେ ୪୫୦ ହେଲିକପ୍ଟର କ୍ରୟ କରାଯିବାର ଆବଶ୍ୟକତା ରହିଥିବା ସେ ମତ ଦେଇଛନ୍ତି। ଲଦାଖ ଓ ଏହାର ଆଖପାଖ ପାର୍ବତ୍ୟାଞ୍ଚଳରେ ବାୟୁସେନା ସଜାଗ ରହିବା ସହ ପଇଁତରା ମାରୁଛି। ଚାଇନାର ଯେକୌଣସି ଚାଲ୍‌କୁ ସାମ୍ନାକରିବା ଲାଗି ସେନା ପ୍ରସ୍ତୁତ ଥିବା ସେ କହିଛନ୍ତି।





ମହାମାରୀ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଦୁର୍ଗାପୂଜା ଲାଗି କୋଲକାତାର ଏକ ବଜାରରେ ମଙ୍ଗଳବାର ଲୋକଙ୍କ ଭିଡ଼।

## ଗିଲ୍‌ଗିଟ୍-ବେଲୁଚିସ୍ତାନ ନିର୍ବାଚନକୁ ଭାରତର ବିରୋଧ

**ଜେନେଭା, ୨୯।୯:** ପାକିସ୍ତାନ ପକ୍ଷରୁ ଗିଲ୍‌ଗିଟ୍-ବେଲୁଚିସ୍ତାନରେ ନିର୍ବାଚନ କରାଯିବା ଲାଗି ଘୋଷଣା କରାଯାଇଥିବାବେଳେ ଏହାକୁ ଭାରତ ପକ୍ଷରୁ ବିରୋଧ କରାଯାଇଛି। ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହା ସମ୍ପୂର୍ଣ୍ଣଭାବେ ମାନବାଧିକାରର ଉଲ୍ଲଂଘନ ବୋଲି କୁହାଯାଇଛି। ୧୯୪୭ ସୀମା ପରିଗ୍ରହଣ ନିଷ୍ପତ୍ତି ଅନୁସାରେ ଜମ୍ମୁ-କଶ୍ମୀର, ଲଦାଖ, ଗିଲ୍‌ଗିଟ୍-ବଲ୍ଟିସ୍ତାନ ଭାରତର ଅଂଶ ବିଶେଷ। ତେବେ ଏଠାରେ ପାକିସ୍ତାନ ୨୦୨୦ ନଭେମ୍ବର ୧୫ରେ ନିର୍ବାଚନ କରାଇବାକୁ ଯୋଜନା କରିଛି। ଜାତିସଂଘରେ ଏକ ମନ୍ତ୍ରିସ୍ତରୀୟ ବୈଠକରେ ଏହି ପ୍ରସଙ୍ଗ ଭାରତ ପକ୍ଷରୁ ବହିର୍ବ୍ୟାପାର ସଚିବ ବିଜୟା ଠାକୁର ସିଂ ଉପସ୍ଥାପନ କରିଛନ୍ତି। ଏହା ଦ୍ୱାରା ପାକିସ୍ତାନ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରୁଥିବା ସେ ଅଭିଯୋଗ କରିଛନ୍ତି। ପାକିସ୍ତାନ ଏସବୁ ଅଞ୍ଚଳ ଶୀଘ୍ର ଖାଲି କରିବା ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି।

## ବାବ୍ରି ମସ୍‌ଜିଦ ଭଙ୍ଗା ମାମଲାର ରାୟ ଆଜି

**ନୂଆଦିଲ୍ଲୀ, ୨୯।୯**



ବାବ୍ରି ମସଜିଦ୍ ଭଙ୍ଗା ମାମଲାର ରାୟ ବୁଧବାର ଆସିବ। ମସଜିଦ୍ ଭଙ୍ଗା ପାଇଁ ଷଡ଼ଯନ୍ତ୍ର ହୋଇଥିଲା ନା କରସେବକଙ୍କ ମଧ୍ୟରେ ଦୀର୍ଘଦିନ ଧରି ସୃଷ୍ଟି ହୋଇଥିବା କ୍ରୋଧ ଯୋଗୁ ଏଭଳି ହୋଇଥିଲା, ଏହାର ଫଇସଲା କୋର୍ଟ କରିବେ। ଶହ ଶହ ସଂଖ୍ୟାରେ କରସେବକ ଯୋଗଦେବାରୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା ବୋଲି ଉତ୍ତରପ୍ରଦେଶର ତତ୍କାଳୀନ ଭାଜପା ସରକାର କୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ଏନେଇ ଲକ୍ଷ୍ନୌସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟ ପକ୍ଷରୁ ଲାଲ୍‌କୃଷ୍ଣ ଆଡଭାନୀ, ମୁରଲୀ ମନୋହର ଜୋଷୀ, କଲ୍ୟାଣ ସିଂ, ବିନୟ କଟିଆର, ମହନ୍ତ ନୃତ୍ୟ ଗୋପାଳ ଦାସ, ସାଧ୍ୱୀ ରିତମ୍ବରା, ଉମା ଭାରତୀଙ୍କ ସମେତ ୩୨ ଜଣ ଅଭିଯୁକ୍ତଙ୍କୁ ଉପସ୍ଥିତ ରହିବାକୁ ସେପ୍ଟେମ୍ବର ୧୬ରେ ନୋଟିସ୍ ଜାରି ହୋଇଥିଲା। ଏହି ମାମଲାରେ ୪୯ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୧୭ ଜଣଙ୍କ ମୃତ୍ୟୁ ଘଟି ସାରିଛି। ୨୮ ବର୍ଷ ତଳେ ୧୯୯୨ ଡିସେମ୍ବର ୬ରେ ଅଭିଯୁକ୍ତମାନେ ବାବ୍ରି ମସଜିଦ୍‌ଭଙ୍ଗାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ସ୍ପେଶାଲ ସିବିଆଇ କୋର୍ଟ ବିଚାରପତି ସୁରେନ୍ଦ୍ର କୁମାର ଯାଦବ ଏନେଇ ନୋଟିସ ଜାରି କରିଥିଲେ। ତେବେ ଉମା ଭାରତୀ କରୋନା ପଜିଟିଭ୍ ଥିବାରୁ ସେ କୋର୍ଟରେ ଉପସ୍ଥିତ ରହି ପାରିବେନି ବୋଲି କୁହାଯାଉଛି।

## କାଳାପାନିରେ ନେପାଳ ନିର୍ମାଣ କରୁଛି ମିଲିଟାରି ବାରାକ୍

**କାଠମାଣ୍ଡୁ/ନୂଆଦିଲ୍ଲୀ, ୨୯।୯**

ସୀମା ବିବାଦରୁ ଭାରତ ଓ ଚାଇନା ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଏପରିସ୍ଥଳେ ଭାରତ ଏବଂ ଚାଇନା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ନେପାଳର କାର୍ଯ୍ୟଧାରାରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଏବେ ନେପାଳ ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। କାଳାପାନି ଅଞ୍ଚଳରେ ନେପାଳ ମିଲିଟାରି ବାରାକ୍ ନିର୍ମାଣ ଜାରି ରଖିଛି। ଏହାର ଶିଳାନ୍ୟାସ ଗତ ସପ୍ତାହରେ କରାଯାଇଛି। ଏହା ଭାରତର ଉତ୍ତରାଖଣ୍ଡ ସୀମାକୁ ଲାଗିଛି। ଏଠାରେ ସ୍ଥାୟୀ ଭାବେ ନେପାଳୀ ସୈନ୍ୟଙ୍କୁ ମୁତୟନ କରିବା ଲାଗି ଏଭଳି କରାଯାଉଛି। ନେପାଳ କାଳାପାନି, ଲିପୁଲେଖ ଏବଂ ଲିମ୍ପିଆଧୁରା ଅଞ୍ଚଳକୁ ନିଜର ବୋଲି ଦାବି କରିଆସୁଛି। ଏନେଇ ନେପାଳ ନିଜର ନୂଆ ନକ୍ସା ମଧ୍ୟ ଜାରି କରି ସାରିଛି। ତେବେ ଏହି ଅଞ୍ଚଳଗୁଡ଼ିକ ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲାରେ ରହିଛି। କାଳାପାନିଠାରୁ ୧୩ କିଲୋମିଟର ଦୂର ଚଙ୍ଗୁରରେ ବାରାକ୍ ନିର୍ମାଣ କରାଯାଉଥିବା କୁହାଯାଉଛି।

## ୫୨୧ କୋଟିର ୬ ପ୍ରକଳ୍ପ ଉଦ୍‌ଘାଟିତ

### ନମାମି ଗଙ୍ଗେ ମିଶନ

**ହରିଦ୍ୱାର, ୨୯।୯**

ନମାମି ଗଙ୍ଗେ ମିଶନ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉତ୍ତରାଖଣ୍ଡରେ ୬ ମେଗା ପରିଯୋଜନା ପ୍ରକଳ୍ପର ଲୋକାର୍ପଣ ଭିଡିଓ କନଫରେନ୍ସ ମାଧ୍ୟମରେ କରିଛନ୍ତି। ଏହା ସହ ବିଭିନ୍ନ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ମଧ୍ୟ ସେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉତ୍ତରାଖଣ୍ଡ ରାଜ୍ୟପାଳ ବେବିରାଣୀ ମୌର୍ଯ୍ୟ, ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ୍, କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍, ରମେଶ ପୋଖରିୟାଲ ନିଶାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

ହରିଦ୍ୱାରର ଜଗଜିତ୍‌ପୁରରେ ୬୮ ନିୟୁତ ଲିଟର ଜଳ ବିଶୋଧନ କରାଯିବାର ପ୍ରକଳ୍ପ ରହିଛି। ସେହିପରି ଋଷିକେଶର ଲକ୍କଡ଼ଘାଟରେ ୨୬ ନିୟୁତ ଲିଟର ଜଳ ଶୋଧନ କରାଯିବ। ଚନ୍ଦ୍ରଶ୍ୱରନଗରରେ ୭.୫ ନିୟୁତ, ଚୋରପାନିରେ ୫ ନିୟୁତ ଲିଟର ଜଳ ଶୋଧନ ପ୍ରକଳ୍ପ ମଧ୍ୟ ଏଥିରେ ରହିଛି। ଏହା ସହିତ ଜଗଜିତ୍‌ପୁରରେ ୨୭ ନିୟୁତ ଲିଟର ଜଳ ଶୋଧନ ପ୍ରକଳ୍ପର ନବୀକରଣ କରାଯାଇଛି। ସେହିପରି ସରାୟରେ ମଧ୍ୟ ୧୮ ନିୟୁତ ଲିଟର ଜଳ ଶୋଧନ ପ୍ରକଳ୍ପର ନବୀକରଣ ହୋଇଛି। ଏହା ସହିତ ମୋଦି ଜଳ ଜୀବନ ମିଶନର ଲୋଗୋ ଲୋକାର୍ପଣ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ପ୍ରତିଘରେ ଶୁଦ୍ଧ ପିଇବା ପାଣି ପହଞ୍ଚିବ। ପୂର୍ବରୁ ଗଙ୍ଗା ସଫେଇ କାର୍ଯ୍ୟରେ ଅନେକ ଟଙ୍କା ଖର୍ଚ୍ଚ ହୋଇଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ତେବେ ଏବେ ସାଧାରଣ ଲୋକଙ୍କ ଅସୁବିଧା ଦୂର ହୋଇପାରିବ ବୋଲି ମୋଦି କହିଛନ୍ତି। ପ୍ରତିଘରକୁ ଟଙ୍କାଏରେ ପିଇବା ପାଣି ସଂଯୋଗ ସୁବିଧା ଯୋଗାଇ ଦିଆଯିବ। ପୂର୍ବରୁ ୧୩୦ ନର୍ଦ୍ଦମା ପାଣି ଗଙ୍ଗାରେ ମିଶୁଥିଲା। ଏବେ ଏସବୁକୁ ବନ୍ଦ କରି ଦିଆଯାଇଛି। ନମାମି ଗଙ୍ଗେ ମିଶନ ପାଇଁ ୩୦ ହଜାର କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।



ନରେନ୍ଦ୍ର ମୋଦି

# ଫୁର୍‌ସତ୍

## ମସ୍ତି କରୁଛନ୍ତି ପ୍ରିୟା

**ମୁମ୍ବାଇ:** ମାଲୟାଲାମ ଅଭିନେତ୍ରୀ ପ୍ରିୟା ପ୍ରକାଶ ୱାରିୟର ନିଜର ଖାସ୍ ଅନ୍ଦାଜ୍‌କୁ ନେଇ ସର୍ବଦା ଚର୍ଚ୍ଚାରେ ରହିଆନ୍ତି। ତାଙ୍କର ଫଟୋ ହେଉ କିମ୍ବା ଭିଡିଓ ସୋସିଆଲ ମିଡିଆରେ ଖୁବ ଭାଇରାଲ ମଧ୍ୟ ହୋଇଥାଏ। ଏବେ ମଧ୍ୟ ପ୍ରିୟା ପ୍ରକାଶଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଦର୍ଶକଙ୍କ ମୁହଁରେ ଖୁବ୍ ହସ ଆଣିଦେଇଛି। ଏହି ଭିଡିଓରେ ପ୍ରିୟା ନିଜ ସାଙ୍ଗମାନଙ୍କ ସହ ମସ୍ତି କରୁଥିବାର ନଜର ଆସିଛନ୍ତି। କିନ୍ତୁ ମସ୍ତି କରୁ କରୁ ଏସବୁ ମଧ୍ୟରେ ଗୋଡ଼ରେ ଟେକି ଧରିଥିବା ପାଣି ଟବ୍ ସମସ୍ତଙ୍କ ଉପରେ ପଡିଯାଉଛି। ଯାହାର ଭିଡିଓକୁ ପ୍ରିୟା ନିଜର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର୍ କରିଛନ୍ତି। ଏହି ଭିଡିଓରେ ଦେଖିବାକୁ ମିଳିଛି ପ୍ରିୟା ତାଙ୍କ ସାଙ୍ଗମାନଙ୍କ ସହ ମିଶି ଗୋଡ଼ରେ ପାଣି ଭର୍ତ୍ତି ହୋଇଥିବା ଟବ୍‌କୁ ଟେକି ଧରିଛନ୍ତି। ଏଥିରେ ସମସ୍ତେ ଜଣ ଜଣ କରି ପାଦରୁ ସକ୍ସ ବାହାର କରୁଛନ୍ତି। ପ୍ରଥମ ରାଉଣ୍ଡରେ ସମସ୍ତେ ବାଲାନ୍ସ ରଖି ଜଣ ଜଣ କରି ପାଦରୁ ମୋଜା ବାହାର କରିଥିଲେ କିନ୍ତୁ ଯେତେବେଳେ ଅନ୍ୟ ଏକ ପାଦରୁ ମୋଜା ବାହାର କରାଯାଇଥିଲା, ସେତେବେଳେ ବାଲାନ୍ସ ନ ରହି ପାଣି ଭର୍ତ୍ତି ଟବ୍ ସେମାନଙ୍କ ଉପରେ ପଡ଼ିଗଲା। ପ୍ରିୟା ପ୍ରକାଶଙ୍କ ଏହି ଭିଡିଓକୁ ଲାଇକ୍ ସହ ବର୍ତ୍ତମାନ ପର୍ଯ୍ୟନ୍ତ ୪ ଲକ୍ଷରୁ ଅଧିକ ଥର ଦେଖାଯାଇସାରିଛି।



ପ୍ରିୟା ପ୍ରକାଶ ୱାରିୟର

# ଅନୁବାଦର ଅଭିବ୍ୟକ୍ତି ଅନନ୍ୟ

'ଚାରି କୋଶରେ ପାଣି, ଆଠ କୋଶରେ ବାଣୀ'। ବିବିଧ ସଂସ୍କୃତିରେ ଭରପୂର ଭାରତୀୟ ସମାଜ ଉଦ୍ଦେଶ୍ୟରେ କୁହାଯାଇଥିବା ଏହି ବହୁ ପ୍ରଚଳିତ ରୂଢ଼ିରୁ ଦେଶରେ ପ୍ରଚଳିତ ବହୁବିଧ ଭାଷା ଏବଂ ପରିବେଶ ବିଷୟରେ ଧାରଣା ମିଳେ। ଭାରତୀୟ ଉପମହାଦେଶରେ ୧୬୦୦ରୁ ଊର୍ଦ୍ଧ୍ୱ ଏବଂ ପୃଥିବୀରେ ୭୧୧୭ କଥିତ ଓ ଲିଖିତ ଭାଷା ପ୍ରଚଳିତ। ସାହିତ୍ୟ, ଇତିହାସ ଏବଂ ଲେଖାକୁ ଭିନ୍ନ ଭାଷାରେ ରୂପାନ୍ତର କରାଗଲେ ପାରସ୍ପରିକ ସହଯୋଗ ବଢ଼ିବ। ଲୋକମାନେ ଅନ୍ୟର ଭାବନା ଜାଣିପାରିବେ। ଖାସ୍ ଏହି କାରଣରୁ ଅନୁବାଦର ଅନନ୍ୟ ଅଭିବ୍ୟକ୍ତିକୁ ପରିବ୍ୟାପ୍ତ କରିବାକୁ ପ୍ରତିବର୍ଷ ସେପ୍ଟେମ୍ବର ୩୦କୁ ଇଣ୍ଟରନ୍ୟାଶନାଲ ଟ୍ରାନ୍ସଲେଶନ ଡେ' ଭାବେ ପାଳନ କରାଯାଉଛି।

**ଅ**ନୁବାଦର ଗୁରୁତ୍ୱ ଉପଲବ୍ଧି କରି ମିଳିତ ଜାତିସଂଘ ସାଧାରଣ ଅଧିବେଶନରେ ୨୦୧୭ ମେ ୨୪ରେ ଏକ ସଂକଳ୍ପ ପାରିତ ହୋଇଥିଲା। ତଦନୁଯାୟୀ ପ୍ରତିବର୍ଷ ସେପ୍ଟେମ୍ବର ୩୦କୁ ଅନ୍ତର୍ଜାତୀୟ ଅନୁବାଦ ଦିବସ (ଇଣ୍ଟର ନ୍ୟାଶନାଲ ଟ୍ରାନ୍ସଲେଶନ ଡେ') ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହାର ବହୁ ପୂର୍ବରୁ ୧୯୫୩ରୁ ଅନୁବାଦ ସମ୍ପର୍କିତ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଲାଗି 'ଇଣ୍ଟରନ୍ୟାଶନାଲ ଫେଡରେଶନ ଅଫ୍ ଟ୍ରାନ୍ସଲେଟର୍ସ' କାର୍ଯ୍ୟ କରିଆସୁଛି।

### ଆଜି ଇଣ୍ଟରନ୍ୟାଶନାଲ ଟ୍ରାନ୍ସଲେଶନ ଡେ'



ବାଇବେଲ୍‌ର ପ୍ରସିଦ୍ଧ ଅନୁବାଦକ ଏବଂ ସଂରକ୍ଷକ ସେଣ୍ଟ. ଜେରୋମ୍‌ଙ୍କ ସ୍ମୃତିରେ ପ୍ରତିବର୍ଷ ପାଳନ କରାଯାଉଛି ଅନୁବାଦ ଦିବସ। ଅନୁବାଦକ, ଅନୁବାଦ ସଂସ୍ଥା, ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଉତ୍ସାହିତ କରାଇବା ଲାଗି ଏହି ଦିବସ ବେଶ୍ ମହତ୍ତ୍ୱପୂର୍ଣ୍ଣ। ଏହି ଅବସରରେ ଅନ୍ତର୍ଜାତୀୟସ୍ତରରେ ସେମିନାର, ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏଥିସହ ଅନୁବାଦର ସ୍ଥିତି, ମହତ୍ତ୍ୱ, ନୂଆ କୌଶଳ, ସମ୍ଭାବନା, ଇତିହାସ ଏବଂ ଭବିଷ୍ୟତ ଉପରେ ଚର୍ଚ୍ଚା କରାଯାଇଥାଏ। ଚଳିତ ବର୍ଷ ଅନୁବାଦ ଦିବସର ଥିମ୍ ରହିଛି ' ବିଶ୍ୱ ସଙ୍କଟରେ ଶବ୍ଦ ଖୋଜିବା'।

କୌଣସି ଭାଷାକୁ ହରାଇଦେବା ବଡ଼ କ୍ଷତି। ଭାଷାର ବିଲୁପ୍ତି ସହ ଲୁପ୍ତ ହୋଇଯାଏ ଏକ ସଂସ୍କୃତି ଏବଂ ଅମାପ ଜ୍ଞାନ। ହେଲେ ଅନୁବାଦ ମାଧ୍ୟମରେ ଗୋଟିଏ ଭାଷା ଭିନ୍ନ ଭାବେ ଜନମାନସରେ ତିଷ୍ଠି ରହେ। ଦେଶୀୟ ଭାଷାଗୁଡ଼ିକୁ ବଞ୍ଚାଇବା ଲାଗି ଅନୁବାଦ ଅତିମାତ୍ରାରେ ଗୁରୁତ୍ୱପୂର୍ଣ୍ଣ। ଜଣେ ଅନୁବାଦକ କଲ୍‌ଚରାଲ ଆମ୍ବାସାଡାର ଭାବେ ନୀରବରେ ଏହି କାର୍ଯ୍ୟ କରି ଚାଲିଥାଏ।

ଅନୁବାଦର ଇତିହାସ ବେଶ୍ ପୁରୁଣା। ଧାର୍ମିକ ଗ୍ରନ୍ଥର ପ୍ରଚାର ପ୍ରସାରରୁ ଏହାର ଆରମ୍ଭ ହୋଇଥିଲା। ହେଲେ ପରିବର୍ତ୍ତିତ ସମୟ ସହ ତାଳଦେଇ ଏହାର ରୂପରେଖ ମଧ୍ୟ ବଦଳିଛି। ଏବେ ଅନୁବାଦ କେବଳ ଧର୍ମୀୟ ଗ୍ରନ୍ଥ ମଧ୍ୟରେ ସୀମିତ ନ ରହି ଅନ୍ୟ ବିଭାଗକୁ ପରିବ୍ୟାପ୍ତ ହୋଇଛି। ସଭ୍ୟତା, ସଂସ୍କୃତି, ବାଣିଜ୍ୟ, ବ୍ୟବସାୟ, ପର୍ଯ୍ୟଟନ, ସଫ୍ଟୱେର, ରେଡିଓ, ଟେଲିଭିଜନ, ଇଣ୍ଟରନେଟ, ସାଟେଲାଇଟ୍ ସମେତ ଅଧିକାଂଶ କ୍ଷେତ୍ରକୁ ଏହା ଛୁଇଁଛି। ଏବେ କୌଣସି ବ୍ୟକ୍ତି ଦାବି କରିପାରିବେନି ଯେ, ସେ ସମ୍ପୂର୍ଣ୍ଣ ରୂପେ ଏସୀୟ, ଆଫ୍ରିକୀୟ, ଆମେରିକୀୟ, ୟୁରୋପୀୟ କିମ୍ବା ଭାରତୀୟ ସଂସ୍କୃତିର। ସାଂସ୍କୃତିକ ବିଭେଦତା ଦୂର କରିବା ଏବଂ ବିଶ୍ୱଗ୍ରାମ ପରିକଳ୍ପନାକୁ ସାକାର ରୂପ ଦେଉଛି ଅନୁବାଦ। ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଇଣ୍ଟରନେଟ୍ ଏବଂ ଗଣମାଧ୍ୟମ। ପକ୍ଷୀ, ନଦୀ ଭଳି ଅନୁବାଦର ସୀମା ସରହଦ ନାହିଁ। ଜଣେ ନିଜ ଦେଶର ସୀମା ଡେଇଁବା କ୍ଷଣି ଅନ୍ୟ ଦେଶର ଭାଷା ଓ ସଂସ୍କୃତିକୁ ଜାଣିବା ଲାଗି ଅନୁବାଦର ଆବଶ୍ୟକତା ଅନୁଭବ କରେ। ଭାରତ ଭଳି ବିଶାଳକାୟ ଦେଶରେ ଅନୁବାଦ ମାଧ୍ୟମରେ ଖବର ପ୍ରସାରଣ ହୋଇଥାଏ। ପୂର୍ବରୁ ଅନୁବାଦକୁ କେବଳ ଭାଷାର ରୂପାନ୍ତର ବୋଲି ବିବେଚନା କରାଯାଉଥିଲା। ହେଲେ ବିଂଶଶତାବ୍ଦୀର ଅନ୍ତିମ ଚରଣରେ ଏହି ମାନସିକତା ବଦଳିଛି। ଏବେ ଅନୁବାଦକୁ ସାଂସ୍କୃତିକ ତଥା ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟ ବୋଲି ମନେକରାଯାଉଛି।

### ବଢ଼ିଛି ଆବଶ୍ୟକତା

- ଏକବିଂଶ ଶତାବ୍ଦୀ ଅନୁବାଦର ଶତାବ୍ଦୀ। ଆଧୁନିକ ସମୟରେ ଅନୁବାଦ ବିନା ଜୀବନର ପରିକଳ୍ପନା କରାଯାଇ ନ ପାରେ।
- ଗୁଗଲ, ମାଇକ୍ରୋସଫ୍ଟ, ଆମାଜନ, ଫ୍ଲିପ୍‌କାର୍ଟ, ଆଲିବାବା ଭଳି ପ୍ରତିଷ୍ଠିତ କମ୍ପାନୀ ଭାଷାଗତ ସମସ୍ୟା ଏଡ଼ାଇ ବିଭିନ୍ନ ଦେଶରେ ସେବା ଓ ସାମଗ୍ରୀ ପହଞ୍ଚାଇବାକୁ ଅନୁବାଦର ସହାୟତା ନେଉଛନ୍ତି।
- ଏକବିଂଶ ଶତାବ୍ଦୀରେ ଦେଶ-ଦେଶ ମଧ୍ୟରେ ନିର୍ଭରଶୀଳତା ବଢ଼ିଛି। ନାଗରିକଙ୍କୁ ଆବଶ୍ୟକ ସାଧନ ଯୋଗାଇ ଦେବାକୁ ହେଲେ ଅନ୍ୟ ଦେଶର ଭାଷାସହ ପରିଚିତ ହେବାକୁ ପଡ଼ିବ। ଏଥିଲାଗି ଅନୁବାଦର ମହତ୍ତ୍ୱ ବଢ଼ିଛି।
- ବିଶ୍ୱରେ ନେତାମାନେ ଅନ୍ୟଦେଶର କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି। ସେମାନେ ସେଠାକାର ଭାଷା ଜାଣିବାକୁ ଅନୁବାଦକଙ୍କ ସହାୟତା ନେବା ଏକ ସାଧାରଣ ଘଟଣା।
- କେନ୍ଦ୍ର ସାହିତ୍ୟ ଏକାଡେମୀ, ନ୍ୟାଶନାଲ ବୁକ୍ ଟ୍ରଷ୍ଟ, ପ୍ରକାଶନ ବିଭାଗ, ରାଷ୍ଟ୍ରୀୟ ଅନୁବାଦ ମିଶନ, କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ, ହିନ୍ଦୀ ଗ୍ରନ୍ଥ ଏକାଡେମୀ ଅନୁବାଦ କ୍ଷେତ୍ରରେ ଅଗ୍ରଣୀ ଭୂମିକା ତୁଲାଉଛନ୍ତି।
- ଅନ୍ୟ ଭାଷାକୁ ବୁଝିବା ଲାଗି ଏବେ ଅନେକ ସଫ୍ଟୱେର ବିକଶିତ ହେଲାଣି। ସର୍ଚ୍ଚ ଇଞ୍ଜିନ ଗୁଗଲ, ମାଇକ୍ରୋସଫ୍ଟ ଭଳି ପ୍ରତିଷ୍ଠିତ କମ୍ପାନୀ ୟୁଜର୍ସଙ୍କୁ ଅନୁବାଦ ସୁବିଧା ଦେଲେଣି।

## ମଙ୍ଗଳରେ ପାଣିର ସନ୍ଧାନ

**ୱାଶିଂଟନ:** ମଙ୍ଗଳ ଗ୍ରହରେ ପାଣିର ସନ୍ଧାନ ମିଳିଛି। ଏନେଇ ନାସାର ମହାକାଶ ବିଜ୍ଞାନୀ ସୂଚନା ଦେଇଛନ୍ତି। ମଙ୍ଗଳରେ ୩ଟି ହ୍ରଦ ରହିଥିବା ନାସା ପକ୍ଷରୁ ଦାବି କରାଯାଇଛି। ୨ ବର୍ଷ ତଳେ ମଙ୍ଗଳର ଦକ୍ଷିଣ ଗୋଲାର୍ଦ୍ଧରେ ଲୁଣି ପାଣି ହ୍ରଦର ସନ୍ଧାନ ମିଳିଥିଲା। ଏହି ହ୍ରଦ ବରଫ ତଳେ ରହିଥିବା ନାସା ପକ୍ଷରୁ କୁହାଯାଇଥିଲା। ପାଣିର ସନ୍ଧାନ ମିଳିବା ଯୋଗୁ ଭବିଷ୍ୟତରେ ମଙ୍ଗଳରେ ଜନବସତି ଆଶା ପୁଣି ମହାକାଶ ବିଜ୍ଞାନୀଙ୍କ ମଧ୍ୟରେ ଜାଗି ଉଠିଛି।



ୟୁରୋପିଆନ୍ ସ୍ପେଶ୍ ଏଜେନ୍ସି (ଇଏସ୍‌ଏ) ଦ୍ୱାରା ନିର୍ମିତ ମହାକାଶଯାନ ଏକ୍ସପ୍ରେସ୍ ବରଫ ତଳେ ଥିବା ଲୁଣି ହ୍ରଦ ସମ୍ପର୍କରେ ସୂଚନା ଦେଇଥିଲା। ଏହା ୨୦ କିମି ପରିମିତ ଅଞ୍ଚଳରେ ବ୍ୟାପିଥିବା ଜଣାପଡ଼ିଥିଲା। ଇତିମଧ୍ୟରେ ଏହି ମହାକାଶଯାନ ମଙ୍ଗଳର ଦକ୍ଷିଣ ଗୋଲାର୍ଦ୍ଧ ଉପରେ ୨୮ ଥର ଘୁରିବୁଲିଛି। ୨୦୧୨ରୁ ୨୦୧୯ ମଧ୍ୟରେ ଏହି ସ୍ଥାନ ଉପରେ ୧୩୪ ଥର ପରୀକ୍ଷା ନିରୀକ୍ଷା କରାଯାଇ ଫଟୋ ଉଠାଯାଇଛି। ଏସମ୍ପର୍କରେ ନେଚର ଆଷ୍ଟ୍ରୋନୋମି ପତ୍ରିକାରେ ଖବର ପ୍ରକାଶ ପାଇଛି। ଏହି ଲୁଣି ହ୍ରଦ ପାଖରେ ୩ଟି ଅନ୍ୟ ହ୍ରଦ ଥିବା ରୋମ୍ ବିଶ୍ୱବିଦ୍ୟାଳୟର ମହାକାଶ ବିଜ୍ଞାନୀ ଏଲନା ପେଟିନେଲି ସୂଚନା ଦେଇଛନ୍ତି।

## କଳା ଓ ଦର୍ଶନର ସମନ୍ୱୟ

**ନୂଆଦିଲ୍ଲୀ:** ଭାବର ଭାଷା ଅନେକ ପ୍ରକାରର। ସେଥିପାଇଁ ତ ଗୋଟିଏ ସମାନ ଚିତ୍ର ବି ଅନେକ ସମୟରେ ହଜାର ପ୍ରକାରର କଥା କହିଥାଏ। ଠିକ୍ ଏମିତି ଏକ ଚିତ୍ରକଳା ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଗୋଟିଏ ମାଠିଆକୁ ତିନିଜଣ ଯୁବତୀ ଭିନ୍ନ ଭିନ୍ନ ଢଙ୍ଗରେ ଧରିଥିବା ଚିତ୍ରଟି ଭିନ୍ନ ଦୃଷ୍ଟିରେ ଭିନ୍ନ ଭିନ୍ନ ଭାବ ପ୍ରକାଶ କରୁଛି।

କଳାକାର ହାତରେ ରଙ୍ଗ ତୂଳୀର ସ୍ପର୍ଶ ପାଇ ବେଳେବେଳେ ଚିତ୍ରକଳାଟି ଏତେ ଜୀବନ୍ତ ହୋଇଉଠେ ଯେ ଦେଖିବା ଲୋକର ଆଖିରେ ଅନେକ ପ୍ରକାରର ଭାବ ସୃଷ୍ଟି କରିଥାଏ। ସୋସିଆଲ ମିଡିଆରେ ଆଇଏଫ୍‌ଏସ୍ ଅଫିସର ସୁଶାନ୍ତ ନନ୍ଦ ଏକ ଚିତ୍ରକଳାର ଫଟୋ ଶେୟାର କରିବା ପରେ ଚିତ୍ରକୁ ନେଇ ଢେର୍ ଚର୍ଚ୍ଚା ହେଉଛି। ଚିତ୍ରରେ ତିନିଜଣ ସୁନ୍ଦରୀ ଯୁବତୀ ଗୋଟିଏ ମାଠିଆକୁ ଧରିଛନ୍ତି ଭିନ୍ନ ଭିନ୍ନ ଢଙ୍ଗରେ। ଏହି ସ୍ୱତନ୍ତ୍ର ଚିତ୍ରକଳାଟି ଅନେକ ବାର୍ତ୍ତା ପ୍ରକାଶ କରୁଛି ବୋଲି କ୍ୟାପ୍‌ସନରେ କୁହାଯାଇଛି। ବିଶେଷ ଦୃଷ୍ଟିରେ ଦେଖିଲେ ତିନି ଯୁବତୀ ମାଠିଆକୁ ଭିନ୍ନ ଭିନ୍ନ ଢଙ୍ଗରେ ଧରିଛନ୍ତି । ଅର୍ଥ କଳାକାରଜଣକ ସେମାନଙ୍କର ଭିନ୍ନ ଭିନ୍ନ ଦାୟିତ୍ୱ ବିଷୟରେ ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି ବୋଲି ଚିତ୍ରରେ ଥିବା କ୍ୟାପସନରେ ବର୍ଣ୍ଣନା ହୋଇଛି। ଯୁବତୀମାନେ ନିଜ ନିଜ ଦାୟିତ୍ୱକୁ ନିଜ ଢଙ୍ଗରେ ନିଭାଇବାକୁ ଚେଷ୍ଟା କରୁଛନ୍ତି ବୋଲି କଳାକାର ଚିତ୍ର ମାଧ୍ୟମରେ ପରିପ୍ରକାଶ କରିଛନ୍ତି। କିନ୍ତୁ ସୋସିଆଲ ମିଡିଆରେ ଲୋକେ ବି ଏହି ଭାବକୁ ଗ୍ରହଣ କରିଛନ୍ତି, ଏହା ସହିତ ଆହୁରି ବିଭିନ୍ନ ପ୍ରକାରର ମତ ଦେଇଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୩୭,୪୪,୨୮୧ | ୧୦,୦୮,୧୦୫ | ୨,୪୯,୫୨,୧୧୯ |
| ଭାରତ | ୬୧,୫୬,୭୨୨ | ୯୬,୪୬୮ | ୫୧,୦୯,୫୮୪ |
| ଓଡ଼ିଶା | ୨,୧୫,୬୭୬ | ୮୨୮(+୫୩) | ୧,୮୧,୪୮୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ

## ଶ୍ରୀମନ୍ଦିର ସମ୍ପତ୍ତିକୁ ନେଇ ହୋଇଛି ବଡ଼ ଷଡ଼ଯନ୍ତ୍ରଃ ସମ୍ବିତ

**କଟକ ଅଫିସ,୨୯।୯**

ପୁରୀ ବଡ଼ଦାଣ୍ଡରେ ଥିବା ବଗଲା ଧର୍ମଶାଳାର ଜମି ବିକ୍ରିକୁ ନେଇ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ର ମଙ୍ଗଳବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିକୁ ରାଜ୍ୟ ସରକାର ବିକ୍ରି କରିବା ସହିତ ଶ୍ରୀମନ୍ଦିର ଟେମ୍ପଲ ଆଡ୍‌ମିନିଷ୍ଟ୍ରେଶନ ଆକ୍ଟ-୧୯୫୫ର ଖୋଲା ଉଲ୍ଲଂଘନ କରିଛନ୍ତି। ଶ୍ରୀମନ୍ଦିର ସମ୍ପତ୍ତିକୁ ନେଇ ଏକ ବଡ଼ ଷଡ଼ଯନ୍ତ୍ର ହୋଇଛି ବୋଲି ପାତ୍ର ମଙ୍ଗଳବାର କଟକ ଯୋବ୍ରାଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଡ. ପାତ୍ର କହିଛନ୍ତି ଯେ, ୧୯୦୫ରେ ତିଆରି ହୋଇଥିବା ଏହି ଧର୍ମଶାଳାର ନବୀକରଣ ପାଇଁ ପୂର୍ବରୁ ରାଜ୍ୟ ସରକାର ସ୍ଥିର କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଏଠାରେ ଶ୍ରୀଜଗନ୍ନାଥ ବିଶ୍ରାମସ୍ଥଳୀ କରାଯିବ ବୋଲି ଯୋଜନା ହେବା ସହ ଏହାର ଟେଣ୍ଡର ଆଇଟିଡିସିକୁ ଦିଆଯାଇଥିଲା। ଏହି ସମୟରେ ସମସ୍ତ ବିଭାଗକୁ ଏନ୍‌ଓସି ମଗାଯାଇଥିଲା। ତେବେ ମନ୍ଦିର ପରିଚାଳନା କମିଟି ଏହା ଅମୃତ ମଣୋହୀ ସମ୍ପତ୍ତି ବୋଲି ଦର୍ଶାଇବା ସହିତ ସାବକ ରେକର୍ଡ ଅନୁଯାୟୀ ପ୍ଲଟ ନଂ ୯୦, ୯୧, ୯୨, ୯୩, ୯୪ ଓ ୯୭ରେ ୩ଏକର ୧୯୦ ଡେସିମିଲ ଜମି ରହିଛି ବୋଲି କହିଥିଲା। ହେଲେ ହାଲ୍ ରେକର୍ଡରେ ଜମିର ପରିସୀମା ୨ ଏକର ୫୭୪ ଡେସିମିଲ ରହିଛି। ଇତିମଧ୍ୟରେ ୬୧୬ ଡେସିମିଲ ଜମି ଗାଏବ ହୋଇ ସାରିଲାଣି। ପ୍ରାଥମିକ ପର୍ଯ୍ୟାୟରେ ଏହି ଜମି ଲଜିଂ ହାଉସ୍ ଫଣ୍ଡ କମିଟି ଅଧିନରେ ଥିଲା। ତେବେ ଲଜିଂ ହାଉସ୍ ଫଣ୍ଡ ଭାଙ୍ଗିବା ପରେ ଏହାର ତଦାରଖ ଦାୟିତ୍ୱ ପୁରୀ ମ୍ୟୁନିସିପାଲିଟିକୁ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ରାଜସ୍ୱ ବିଭାଗ ଅଧିନକୁ ଅଣାଯାଇ ଜିଲା ପ୍ରଶାସନ ଏହାକୁ ପ୍ଲଟିଂ କରିବା ସହ ବିକ୍ରି କରିଛି ବୋଲି ଡ. ପାତ୍ର ଅଭିଯୋଗ ଆଣିଛନ୍ତି। ଏହି ଲଢ଼େଇ କୌଣସି ରାଜନୈତିକ ଦଳର ନୁହେଁ, ବରଂ ସମସ୍ତ ଓଡ଼ିଆଙ୍କ ସ୍ୱାଭିମାନ ପାଇଁ ବୋଲି ସମ୍ବିତ୍ କହିଛନ୍ତି।

**ବଗଲା ଧର୍ମଶାଳା ଜମି ବିକ୍ରି ଘଟଣା**

### ଆବେଦନକାରୀଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

ପୁରୀର ବଗଲା ଧର୍ମଶାଳା ଜମି ବିକ୍ରିକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଅନ୍ୟ ଏକ ମାମଲାରେ ମଙ୍ଗଳବାର ପୁରୀ ତହସିଲଦାର ଓ ଶ୍ରୀମନ୍ଦିର ପ୍ରଶାସନ ରିପୋର୍ଟ ଦାଖଲ କରିଛି। ଜମି ସରକାରଙ୍କ ଅଧୀନରେ ରହିଛି ଏବଂ ଏହାର ନବୀକରଣ କରାଯାଉଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ରିପୋର୍ଟ ଉପରେ ଜବାବ ରଖିବାକୁ ଆବେଦନକାରୀ ଜଗନ୍ନାଥ ବସ୍ତିଆଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ମହମ୍ମଦ ରଫିକ ଏବଂ ବିଚାରପତି ବି.ଆର୍‌, ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଇନଜୀବୀ ସୁବ୍ରତ ଶତପଥୀ ମାମଲା ପରିଚାଳନା କରୁଛନ୍ତି।

# ଏଲ୍‌ଆଇସିର ୨୫% ଅଂଶଧନ ବିକ୍ରି ହୋଇପାରେ

**ନୂଆଦିଲ୍ଲୀ,୨୯।୯**

କେନ୍ଦ୍ର ସରକାର ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ୨୫% ଅଂଶଧନ ବିକ୍ରିପାରନ୍ତି। ଏହି ପ୍ରକ୍ରିୟାକୁ ପର୍ଯ୍ୟାୟ ଭିତ୍ତିରେ କରିବା ଲାଗି ସରକାର ବିଚାର କରୁଥିବା ଜଣାପଡ଼ିଛି। ଉକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଇବା ଲାଗି ବର୍ତ୍ତମାନ କ୍ୟାବିନେଟ ମଞ୍ଜୁରୀ ଆଣିବା ଲାଗି ଯୋଜନା କରାଯାଉଛି। ବିତ୍ତୀୟ ନିଅଣ୍ଟକୁ କମ୍ କରିବା ଲାଗି କେନ୍ଦ୍ର ସରକାର ଏଭଳି କାର୍ଯ୍ୟକ୍ରମ ଦିଗରେ ଅଗ୍ରସର ହେଉଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଏ ନେଇ ରହିଥିବା ଆଇନକୁ ମଧ୍ୟ ସଂଶୋଧନ କରାଯିବା କାର୍ଯ୍ୟକ୍ରମ ରହିଥିବା ଶୁଣାଯାଉଛି। ଏ ପ୍ରସଙ୍ଗ ଉପରେ ଅର୍ଥ ମନ୍ତ୍ରଣାଳୟର ପ୍ରତିକ୍ରିୟା ଲୋଡ଼ାଯାଇଥିଲେ ମଧ୍ୟ ଏହା ମିଳିପାରିନାହିଁ। କରୋନା ଭାଇରସ ଲାଗି ସରକାରଙ୍କ ଖର୍ଚ୍ଚ ବଢିବ। ରାଜକୋଷରେ ଟିକସ ସଂଗ୍ରହ ଉନ୍ନତ ହେଉ ନ ଥିବାରୁ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟଲକ୍ଷ୍ୟ ଟପିଯିବା ନେଇ ଆକଳନ କରାଯାଇଛି। ବିଭିନ୍ନ କମ୍ପାନୀର ଅଂଶଧନ ବିକ୍ରି ଦ୍ୱାରା ସରକାର ପୁଞ୍ଜି ଉଠାଇବା ଲାଗି ଯୋଜନା ରଖିଛନ୍ତି। ପୁଞ୍ଜି ପ୍ରତ୍ୟାହାରରୁ ୨.୧ ଲକ୍ଷ କୋଟି ଟଙ୍କା ଆଦାୟ କରିବା ଲାଗି ସରକାର ଲକ୍ଷ୍ୟ ରଖିଥିଲେ ମଧ୍ୟ ମାତ୍ର ୫,୭୦୦ କୋଟି ଟଙ୍କା ଉଠାଣ ହୋଇ ପାରିଛି। ଏଲ୍‌ଆଇସିର ଇନିସିଆଲ ଶେୟାର ସେଲ୍ ପ୍ଲାନ୍‌କୁ ଅଗ୍ରସର କରାଇବା ଲାଗି ସରକାର ଡେଲଏଟ ଟି.ଟି. ଇଣ୍ଡିଆ ଲିମିଟେଡ୍ ଏବଂ ଏସ୍‌ବିଆଇ କ୍ୟାପିଟାଲର ପରାମର୍ଶ ନେଉଥିବା ବ୍ଲୁମବର୍ଗର ଏକ ରିପୋର୍ଟରେ ପ୍ରକାଶ ପାଇଛି। ପ୍ରକ୍ରିୟାକୁ ଅଗ୍ରସର କରାଇବା ଲାଗି ଏଲ୍‌ଆଇସିର ପୁଞ୍ଜି ଢାଞ୍ଚା ଏବଂ ଆର୍ଥିକ ଦସ୍ତାବିଜ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟ ଏହି ଏଜେନ୍ସିଗୁଡିକ ସମ୍ପନ୍ନ କରିବା ନେଇ ଶୁଣାଯାଉଛି। ଆସେଟ ସେଲ୍ ଲାଗି ଏକ ମନ୍ତ୍ରୀ ସ୍ତରୀୟ ଗୋଷ୍ଠୀ ମଧ୍ୟ ଗଠନ ହୋଇଛି। ସୂଚନାଯୋଗ୍ୟ, ଶେୟାରର ପବ୍ଲିକ ଅଫରିଂ ଦ୍ୱାରା ଏଲ୍‌ଆଇସି କାର୍ଯ୍ୟଧାରାରେ ଶୃଙ୍ଖଳା ଏବଂ ନୂଆ ଭାଲ୍ୟୁ ସଂଯୋଗ ହୋଇପାରିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଚଳିତ ବର୍ଷ ଫେବୃୟାରୀ ବଜେଟ ଅଭିଭାଷଣରେ କହିଥିଲେ।






## ୧୪ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,(ବ୍ୟୁରୋ): ବିହାର ଓଡ଼ିଶା ଉପରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଢେଙ୍କାନାଳ ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଗଞ୍ଜାମ, ଗଜପତି, ପୁରୀ, କନ୍ଧମାଳ ଏବଂ ଜଗତ୍‌ସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................................
ବୟସ:..............................................
ଜନ୍ମ ତାରିଖ: ..............................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଧାନସଭାରେ ଶୋକ, ଗୃହ ମୁଲତବୀ

**ଭୁବନେଶ୍ୱର,୨୯।୯(ବ୍ୟୁରୋ)**

ଷୋଡ଼ଶ ବିଧାନସଭାର ଚତୁର୍ଥ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧ଟାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସଭା କାର୍ଯ୍ୟ ଚଳାଇବା ପାଇଁ ଗୃହକୁ ପ୍ରବେଶ କରିଥିଲେ। ଦେଶ ବନ୍ଦନା ପରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ପୂର୍ବତନ ସଦସ୍ୟ, କରୋନା ଯୋଦ୍ଧା ଏବଂ ଯବାନମାନଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରିବାକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ନିବାସରୁ ଭିଡିଓ କନ୍‌ଫରେନ୍ସ ଯୋଗେ ସ୍ୱର୍ଗତ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ସଦସ୍ୟ ମଦନମୋହନ ଦତ୍ତ, ବିଷ୍ଣୁ ଚରଣ ଦାସ, ହର ପ୍ରସାଦ ମହାପାତ୍ର, ପୂର୍ବତନ ମନ୍ତ୍ରୀ ସହରାଇ ଓରାମ, ସନାତନ ବିଶି, ସେକ୍ ମତଲୁବ ଅଲ୍ଲୀ, ପୂର୍ବତନ ସଦସ୍ୟ ଅର୍ଜୁନ ଚରଣ ସେଠୀ, ନେଲସନ ସୋରେନ, ରାମମୂର୍ତ୍ତି ମୁଟିକା, ରବୀନ୍ଦ୍ର ନାଥ ଭୋଇ, ଅଭିମନ୍ୟୁ କମାର, ଚିନ୍ତାମଣି ଜେନା, ପୂର୍ବତନ ସିପାହି ଚନ୍ଦ୍ରକାନ୍ତ ପ୍ରଧାନ, ପୂର୍ବତନ ନାଏବ ସୁବେଦାର ଦୁତୁରାମ ସୋରେନ, ଓଡ଼ିଶା ପୋଲିସର ପୂର୍ବତନ ଏସ୍‌ଓଜି କମାଣ୍ଡୋ ସୁଧୀର ଗୁଡ୍ଡୁ, ପୂର୍ବତନ ଏସ୍‌ଓଜି କମାଣ୍ଡୋ ଦେବାଶିଷ ସେଠୀ, ପୂର୍ବତନ ହୋମଗାର୍ଡ ବନବାସୀ ମହାରଣା ଏବଂ ରାଜ୍ୟରେ କରୋନା ସଂକ୍ରମଣ ଭଳି କଠିନ ପରିସ୍ଥିତିର ମୁକାବିଲା ସମୟରେ ରାଜ୍ୟବାସୀଙ୍କ ସେବାରେ ନିୟୋଜିତ ହୋଇ ପ୍ରାଣବଳି ଦେଇଥିବା ସମସ୍ତ କରୋନା ଯୋଦ୍ଧାଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଆତ୍ମାଙ୍କ ଜୀବନୀ ଉପରେ ସଂକ୍ଷିପ୍ତ ଆଲୋକପାତ ମଧ୍ୟ କରିଥିଲେ। ପରଲୋକଗତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବାଚସ୍ପତିଙ୍କ ଜରିଆରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକପ୍ରସ୍ତାବକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରମୁଖ ସମର୍ଥନ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ବାଚସ୍ପତି ଦିବଂଗତମାନଙ୍କ ଜୀବନୀ ବିଷୟରେ ସୂଚନା ଦେଇଥିଲେ। ଏଥିସହିତ ପରଲୋକଗତଙ୍କ ସମ୍ମାନାର୍ଥେ ଗୃହରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକ ପ୍ରସ୍ତାବ ପରେ ବାଚସ୍ପତି ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

# ହନିଟ୍ରାପ୍‌ରେ ଡିଆରଡିଓ ବୈଜ୍ଞାନିକ

**ନୂଆଦିଲ୍ଲୀ, ୨୯।୯**

ହନିଟ୍ରାପ୍‌ରେ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ଗବେଷଣା ପ୍ରତିଷ୍ଠାନ (ଡିଆରଡିଓ)ର ବୈଜ୍ଞାନିକ। ଏଭଳି ଏକ ଘଟଣା ଘଟିଛି ରାଜଧାନୀ ଦିଲ୍ଲୀର ନଏଡାରେ। ପୋଲିସର ଉପସ୍ଥିତ ବୁଦ୍ଧି ଯୋଗୁ ବନ୍ଧକ ଥିବା ବୈଜ୍ଞାନିକଙ୍କୁ ଏକ ହୋଟେଲ ପ୍ରକୋଷ୍ଠରୁ ଉଦ୍ଧାର କରାଯାଇଛି। ଏହି ଜାଲ ବିଛାଇଥିବା ଜଣେ ମହିଳାଙ୍କ ସମେତ ୩ ଅଭିଯୁକ୍ତ ଧରାପଡ଼ିଛନ୍ତି। ଅପହରଣରେ ସାମିଲ ଥିବା ଅନ୍ୟ ୨ ଜଣ ଫେରାର ଅଛନ୍ତି। ମହିଳା ଜଣକ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଏବଂ ସେ ଟିଭି ରିଆଲିଟି ଶୋ' ବିଗ୍ ବସ୍‌ର ପୂର୍ବତନ ବିଜେତାଙ୍କ ନିକଟ ସମ୍ପର୍କୀୟ ବୋଲି ପୋଲିସ କହିଛି। ଅନ୍ୟପଟେ ବୈଜ୍ଞାନିକଙ୍କୁ ଉଦ୍ଧାର କରିଥିବା ପୋଲିସ ଦଳକୁ ୫ ଲକ୍ଷ ପୁରସ୍କାର ଦିଆଯିବାକୁ ଘୋଷଣା କରାଯାଇଛି।

ନଏଡାର ସେକ୍ଟର-୭୭ ଅଞ୍ଚଳରେ ସମ୍ପୃକ୍ତ ବୈଜ୍ଞାନିକ ସପରିବାର ରୁହନ୍ତି। ତାଙ୍କ ସ୍ତ୍ରୀଙ୍କ କହିବା କଥା, ଗତ ଶନିବାର ସ୍ୱାମୀ କାର୍ ନେଇ ସିଟି ସେଣ୍ଟର ନିକଟକୁ ଯାଇ ଆଉ ଫେରି ନ ଥିଲେ। ରାତି ୧୧ଟା ପରେ ତାଙ୍କ ଫୋନ୍ ଆସିଥିଲା। ତାଙ୍କୁ କେତେଜଣ ବ୍ୟକ୍ତି ଏକ ପ୍ରକୋଷ୍ଠରେ ବନ୍ଦ କରି ରଖିଥିବା ସେ କହିଥିଲେ। ଏହାପରେ ଅନ୍ୟ ଏକ ନମ୍ବରରୁ ଫୋନ୍ ଆସିଥିଲା। ବାର୍ତ୍ତାଳାପ ବେଳେ ଜଣେ ମହିଳା ଏବଂ କେତେଜଣ ପୁରୁଷଙ୍କ ସ୍ୱର ଶୁଣାଯାଉଥିଲା। ଅଭିଯୁକ୍ତମାନେ ସ୍ୱାମୀଙ୍କୁ ଛାଡ଼ିବାକୁ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏଥିସହ ପୋଲିସକୁ ସୂଚନା ଦେଲେ ବୈଜ୍ଞାନିକଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ହେଲେ ଏତେ ମୋଟା ଅଙ୍କର ଟଙ୍କା ଯୋଗାଡ଼ ହୋଇ ନ ପାରିବାରୁ ପୋଲିସକୁ ସୂଚନା ଦିଆଯାଇଥିଲା। ବୈଜ୍ଞାନିକଙ୍କୁ ଉଦ୍ଧାର କରିବାକୁ ପୋଲିସ ପକ୍ଷରୁ ୩ ଟିମ୍ ଗଠନ କରାଯାଇଥିଲା। ମୋବାଇଲ ଟ୍ରାକିଂ କରି ପୋଲିସ ସେକ୍ଟର-୪୧ ସ୍ଥିତ ଏକ ହୋଟେଲରେ ପହଞ୍ଚିଥିଲା। ହୋଟେଲ ବାହାରେ ୩ଜଣ ସନ୍ଦିଗ୍ଧ ବୈଜ୍ଞାନିକଙ୍କ କାର୍‌ରେ ବସିଥିବାବେଳେ ପୋଲିସ ଅତର୍କିତ ଚଢ଼ାଉ କରିଥିଲା। ଅଭିଯୁକ୍ତ ଦୀପକଙ୍କୁ କାବୁ କରିବାରେ ପୋଲିସ ସକ୍ଷମ ହୋଇଥିବାବେଳେ ଅନ୍ୟ ୨ ଜଣ ଚମ୍ପଟ ମାରିଥିଲେ। ଦୀପକଙ୍କ ସୂଚନା ଅନୁଯାୟୀ ହୋଟେଲରୁ ବୈଜ୍ଞାନିକଙ୍କୁ ଉଦ୍ଧାର କରାଯାଇଥିଲା। ଉକ୍ତ ପ୍ରକୋଷ୍ଠରୁ ସମ୍ପୃକ୍ତା ମହିଳାଙ୍କ ସମେତ ଅନ୍ୟ ଜଣେ ଅଭିଯୁକ୍ତ ତଥା ଦୀପକଙ୍କ ସମ୍ପର୍କୀୟ ଭାଇ ରାକେଶଙ୍କୁ ପୋଲିସ ଧରିଥିଲା।

ଅପହର୍ତ୍ତାଙ୍କ କବଳରୁ ମୁକ୍ତ ହୋଇଥିବା ବୈଜ୍ଞାନିକ କହିଛନ୍ତି ଯେ, କିଛିଦିନ ତଳେ ସେ ମସାଜ ପାର୍ଲର ସମ୍ପର୍କରେ ଇଣ୍ଟରନେଟରେ ସର୍ଚ୍ଚ କରିଥିଲେ। ଏକ ସାଇଟ୍‌ରୁ ମିଳିଥିବା ମୋବାଇଲ ନମ୍ବରରେ ସେ ଏ ନେଇ କଥାବାର୍ତ୍ତା ହୋଇଥିଲେ। ଶନିବାର ତାଙ୍କୁ ଅଭିଯୁକ୍ତମାନେ କୌଶଳକ୍ରମେ ଅପହରଣ କରି ନେଇଥିଲେ।

# ଗଣବଳାତ୍କାରର ଶିକାର ମହିଳା ଆଖି ବୁଜିଲେ

**ନୂଆଦିଲ୍ଲୀ,୨୯।୯**

ସେପ୍ଟେମ୍ବର ୧୪ରେ ଗଣବଳାତ୍କାରର ଶିକାର ଉତ୍ତରପ୍ରଦେଶର ହାଥରାସ୍ ଜଣେ ଦଳିତ ମହିଳା(୨୦) ମଙ୍ଗଳବାର ଦିଲ୍ଲୀ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ୪ ଜଣ ସବର୍ଣ୍ଣ ଯୁବକ ତାଙ୍କୁ ବଳାତ୍କାର କରିବା ସହ ଜିଭ କାଟିଦେଇଥିଲେ। ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଜେଲ୍‌ରେ ରଖିଥିବାବେଳେ ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯିବ। ଟିକିନିଖି ତଦନ୍ତ କରାଯାଇ ଆଇନ ଅନୁଯାୟୀ ଦୋଷୀଙ୍କୁ ଦଣ୍ଡ ମିଳିବ ବୋଲି ଉତ୍ତରପ୍ରଦେଶ ମନ୍ତ୍ରୀ ସିଦ୍ଧାର୍ଥ ନାଥ ସିଂ କହିଛନ୍ତି। ସେପଟେ ଜାତିବାଦକୁ ନେଇ ସ୍ୱର ଉଠାଇ ଆସୁଥିବା ଭୀମ୍ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ଦିଲ୍ଲୀର ଏମ୍ସ ହସ୍ପିଟାଲ ବାହାରେ ରାସ୍ତା ବନ୍ଦକରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଭିଯୁକ୍ତଙ୍କୁ ଫାଶୀଦେବା ଲାଗି ସେମାନେ ଦାବି କରିଛନ୍ତି। ଚିକିତ୍ସାରେ ଅବହେଳା ଓ ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଯୋଗୁ ପରିସ୍ଥିତି ବିଗିଡ଼ିଥିବା ସେମାନେ ଅଭିଯୋଗ କରିଛନ୍ତି।

**ହସ୍ପିଟାଲ ବାହାରେ ଭୀମ୍ ଆର୍ମି କର୍ମକର୍ତ୍ତାଙ୍କ ବିକ୍ଷୋଭ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବହୁତ ଦିନହେଲା ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି କେତେକାଂଶରେ ବ୍ୟାହତ ହେବ। କର୍ମକ୍ଷେତ୍ର, ରାଜନୀତି, ସଭାସମିତି ଓ କଳା, କ୍ରୀଡା ପାଇଁ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିକଟ ସମ୍ପର୍କୀୟଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକମାନଙ୍କୁ ଦାୟୀ କରିବେ।

**ବୃଷ**
ଅର୍ଥାଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ସାଧାରଣ ପରିସ୍ଥିତିରେ ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବିବାଦୀୟ ପରିସ୍ଥିତିରେ ଆପଣ ବିଜୟ ଲାଭ କରିବେ। କିନ୍ତୁ କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ମିଥୁନ**
ଆଜି ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି, ଜମିଜମା ବିବାଦର ସମାଧାନ, ବାଣିଜ୍ୟ ବ୍ୟବସାୟ, ପରିବହନରେ ଉନ୍ନତି କରିବେ। କିନ୍ତୁ ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**କର୍କଟ**
ନୂତନ କର୍ମାରମ୍ଭରେ ସାମାନ୍ୟ ପ୍ରାଥମିକ ପ୍ରତିବନ୍ଧକ ଦେଖାଦେବ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଭ୍ରମଣ ସୁଯୋଗ, ସତ୍ସଙ୍ଗ, ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା ଓ ବନ୍ଧୁମିଳନଜନିତ ମନ ଏକପ୍ରକାର ଖୁସୀ ରହିବ। ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ।

**ସିଂହ**
ପୂର୍ବାପେକ୍ଷା ପରିସ୍ଥିତି କେତେକାଂଶରେ ଭଲ ହେଲେ ମଧ୍ୟ ପ୍ରତ୍ୟେକ କାମରେ ଅନ୍ତଦ୍ୱନ୍ଦ୍ୱ ଲାଗି ରହିବ। ଆଜି ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ବିଷୟରେ ବ୍ୟସ୍ତ ରହିପାରନ୍ତି।

**କନ୍ୟା**
ବନ୍ଧୁଙ୍କ ଜରିଆରେ ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରୟତ୍ନ କରିବେ। ବିଶେଷ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାରର କଟୁ କଥା କହିପାରନ୍ତି।

**ତୁଳା**
ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଓ ବନ୍ଧୁ ମିଳନ ଘଟିବ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଦୀର୍ଘଦିନରୁ ନେଇଥିବା ବକେୟା ଟଙ୍କା ପାଇଁ ସମସ୍ୟା ଉପୁଜିବ। ଭୁଲ୍ ବୁଝାମଣା ଓ ଜିଦ୍‌ଖୋର କାରଣରୁ ପରିବହନରେ ଝଗଡା ଲାଗିପାରେ।

**ବିଛା**
ନିଜର ପ୍ରାଧାନ୍ୟ ରକ୍ଷା କରିବାକୁ ଯାଇ ବନ୍ଧୁମାନଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। ପ୍ରିୟଜନମାନଙ୍କ ସାହାଯ୍ୟରୁ ଅପରାହ୍ନେ ଅଭିଳଷିତ ଜିନିଷ ପାଇପାରନ୍ତି। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**
ଆଜି ଦିନ ମଧ୍ୟରେ ଅର୍ଥଲାଭ, ସମ୍ମାନ ପ୍ରାପ୍ତି, କାର୍ଯ୍ୟସିଦ୍ଧି ହେତୁ ମନ ମଧ୍ୟ ପ୍ରଫୁଲ୍ଲ ରହିବ। ଯେ କୌଣସି କାମ ଆରମ୍ଭ ପୂର୍ବରୁ ସରଳ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ବହୁତ ହଇରାଣ, ହରକତ ହେବାକୁ ପଡିପାରେ।

**ମକର**
ସମ୍ପର୍କହାନି କାରଣରୁ କୌଣସି ପ୍ରିୟଜନଙ୍କ ସମ୍ପର୍କରେ ଚିନ୍ତା କରିବାକୁ ପଡିପାରେ। ଆଜିର ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନ ପାଇଁ ଟେନ୍ସନ ବଢିବ। ନିଜସ୍ୱ ଅବହେଳା ଯୋଗୁଁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ।

**କୁମ୍ଭ**
ନୂତନ ଗୃହ, ଯାନ ବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି ତଥାପି ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅଭିଳଷିତ ବନ୍ଧୁମାନଙ୍କ ସହାୟତାରେ କାମ ହାସଲ କରିବେ।

**ମୀନ**
ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ପ୍ରୋତ୍ସାହିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

ଆଜି ଆଶ୍ୱିନ ମଳଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ବୁଧବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ସେପ୍ଟେମ୍ବର ୩୦ତାରିଖ, ରାଶିନକ୍ଷତ୍ର-ପୂର୍ବଭାଦ୍ରବ/କୁମ୍ଭ, କର୍କଟ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୪୦ମି.ଗତେ ଘ.୦୬.୨୮ମି. ମଧ୍ୟେ, ଘ.୦୭.୧୫ମି.ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୫ମି.ଗତେ ଘ.୧୨.୪୭ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୦ମି.ଗତେ ଘ.୦୭.୦୯ମି.ମଧ୍ୟେ, ରାତ୍ରି ଘ.୦୮.୪୬ମି.ଗତେ ଘ.୦୩.୧୫ମି.ମଧ୍ୟେ, ଘ.୦୪.୦୩ମି.ଗତେ ଘ.୦୫.୪୧ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬.୨୮ମି.ଗତେ ଘ.୦୭.୧୫ମି.ମଧ୍ୟେ, ଦିବା ଘ.୦୧.୩୪ମି. ଗତେ ଘ.୦୩.୫୭ମି.ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୩୬ମି. ଗତେ ଘ.୦୧.୦୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Bride wanted for Karan 43, wellsettled, Bapuji Nagar, Bhubaneswar, General Caste. Contact: 7683912628. D-68376

Hindu Brahmin 53 years, 5'4", Caste No Bar. M: 8296057699. D-18342

Age-35, private School Teacher ପୁଅ ପାଇଁ Rourkela ଏବଂ ଆଖପାଖ ଅଞ୍ଚଳରୁ ଯେ କୌଣସି ଜାତିର ଗରିବ, ଅସହାୟ, ଅନାଥ, ସ୍ୱଳ୍ପଶିକ୍ଷିତ ଘରୋଇ ଝିଅ ଆବଶ୍ୟକ। Urgent Marriage ପୁଅ ସହିତ ସିଧା ଯୋଗାଯୋଗ କରନ୍ତୁ। Mob- 9938561855, 8895272918. D-18386

୪୫ବୟସ୍କ ସରକାରୀ ସମବାୟ ବ୍ୟାଙ୍କରେ ଚାକିରି କରୁଥିବା ବ୍ରାହ୍ମଣ ପାତ୍ରପାଇଁ ୩୫ ରୁ ୪୨ବର୍ଷ ବୟସର ଚାକିରି କରୁଥିବା ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। ଶୀଘ୍ର ବିବାହ। ଯୋଗାଯୋଗ- 9437044833. D-69920

ବ୍ରାହ୍ମଣ ବରପାତ୍ର 29/ 17/8/ 5.10"/ MBA Garment business ପାଇଁ graduate କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68257

**GROOM WANTED**

ଭୁବନେଶ୍ୱରରେ Business 38ବୟସ୍କା divorcee Brahmana ଝିଅଙ୍କୁ ଯେକୌଣସି ଜାତିର ସନ୍ତାନ, ନିଃସନ୍ତାନ ପୁଅ ଦରକାର। 7008080967. D-67957

53/ 5'2", ଖାଦ୍ୟ ନିଗମ/ ବେତନ 45,000/- ମହିଳାଙ୍କ ପାଇଁ ବରପାତ୍ର ଆବଶ୍ୟକ। ଛାଡ଼ପତ୍ରପ୍ରାପ୍ତ, ପତ୍ନୀହରା, ସମସ୍ତେ ମାନ୍ୟ। 7697014331, 8269417179. D-18378




**SALE**

Hyundai i20, Indica, Elentra 2005, Bolero-2011, Bolero-2018. Contact: 8249459742, 7381091234. D-69175




**SALE**

**At Nageswar Tangi double storied house of 1100sft in each floor. Land Area 50 decmls. Ground Floor having 2BR with 1 attached Toilet, 1Common Toilet, Study Room, Drawing & Dining Hall, Kitchen, Garage. First Floor has 3BRs with 2 attached Toilets, 1Common Toilet, Drawing & Dining Hall, Kitchen. Price 1.55cr. Contact: (10AM to 7PM). 8480469590. Brokers Excuse.** D-69761

**2000 sqft LAND @600/- Per sqft NEAR MOUNT LITERA ZEE SCHOOL, KATENI IS FOR SALE. 9937162220.** D-18423

Booking open for 3BHK duplex with layout plan near ITER College, Jagamara, Bhubaneswar. 9861616986. D-67569

**READY TO MOVE 2BHK FLAT @22.99 LAKHS** NEAR MOUNT LITERA ZEE SCHOOL, KATENI IS FOR SALE. 9937162220.** D-18422

Residential House- 1BHK and 3BHK with parking near Cosmopolies, Khandagiri for rent. Contact: 9437151019/ 9437489455. D-18432

ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ NH5 ରୁ 1.5km ମଧ୍ୟରେ ଘରବାରି ବାସୋପଯୋଗୀ ପ୍ଲଟ୍ ମିଳୁଅଛି। 7735922768. D-69177

Infosis II ପାଖରେ layout approved plot 680/- Patia, Pahala, Arugul, Jharpadaରେ plot available. 7978124465. D-69552

ଭୁବନେଶ୍ୱର ଏୟାରପୋର୍ଟ DAV ପୋଖରୀପୁଟରୁ 5k.m. କୁହା ମୌଜାରେ ଘରବାରି plot 1500sqft. 14,25,000/-, 6370476317. D-69172

**Bhubaneswar Simplex, Duplex at Nakhara & Raghunathpur. Ready to move Flat 2/3 BHK at Patia, 9438166120.** D-69164

Residential/ Commercial plot for sale near Pitapalli, Baranga bypass infront of Mahavir College. 9438412339. D-18384

**Plot sale near AIIMS Hospital, Bhubaneswar with 30' road, 9439206202.** D-69174

3BHK Duplex booking open Paniora near Chhatabar. Price 49lakhs in front of Mahavir College. M: 7681000111. D-18383

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

ଭୁବନେଶ୍ୱର ସୁନ୍ଦରପଦା **Xavier University** ନିକଟରେ **sqft-199/- plot** ବିକ୍ରିହେବ। **9337285332, 6372047313.** D-69176




3BHK ready to move with covered garage Power backup at Damyanti Apartment, Nayapalli to rent, contact- 8908458351. D-53658




Swarna SPA newly open positively health benefits with expert therapist. 7873794731. D-69767

Newly open full body massage SPA in Bhubaneswar. Contact: 7205058838. D-69758

Get good massage for your health the best therapy SPA Station. 7655024727, 8118079281. D-69542

Get refreshment body massage by expert therapist contact for. 9556978408. D-69766

Newly open SPA centre smart therapist full body massage: 7205187702. D-59963

Thailand Massage Refreshments Bhubaneswar, Cuttack, Puri. 9853999966, 9853999966, 9853999966, Homeser vices 9853999966@gmail.com. D-18258

Herbal full body massage by smart / expert therapist. Contact: 8338067247. D-69765

Refresh your mind and soul with best therapy at Orchid Salon/ Spa, 9937287222. D-69550

Newly open SPA centre smart therapist full body massage: 7846814019. D-59962

Newly open SPA centre smart therapist full body massage: 8114970372. D-59964

Rejuvenate and Ayurvedic full body massage by smart therapist. 9348123330. D-69759

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Executive Magistrate, Bonai I Nigesh Kumar Chourasia declares that my correct Title is Chourasia. But the pass Certificate of my daughter N Laxmi issued by Council for the Indian School Certificate Examinations, New Delhi my title has been wrongly mentioned as Chaurasia instead of Chourasia. D-18421

By virtue of an affidavit before Notary, Bhadrak, the name of my son Surya Prakash Sahu, has been changed to Surya Prakash Sahoo. Henceforth he will be known as Surya Prakash Sahoo in all purposes. D-18433

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



**ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ କରୋନା**

ଭୁବନେଶ୍ୱର (ବ୍ୟୁରୋ): ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କରୋନା ସଂକ୍ରମିତ ହୋଇଥିବା ନେଇ ମଙ୍ଗଳବାର ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ଏବେ ସେ ହୋମ୍ ଆଇସୋଲେଶନରେ ଅଛନ୍ତି। ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ନିଜକୁ ହୋମ୍ ଆଇସୋଲେଟ କରି ରଖନ୍ତୁ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ ଯୋଗେ ସସ୍ମିତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ପ୍ରବାସୀ ଶ୍ରମିକଙ୍କ ଟ୍ରେନ୍ ଭଡ଼ା ୯ କୋଟି ଦେଇଛନ୍ତି ସରକାର

ଭୁବନେଶ୍ୱର,୨୯।୯(ବ୍ୟୁରୋ): କରୋନା ସମୟରେ ମୋଟ ୮,୫୩,୭୭୭ ପ୍ରବାସୀ ଶ୍ରମିକ ରାଜ୍ୟକୁ ଫେରିଥିଲେ। ସେମାନଙ୍କ ପଞ୍ଜୀକରଣ, କାମ ଓ ଖର୍ଚ୍ଚ ବାବଦକୁ ରାଜ୍ୟ ସରକାର ଖର୍ଚ୍ଚ କରିଥିବା ଅର୍ଥର ତଥ୍ୟ ସଂଗ୍ରହ କରାଯାଉଥିବା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସୁଶାନ୍ତ ସିଂହ କହିଛନ୍ତି। ବିଭିନ୍ନ ବିଭାଗ ଦ୍ୱାରା ଏହି ଅର୍ଥ ଖର୍ଚ୍ଚ କରାଯାଇଥିବାରୁ ତଥ୍ୟ ମଗାଯାଇଛି। ତେବେ ପ୍ରବାସୀଙ୍କ ପାଇଁ ବ୍ୟବହୃତ ୨୭୭ ଶ୍ରମିକ ଏକ୍ସପ୍ରେସ୍ ଟ୍ରେନ୍‌ର ଭଡ଼ା ବାବଦକୁ ରାଜ୍ୟ ସରକାର ପୂର୍ବତଟ ରେଳପଥକୁ ୯ କୋଟି ଟଙ୍କା ପ୍ରଦାନ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ବିଧାୟକ ମୋହନ ଚରଣ ମାଝି, କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଦୁଇଟି ପ୍ରଶ୍ନର ଉତ୍ତରରେ ସେ ଏହା କହିଥିଲେ। ସେହିଭଳି ରାଜ୍ୟକୁ ଫେରିଥିବା ମୋଟ ୮,୫୩,୭୭୭ ଶ୍ରମିକଙ୍କ ମଧ୍ୟରୁ କେତେଜଣ କୁଶଳୀ ଓ ଅଣକୁଶଳୀ ଶ୍ରମିକ ପୁନର୍ବାର ଜୀବିକା ପାଇଁ ଅନ୍ୟ ରାଜ୍ୟକୁ ଫେରିଛନ୍ତି ସେ ସମ୍ବନ୍ଧରେ କୌଣସି ତଥ୍ୟ ହସ୍ତଗତ ହୋଇନି। ସେହିଭଳି ଓଡ଼ିଶାର କେତେଜଣ ଶ୍ରମିକ ନିଯୁକ୍ତି ହରାଇଛନ୍ତି ତାହାର ମଧ ତଥ୍ୟ ନାହିଁ ବୋଲି ବିଧାୟକ ଶଙ୍କର ଓରାମ୍‌ଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସିଂହ କହିଥିଲେ।

# ସଂକ୍ରମିତ ସେବାୟତଙ୍କୁ ଶ୍ରୀମନ୍ଦିର ମନା

ପୁରୀ ଅଫିସ, ୨୯।୯

**ଅବମାନନା କଲେ ଥାନାରେ ଏତଲା**
- ପଜିଟିଭ ଜଣାପଡ଼ିଲେ ଆଇସୋଲେଶନରେ ରହିବେ
- ମନ୍ଦିରରେ ପାନ, ଗୁଟ୍‌ଖା ଖାଇଲେ ଦେବେ ଜରିମାନା
- ତଦାରଖ ଲାଗି ୩ ଅଧିକାରୀଙ୍କୁ ଦାୟିତ୍ୱ



କରୋନା ସଂକ୍ରମିତ ସେବାୟତ କିମ୍ବା କର୍ମଚାରୀ କେହି ବି ଶ୍ରୀମନ୍ଦିର ଭିତରକୁ ଯାଇପାରିବେ ନାହିଁ। ଯଦି କେହି ଏହାକୁ ଅବମାନନା କରନ୍ତି ତେବେ ତାଙ୍କ ବିରୋଧରେ ଏତଲା ଦିଆଯିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।

ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି, ପଜିଟିଭ ଚିହ୍ନଟ ହେବା ପରେ ବି ସେବାୟତ ଓ କର୍ମଚାରୀ ମନ୍ଦିର ଭିତରକୁ ଯାଉଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଏହାକୁ ଗୁରୁତ୍ୱର ସହ ନିଆଯାଇଛି। ସମ୍ପ୍ରତି ସେବାୟତଙ୍କ ମଧ୍ୟରେ ସଂକ୍ରମଣ ବୃଦ୍ଧି ପାଉଥିବାରୁ ତାହାକୁ ରୋକିବା ଲାଗି ପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଶ୍ରୀମନ୍ଦିର ସେବାୟତ ଓ କର୍ମଚାରୀଙ୍କୁ କୋଭିଡ୍ କଟକଣା ପାଳନ କରିବା ଲାଗି କଡ଼ାକଡ଼ି ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ନିୟମ ମାନିବେ ନାହିଁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସଂକ୍ରମଣ ଯେପରି ନ ବ୍ୟାପିବ ସେଥିଲାଗି ପଜିଟିଭ ଚିହ୍ନଟ ସେବାୟତ ଏବଂ କର୍ମଚାରୀଙ୍କ ରିପୋର୍ଟ ମନ୍ଦିର କମାଣ୍ଡରଙ୍କୁ ଦିଆଯାଇଛି। ସେ ଜେଟିପିଙ୍କ ସହାୟତାରେ ଏହା ଉପରେ କଡ଼ା ନଜର ରଖିବେ। କୌଣସି ସଂକ୍ରମିତ ଶ୍ରୀମନ୍ଦିର ପରିସରକୁ ପ୍ରବେଶ କଲେ ତାଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବ। ଅନ୍ୟପକ୍ଷରେ ଯେଉଁଦିନ ଯିଏ ସଂକ୍ରମିତ ଜଣାପଡ଼ିବେ ସେବେଠାରୁ ୧୭ ଦିନ ଘରେ କିମ୍ବା ପ୍ରଶାସନର ସ୍ୱତନ୍ତ୍ର କୋଭିଡ୍ କେୟାର ସେଣ୍ଟରରେ ଆଇସୋଲେଶନରେ ରହିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଶ୍ରୀମନ୍ଦିରକୁ ପାନ, ଗୁଟ୍‌ଖା ଖାଇ ଯିବା ଉପରେ ପୂର୍ବରୁ କଟକଣା ରହିଛି। ତଥାପି ଏହାକୁ ଅବମାନନା କରାଯାଉଛି। ଏଣିକି ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ। ପାନ, ଗୁଟ୍‌ଖା ଖାଇ ମନ୍ଦିର ଭିତରେ ଛେପ ପକାଇଲେ ପ୍ରଥମ ଓ ଦ୍ୱିତୀୟ ଥର ୧ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ ହେବ। ସେହି ବ୍ୟକ୍ତି ଯଦି ତୃତୀୟ ଥର ବା ଏହା ପରଠାରୁ ଯେତେଥର ଧରାପଡ଼ନ୍ତି ପ୍ରତ୍ୟେକ ଥର ତାଙ୍କଠାରୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବ। ଜେଟିପିମାନଙ୍କୁ ଏହା ଉପରେ ନଜର ରଖିବା ଲାଗି କୁହାଯାଇଛି। ଶ୍ରୀମନ୍ଦିର ପରିସରରେ କୋଭିଡ୍ କଟକଣା ପାଳନ ନେଇ ପ୍ରତିଦିନ ଅନୁଧ୍ୟାନ କରାଯିବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ୩ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ନୀତି ପ୍ରଶାସକ, ଉନ୍ନୟନ ପ୍ରଶାସକ ଏବଂ ରାଜସ୍ୱ ଉପପ୍ରଶାସକ ରୋଟେଶନ ଭିତ୍ତିରେ ପ୍ରତିଦିନ ମନ୍ଦିରକୁ ଯାଇ ଏହାର ତଦାରଖ କରିବେ। ସେହିପରି ସମସ୍ତେ ଠିକ୍ ଭାବେ ମାସ୍କ ପିନ୍ଧିବା ଲାଗି ବାଧ୍ୟତାମୂଳକ କରାଯାଇଛି। ସଚେତନତା ଲାଗି ଶ୍ରୀମନ୍ଦିର ଚାରିଦ୍ୱାରରେ ଫ୍ଲେକ୍ସ ଲଗାଯିବ ବୋଲି ଜେନା କହିଛନ୍ତି।

ସୂଚନାଥାଉ କି, ବର୍ତ୍ତମାନ ସୁଦ୍ଧା ୪୫୦ରୁ ଊର୍ଦ୍ଧ୍ୱ ଶ୍ରୀମନ୍ଦିରର ସେବାୟତ ଏବଂ କର୍ମଚାରୀ କରୋନା ସଂକ୍ରମିତ ହୋଇସାରିଲେଣି। ଯେଉଁଥିରେ ପ୍ରାୟ ୪୦୦ ସେବାୟତ ରହିଛନ୍ତି। ସେବାୟତ ଓ ତାଙ୍କ ପରିବାର ସଦସ୍ୟ ଅଧିକ ସଂଖ୍ୟାରେ ଆକ୍ରାନ୍ତ ହେଉଥିବାରୁ ମହାପ୍ରଭୁଙ୍କ ନୀତିକାନ୍ତି ପ୍ରଭାବିତ ହେବା ଆଶଙ୍କା କରି ଏହିସବୁ ନିଷ୍ପତ୍ତି ନିଆଯାଇଛି।

## କରୋନା ସ୍ଥିତି ବିଗିଡ଼ିବା ଆଶଙ୍କା

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

**ଆଉ ୩,୦୬୭ ଚିହ୍ନଟ, ୧୫ ମୃତ**

ରାଜ୍ୟରେ ସଂକ୍ରମଣ ବଢୁଥିଲା, ଲୋକଙ୍କ ମଧ୍ୟରେ ଭୟ ବି ରହୁଥିଲା। କିନ୍ତୁ ଗତ କିଛିଦିନ ହେବ ଆକ୍ରାନ୍ତଙ୍କ ସଂଖ୍ୟା ଲଗାତର କମିବାରେ ଲାଗିଛି। ଟେଷ୍ଟ କମ୍ ହେଉଥିବାରୁ କମ୍ ସଂଖ୍ୟାରେ ଆକ୍ରାନ୍ତ ଚିହ୍ନଟ ହେଉଥିବା ଜଣାପଡିଛି। ହେଲେ ଏହା ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ବର୍ତ୍ତମାନ ସ୍ଥିତିରେ ମୃତ୍ୟୁ ସଂଖ୍ୟା ଅଧିକ ରହୁଛି। କିନ୍ତୁ ସଂକ୍ରମଣ କମୁଥିବା ସୂଚନାକୁ ନେଇ ଲୋକେ ପୂର୍ବଭଳି କୋଭିଡ୍ ନିୟମ ପାଳନ କରିବାକୁ ସେତେଟା ଗୁରୁତ୍ୱ ଦେବେନି। ଏପଟେ ଟେଷ୍ଟ କମ୍ କରାଯାଇଥିବାବେଳେ ସେପଟେ କୋଭିଡ୍ ପରିଚାଳନା କ୍ଷେତ୍ରରେ ଖର୍ଚ୍ଚ ହ୍ରାସକଥା ଚିନ୍ତା କରାଯାଉଥିବାରୁ ପରୋକ୍ଷରେ ଏସବୁ କାରଣ ସଂକ୍ରମଣକୁ ସକ୍ରିୟ ହେବା ପାଇଁ ସୁଯୋଗ ସୃଷ୍ଟି କରିବ। ଫଳରେ ଏହି ମହାମାରୀ ଆହୁରି ଘାତକ ପାଲଟିବ। ସରକାର ଓ ଜନସାଧାରଣଙ୍କ ଅଜାଣତରେ ବହୁ ଜୀବନ ଚାଲିଯିବା ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ରାଜ୍ୟର କୋଭିଡ୍ ଓ ସ୍ୱାସ୍ଥ୍ୟସେବା ସ୍ଥିତିକୁ ତର୍ଜମା କଲେ ଅଧିକାଂଶ ଜିଲାରେ ଭଲ ନାହିଁ। ବିଶେଷକରି ଖୋର୍ଦ୍ଧା, କଟକ, ପୁରୀ ସମେତ ଆଉ କେତେକ ଜିଲାରେ ଏବେ ବି କରୋନା ସଙ୍ଗିନ ପରିସ୍ଥିତି ସୃଷ୍ଟି କରିଛି। ଶେଷ ୨୪ଘଣ୍ଟାରେ ରାଜ୍ୟରୁ ଚିହ୍ନଟ ହୋଇଥିବା ୩,୦୬୭ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ଖୋର୍ଦ୍ଧାରୁ ୫୫୫ଜଣ ଥିବାବେଳେ କଟକରୁ ୨୩୦, ପୁରୀ ୧୭୮, ବାଲେଶ୍ୱର ୧୪୬, ମୟୂରଭଞ୍ଜ ୧୪୩ ଓ ଅନୁଗୋଳରୁ ୧୨୯ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ଶହେ ତଳକୁ ରହିଛି। ଏହାକୁ ମିଶାଇ ରାଜ୍ୟର ମୋଟ ସଂକ୍ରମିତ ସଂଖ୍ୟା ୨,୧୫,୬୭୬କୁ ବୃଦ୍ଧି ପାଇଛି। ସେହିଭଳି ଆଉ ୧୫ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ଖୋର୍ଦ୍ଧା (ଭୁବନେଶ୍ୱର), କଟକ ଓ ବାଲେଶ୍ୱରରୁ ୩ଜଣ ଲେଖାଏ ମରିଥିବାବେଳେ ପୁରୀରୁ ୨ ଏବଂ ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ନବରଙ୍ଗପୁରୀରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮୨୮ ଛୁଇଁଛି। ସେହିପରି ମଙ୍ଗଳବାର କରୋନାରୁ ଆଉ ୩,୮୯୬ ରୋଗୀ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୧,୮୧,୪୮୧ରେ ପହଞ୍ଚିଛି।

## ୨୭ ନୂଆ ଏନ୍‌ଏସି ପାଇଁ ପ୍ରସ୍ତାବ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ରାଜ୍ୟରେ ୨୭ ନୂତନ ଏନ୍‌ଏସି ଗଠନ ପାଇଁ ପ୍ରସ୍ତାବ ରହିଛି। ଏହାମଧ୍ୟରେ ପୁରୀର କାକଟପୁର, ସାକ୍ଷୀଗୋପାଳ ଓ ବ୍ରହ୍ମଗିରି, ଖୋର୍ଦ୍ଧା ଜିଲାର ବୋଲଗଡ଼, ମୟୂରଭଞ୍ଜର ବେତନଟୀ, ଢେଙ୍କାନାଳର ପରଜଙ୍ଗ, ଭୋଗରାଇ, ସାଲେପୁର, ବଡ଼ମ୍ବା ଓ ନରସିଂହପୁର, ବିଞ୍ଝାରପୁର, ଧର୍ମଶାଳା ଓ ଚଣ୍ଡିଖୋଲ, ଗଞ୍ଜାମର କୁକୁଡ଼ାଖଣ୍ଡି, ଧାମରା, ସୁବର୍ଣ୍ଣପୁରର ବୀରମହାରାଜପୁର, ସୁନ୍ଦରଗଡ଼ର ବଣେଇ, ଲୋଇସିଙ୍ଗା, ବେଲପଡ଼ା ଓ ବଙ୍ଗମୁଣ୍ଡା, ସୁବର୍ଣ୍ଣପୁରର ଡୁଙ୍ଗୁରିପାଲି, ଅନୁଗୋଳର ପାଲଲହଡ଼ା ଓ ଛେଣ୍ଡିପଦା, ବୌଦ୍ଧର କଣ୍ଟାମାଳ, ନୂଆପଡ଼ାର ସିନାପାଲି, ବରଗଡ଼ର ଭଟ୍‌ଲି ଏବଂ ନୟାଗଡ଼ ଜିଲାର ଶରଣକୁଳ ରହିଛି। ବିଧାନସଭାରେ ବିଜେଡ଼ି ବିଧାୟକ ଭୂପିନ୍ଦର ସିଂହଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ଗୃହ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଥିଲେ।

## ଆର୍‌ଏଲ୍‌ଏସ୍‌ପି, ବିଏସ୍‌ପି, ଜେପି-ଏସ୍ ହାତ ମିଳାଇଲେ

**ବିହାର ନିର୍ବାଚନ**

ନୂଆଦିଲ୍ଲୀ, ୨୯।୯–ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାରୁ ବିଭିନ୍ନ ରାଜନୈତିକ ଦଳ ହାତ ମିଳାଇବାରେ ଲାଗିଛନ୍ତି। ମଙ୍ଗଳବାର ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି) ନେତା ତଥା ପୂର୍ବତନ ଏମ୍‌ପି ଉପେନ୍ଦ୍ର ଖୁସ୍‌ୱା ବହୁଜନ ସମାଜ ପାର୍ଟି(ବିଏସ୍‌ପି) ଏବଂ ଜନବାଦୀ ପାର୍ଟି (ସୋସାଲିଷ୍ଟ) ସହ ମିଶି ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି। ବିଏସ୍‌ପି ଏବଂ ଜେପି-ଏସ୍‌ର ରାଜ୍ୟ ମୁଖ୍ୟଙ୍କ ଉପସ୍ଥିତିରେ ଖୁସ୍‌ୱା କହିଛନ୍ତି ଯେ ନୂତନ ଭାବେ ଗଠିତ ମେଣ୍ଟ ମୋଟ ୨୪୩ ଆସନରେ ନିର୍ବାଚନ ଲଢ଼ିବ। ଏହାସହିତ ସେ ସମାନ ଚିନ୍ତାଧାରା ପୋଷଣ କରୁଥିବା ରାଜନୈତିକ ଦଳକୁ ମେଣ୍ଟରେ ସାମିଲ ହେବା ପାଇଁ ଆହ୍ୱାନ ଜଣାଇଛନ୍ତି। ପୂର୍ବରୁ ଜନ ଅଧିକାର ପାର୍ଟି ସଭାପତି ରାଜେଶ ରଞ୍ଜନ ଓରଫ୍ ପପୁ ଯାଦବ କହିଥିଲେ ଯେ, ଖୁସ୍‌ୱା ତାଙ୍କ ସହ ମିଶି ନିର୍ବାଚନ ଲଢ଼ିବା ଉଚିତ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ବିରୋଧୀ ଦଳ ନେତା ତଥା ଆର୍‌ଏଲ୍‌ଡି ନେତା ତେଜସ୍ୱୀ ଯାଦବଙ୍କ ସହ ଆସନ ବୁଝାମଣା ବିଫଳ ହେବା ପରେ ଖୁସ୍‌ୱା ନୂଆ ପାର୍ଟି ଗଠନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଗତ ୧୫ ବର୍ଷ ମଧ୍ୟରେ ନୀତୀଶ କେବଳ ନିଜ ପଦବୀକୁ ସୁରକ୍ଷିତ ରଖିବା ଛଡ଼ା କିଛି କରିନାହାନ୍ତି। ସଫଳତା ପାଇବା ପାଇଁ ମୁଖ୍ୟମନ୍ତ୍ରୀ ଅନେକ ସାଲିସ କରିଛନ୍ତି। ବିହାରର ବିକାଶ ନେଇ ସେ ଯେଉଁ କଥା କହୁଛନ୍ତି, ତାହାସବୁ ମିଥ୍ୟା। ତାଙ୍କ ଦାବି ଓ ବାସ୍ତବତା ମଧ୍ୟରେ ଅନେକ ତଫାତ୍ ରହିଛି ବୋଲି ଖୁସ୍‌ୱା କହିଛନ୍ତି।

## ଦେହଜୀବୀଙ୍କୁ ତୁରନ୍ତ ମାଗଣା ରାଶନ ସାମଗ୍ରୀ ଦିଅ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

**ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**
- ୪ ସପ୍ତାହ ମଧ୍ୟରେ ଉତ୍ତର ରଖ

କରୋନା ମହାମାରୀ ଯୋଗୁ ଦେହଜୀବୀମାନେ ବହୁ ସମସ୍ୟା ଦେଇ ଗତି କରୁଛନ୍ତି। ସେମାନଙ୍କୁ ତୁରନ୍ତ ମାଗଣାରେ ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାକୁ ସୁପ୍ରିମକୋର୍ଟ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସେମାନଙ୍କୁ କୌଣସି ପରିଚୟ ପତ୍ର ମଗାଯାଇ ପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଜଷ୍ଟିସ ଏଲ୍ ନାଗେଶ୍ୱର ରାଓ ଏବଂ ଅଜୟ ରାସ୍ତୋଗୀଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ(ନାକୋ) ଏବଂ ରାଜ୍ୟ କମିଟି ଦ୍ୱାରା ଚିହ୍ନଟ କରାଯାଇଥିବା ଦେହଜୀବୀମାନଙ୍କୁ ମାଗଣାରେ ରାଶନ ସାମଗ୍ରୀ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଦେହଜୀବୀମାନଙ୍କର କୌଣସି ପରିଚୟ ପତ୍ର ନ ଥିବାରୁ ସେମାନଙ୍କୁ ମାଗଣା ରାଶନ ସାମଗ୍ରୀ, ଟଙ୍କା କିମ୍ବା ଅନ୍ୟାନ୍ୟ ସହାୟତା ଦିଆଯାଉ ନ ଥିବାରୁ କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେତେଜଣ ଦେହଜୀବୀଙ୍କୁ ମାଗଣା ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି ଆସନ୍ତା ୪ ସପ୍ତାହ ମଧ୍ୟରେ ଜଣାଇବାକୁ କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯୋଗ୍ୟ, କରୋନା ଯୋଗୁ ଦେହଜୀବୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ନେଇ ଦୁର୍ବାର ମହିଳା ସମନ୍ୱୟ ସମିତି ପକ୍ଷରୁ ସୁପ୍ରିମକୋର୍ଟଙ୍କ ନିକଟରେ ଆବେଦନ କରାଯାଇଥିଲା। ଦେଶରେ ଥିବା ୯ ଲକ୍ଷ ଦେହଜୀବୀ ଓ କିନ୍ନରଙ୍କୁ ସହାୟତା ଯୋଗାଇ ଦେବାକୁ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଥିଲେ। ଦେହଜୀବୀମାନଙ୍କୁ ବିନା ପରିଚୟ ପତ୍ରରେ ମାଗଣା ରାଶନ ସାମଗ୍ରୀ ଯୋଗାଇବାରେ କେନ୍ଦ୍ର ସରକାରଙ୍କର କୌଣସି ଆପତ୍ତି ନ ଥିବା ଅତିରିକ୍ତ ସଲିସିଟର ଜେନେରାଲ ଆର୍.ଏସ୍. ପୁରୀ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି।


**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
**ଆକାଶ ଶୋଭା ବିଲ୍ଡିଂ**
**ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧**
ପତ୍ର ସଂଖ୍ୟା 15350/ KNL-116/93 ଭୁ.ଉ.କ., ଭୁବନେଶ୍ୱର ତା14.09.2020ରିଖ

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍ ଅନ୍ତର୍ଗତ LIG Plot No. K-4-715କୁ ଶ୍ରୀ ବିଭୁକଲ୍ୟାଣ ପଟ୍ଟନାୟକ, ପିତା- ଗୋପାଳ ଚରଣ ପଟ୍ଟନାୟକ, ଗ୍ରାମ/ପୋଅ- ଛଣଗିରି, ଥାନା-ଟାଙ୍ଗୀ, ଜିଲା- ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଗତ ତା25.10.2018ରିଖରେ ମୃତ୍ୟୁବରଣ କରିଅଛନ୍ତି । ଆବଣ୍ଟନଗ୍ରାହୀଙ୍କ ମୃତ୍ୟୁ ଅନ୍ତେ, ଉତ୍ତରାଧିକାରୀ ପ୍ରମାଣପତ୍ର ଅନୁଯାୟୀ ନିମ୍ନଲିଖିତ ବ୍ୟକ୍ତିମାନେ ଆବଣ୍ଟନଗ୍ରାହୀଙ୍କ ଉତ୍ତରାଧିକାରୀ ।
୧. ରୂପଶ୍ରୀ ପଟ୍ଟନାୟକ – (ସ୍ତ୍ରୀ)
୨. ବିଷ୍ଣୁପ୍ରିୟା ମହାନ୍ତି – (ବିବାହିତା ଝିଅ)
୩. ଭକ୍ତବତ୍ସଳ ପଟ୍ଟନାୟକ– (ପୁଅ)
୪. ଶକ୍ତିପ୍ରଦ ପଟ୍ଟନାୟକ– (ପୁଅ)

ବର୍ତ୍ତମାନ ଉପରୋକ୍ତ ଉତ୍ତରାଧିକାରୀମାନଙ୍କ ମଧ୍ୟରୁ (୧) ବିଷ୍ଣୁପ୍ରିୟା ମହାନ୍ତି, (୨) ଭକ୍ତବତ୍ସଳ ପଟ୍ଟନାୟକ, (୩) ଶକ୍ତିପ୍ରଦ ପଟ୍ଟନାୟକ ପଞ୍ଜୀକୃତ ନାଦାବି ପତ୍ର (Registered Deed of Relinquishment) ମାଧ୍ୟମରେ ଉପରୋକ୍ତ ପ୍ଲଟ୍‌ରେ ଥିବା ନିଜ ନିଜର ଅଧିକାର ସ୍ୱତ୍ୱ (Right title & Interest)କୁ ଶ୍ରୀମତୀ ରୂପଶ୍ରୀ ପଟ୍ଟନାୟକଙ୍କୁ ହସ୍ତାନ୍ତର କରିଛନ୍ତି। ଏଣୁ ଉକ୍ତ ପ୍ଲଟ୍‌ର ସମ୍ପୂର୍ଣ୍ଣ ମାଲିକାନା ସ୍ୱତ୍ୱ ଶ୍ରୀମତୀ ରୂପଶ୍ରୀ ପଟ୍ଟନାୟକଙ୍କ ନାମରେ ପରିବର୍ତ୍ତନ କରାଯିବାରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସ୍ୱତ୍ୱ ଆଇନ ଅନୁଯାୟୀ ପରିବର୍ତ୍ତନ କରାଯିବ ।

ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ



**PARADIP PORT TRUST**
**e-Tender-cum-e-Auction Notice**
An e-Tender-cum-e-Auction Notice has been floated inviting bids for "**Allotment of Port land measuring 3,000 s.ft under occupation of Paradip Banik Sangh for office purpose at Badapadia, Paradip for the period up to 31.12.2024 on lease basis**" The date of available of documents in website is from **23.09.2020** to **14.10.2020** at **16.00 hours**. For details, please log on the website:
**https://eprocure.gov.in/eprocure/app**
Sr. Asst. Estate Manager
PPT/PR/234/20-21 Dt-29.09.2020


## ଗୁରୁତର ସିଂହୀ ସୁପ୍ରିୟାର ମୃତ୍ୟୁ



ବାରଙ୍ଗ,୨୯।୯(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ସିଂହ ସଫାରିରେ ଗୁରୁତର ହୋଇ ଚିକିତ୍ସା ହେଉଥିବା ସିଂହୀ ସୁପ୍ରିୟାର ମଙ୍ଗଳବାର ମୃତ୍ୟୁ ଘଟିଛି। ୨୬ବର୍ଷୀୟ ଏହି ସିଂହୀଟି ଗତ କିଛିଦିନ ହେବ ଅସୁସ୍ଥ ଥିଲା। ଏପରି କି ସେ ଧୀରେ ଧୀରେ ରୁଗ୍‌ଣ ହୋଇପଡ଼ିବା ସହ ଖାଇବା ମଧ କମାଇଦେଇଥିଲା। ଫଳରେ କର୍ମଚାରୀମାନେ ଦେଖି ଡାକ୍ତରଙ୍କୁ ଜଣାଇବା ପରେ ସଫାରିରେ ହିଁ ତା'ର ଚିକିତ୍ସା ଆରମ୍ଭ ହୋଇଥିଲା। କିନ୍ତୁ ବାର୍ଦ୍ଧକ୍ୟ ଜନିତ କଷ୍ଟକୁ ସହ୍ୟ କରି ନ ପାରି ଶେଷରେ ସୁପ୍ରିୟା ମଙ୍ଗଳବାର ସକାଳେ ମୃତ୍ୟୁବରଣ କରିଥିଲା। ସୁପ୍ରିୟାର ମୃତ୍ୟୁ ପରେ ନନ୍ଦନକାନନରେ ସିଂହ ସଂଖ୍ୟା ହ୍ରାସପାଇ ୧୪ରେ ପହଞ୍ଚିଛି। ସେଥିମଧ୍ୟରେ ୮ ଅଣ୍ଡିରା, ୪ ମାଈ ଭାରତୀୟ ସିଂହ ଓ ୨ ଆଫ୍ରିକୀୟ ସିଂହ ଥିବା ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

## ଟାଟାକୁ ମୋଟା ଅଙ୍କ ଦେବା ପ୍ରତିଯୋଗିତା ଚାଲିଛି: କଂଗ୍ରେସ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ବିଦ୍ୟୁତ୍ ଦର ବୃଦ୍ଧିକୁ ନେଇ କଂଗ୍ରେସ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। ଘରୋଇ ଉପଭୋକ୍ତାଙ୍କ ଉପରେ ବିଦ୍ୟୁତ୍ ବୋଝ ଲଦି ଟାଟା କମ୍ପାନୀକୁ ମୋଟା ଅଙ୍କ ଦେବାକୁ ପ୍ରତିଯୋଗିତା ଚାଲିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ମଙ୍ଗଳବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, କରୋନା ଯୋଗୁ ବିଦ୍ୟୁତ୍ ବ୍ୟବହାରକାରୀ ଛୋଟ ବଡ ଦୋକାନୀ, ବିଦ୍ୟୁତ୍ ବ୍ୟବହାରକାରୀ ଶିଳ୍ପ ତଥା କୃଷି ସହ ସମ୍ପୃକ୍ତ ଉପଭୋକ୍ତା ଅଣ୍ଟା ସଳଖି ଛିଡା ହୋଇପାରି ନାହାନ୍ତି। ଏହି ବର୍ଗର ଉପଭୋକ୍ତା ୫୭%ରୁ ଅଧିକ ବିଦ୍ୟୁତ୍ ବ୍ୟବହାର କରିଥାଆନ୍ତି। ଅର୍ଥାତ୍ ବାର୍ଷିକ ବ୍ୟବହାର ହେଉଥିବା ହାରାହାରି ୩୬୦୦ ମେଗାୱାଟରୁ ପ୍ରାୟ ୨ହଜାର ମେଗାୱାଟ୍ ଏମାନେ ବ୍ୟବହାର କରିଥାନ୍ତି। ବିଭିନ୍ନ କମ୍ପାନୀ ଉପରେ ଗ୍ରୀଡ୍‌କୋର ପାଖାପାଖି ୭ ହଜାର କୋଟି ଟଙ୍କା ବକେୟା ପଡିଛି । ସରକାର କରୋନା ପାଇଁ ବିଦ୍ୟୁତ୍ ଦର ଅତି କମ୍‌ରେ ୫୦% କମାନ୍ତୁ ବୋଲି ସେ ଦାବି କରିଛନ୍ତି। କଂଗ୍ରେସ ନେତା ଗଣେଶ୍ୱର ବେହେରା କହିଛନ୍ତି, ବିଦ୍ୟୁତ୍ ସଂସ୍କାର ବେଳର ମୂଳ ଲକ୍ଷ୍ୟ ସାଧନ ଦିଗରେ ରାଜ୍ୟ ସରକାର ବିଚ୍ୟୁତ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଟାଟା କମ୍ପାନୀକୁ ଲୋକଙ୍କ ଅର୍ଥରୁ ମୋଟା ଅଙ୍କ ଦେବା ପ୍ରତିଯୋଗିତାରେ ଅଛନ୍ତି। ଲୋକଙ୍କ ପାଖରୁ ଦରବୃଦ୍ଧି କରି ହଜାରେ କୋଟି ଟଙ୍କା ବିତରଣ କମ୍ପାନୀକୁ ଟେକି ଦିଆଗଲା। ଅପରପକ୍ଷରେ କେନ୍ଦ୍ର ସରକାର ଏହି କମ୍ପାନୀକଗୁଡ଼ିକୁ ୮୪ କୋଟି ଟଙ୍କାର ପ୍ୟାକେଜ୍ ଦେବାର ଯେଉଁ ଘୋଷଣା କରିଛି ତାହା ସନ୍ଦେହ ସୃଷ୍ଟି କରୁଛି। ଟାଟା ନେବା ପରେ ଦରବୃଦ୍ଧି କ'ଣ ପାଇଁ ଓ କାହା ସ୍ୱାର୍ଥରେ ହୋଇଛି ବୋଲି ସେ ପ୍ରଶ୍ନ କରିଛନ୍ତି।


NATION TAX MARKET GST

**COMMISSIONERATE OF CT & GST**
**FINANCE DEPARTMENT,**
**GOVERNMENT OF ODISHA**

**ଜିଏସ୍‌ଟି ଟିକସଦାତା ଦୟାକରି ଧ୍ୟାନ ଦିଅନ୍ତୁ**
**ବିଳମ୍ବ ଶୁଳ୍କ ଛାଡ଼ / ସୀମିତ ଛାଡ଼**

**No.S-13:-** ୫ କୋଟି ଟଙ୍କା ପର୍ଯ୍ୟନ୍ତ ହାରାହାରି ଟର୍ଣ୍ଣଓଭର ଥିବା ଯେଉଁ ଟିକସଦାତାମାନେ ସେମାନଙ୍କ ଜିଏସ୍‌ଟି ରିଟର୍ଣ୍ଣ (GSTR-3B) ମେ, ଜୁନ, ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଦାଖଲ କରିନାହାନ୍ତି, ସେମାନେ ଏହି ମାସ ମାନଙ୍କ ପାଇଁ ନିମ୍ନ ନିର୍ଦ୍ଧାରିତ ତାରିଖ ମଧ୍ୟରେ ରିଟର୍ଣ୍ଣ ଦାଖଲ କରି ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କର ସୁବିଧା ପାଇପାରିବେ, ଯାହା ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଦିଆଯିବ:

| କ୍ର.ସଂ. | ଟିକସ ଅବଧି | ନିର୍ଦ୍ଧାରିତ ତାରିଖ |
|---|---|---|
| ୧ | ମେ' 2020 | ୧୫।୦୯।୨୦୨୦ |
| ୨ | ଜୁନ' 2020 | ୨୫।୦୯।୨୦୨୦ |
| ୩ | ଜୁଲାଇ' 2020 | ୨୯।୦୯।୨୦୨୦ |
| ୪ | ଅଗଷ୍ଟ' 2020 | ୦୩।୧୦।୨୦୨୦ |

ସର୍ତ୍ତାବଳୀ:
(କ) ଟିକସ ଦେୟ ପରିମାଣ 'ଶୂନ୍ୟ' ଥିଲେ ବିଳମ୍ବ ଶୁଳ୍କ ସମ୍ପୂର୍ଣ୍ଣ ଛଡ଼ା ହେବ।
(ଖ) ଟିକସ ଦେବାକୁ ପଡୁଥିଲେ ବିଳମ୍ବ ଶୁଳ୍କ ରିଟର୍ଣ୍ଣ ପ୍ରତି ୫୦୦ ଟଙ୍କା ମଧ୍ୟରେ ସୀମିତ ରହିବ।
➢ ଉପରୋକ୍ତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଟିକସଦାତାମାନେ ଯଦି ସେମାନଙ୍କ ରିଟର୍ଣ୍ଣ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ ସେମାନେ ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କ ପଇଠର କୌଣସି ସୁବିଧା ପାଇବେ ନାହିଁ।
➢ ତେଣୁ ଶେଷ ତାରିଖର ଭିଡ଼ ପର୍ଯ୍ୟନ୍ତ ଅପେକ୍ଷା ନ କରି ନିଜ ନିଜର ବକେୟା ରିଟର୍ଣ୍ଣ ତୁରନ୍ତ ଦାଖଲ କରିବାକୁ ସମସ୍ତ ଟିକସଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ
ଓଡ଼ିଶା ସରକାର, କଟକ

Help Desk: 1800 345 6753 (Toll Free)
Email ID: ctdho@odishatax.gov.in
https://odishatax.gov.in
OIPR-05006/11/0004/2021



**WANTED**
Financialy sound **DISTRIBUTOR** for Odisha. All district by a TV and Home Appliance Compnay. Urgent response.
Call: 9938895656 8249964640

**ଜିଲ୍ଲା ସ୍ତରୀୟ ନିଯୁକ୍ତି**
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ/ପ୍ରାର୍ଥୀନି ଆବଶ୍ୟକ ।
Qualification : 9th, 10th, +2, +3, ITI and Diploma.
Salary : Upto 30,000/-
Age : 18-35 years.
9668051710

**REQUIREMENT**
M/S Developers, Old Town, BBSR Requires Office Boy - 1no., Receptionist-2nos., Security Guard-5nos., Marketing Manager-2nos. & Driver-2nos.
Contact - 9437537549

**APPOINTMENT**
Required Female candidate for **HEALTH CENTER** with English speaking & Computer knowledge.
Plot No.17, Bhimatangi
Contact: 9668814120

**WANTED**
Only Experienced Staffs
FOR BHUBANESWAR
GRAPHIC DESIGNER
PRINTING SUPPORT STAFF
MARKETING EXECUTIVE
TELE CALLER & CAR DRIVER
Interested candidates may send their resume to
newstartup.bbsr@gmail.com
Ph: 8249416516

UCE
**An E-Vehicle Manufacturing Company Urgently Need following Post in Odisha Market**
1. **ASM - 2 Nos. :** MBA with 1 year experience in Automobile Sector Pay Roll or 2 years experience in 3rd Party Pay Roll in Automobile Sec., Salary negotiable.
2. **TSM - 5 Nos. :** MBA with 1 year experience in Automobile Sector Pay Roll or 2 years experience in 3rd Party Pay Roll in Automobile Sec., Salay negotiable.
3. **TECHNICIAN :** ITI, Diploma in Electrical & Electronics, 1 year experience in Automobiles Sector. Fresher also apply.
4. **MARKETING MANAGER (M) :** MBA with 3 years experience in Marketing/Promotional activities. Willing to travel all Odisha.

E-mail your CV with recent Photo
hr.uceevmpl@gmail.com
Contact: 09433205450 / 09078704400
REQUIRE DEALERS & SUB-DEALERS IN ALL MAJOR CITIES OF ODISHA

**BILLING AND PLANNING ENGINEER REQUIRED**
**FOR A LEADING COMPANY IN ODISHA**
**QUALIFICATION:** Degree/Diploma in civil engineering with 15 years working experience. **JOB DESCRIPTION:** Having experience in construction of Multistoried Buildings & Bridges, Housing Projects, and having in depth knowledge in R.C.C. Structural works, Architectural finishing works, Pilling (Bore pile/Driven pile) works, Podium, plumbing & sanitation & firefighting, Rate analysis, Bill checking and estimation, reconciliation bill & BOQ Prepare. Prepared early budget estimation etc. Regarding Companies rule & Regulation sanction one line process & also experience epc/construction project & also knowledge of shuttering. Billing Procedures From Client & Contractor Side Billing for extra-items/Non-BOQ items Rates Analysis on DSR Abstract Invoice reconciliation of material bill required technique in Billing & MIS Generation. Preparation of Deviation Extra item Interested candidates can send resume with a valid contact number along with all testimonials & experience through **Email- bk.bipul1@gmail.com, Mob. No. 8093394145**



भारतीय रिज़र्व बैंक RESERVE BANK OF INDIA

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂଶାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜୱାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା

**ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ଠିକା ବ୍ୟାଙ୍କ ଚିକିତ୍ସା ପରାମର୍ଶଦାତାଙ୍କ ନିୟୋଜନ**

ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଭୁବନେଶ୍ୱର ସ୍ଥିତ ଔଷଧାଳୟ ଗୁଡ଼ିକ ପାଇଁ ଭାରତୀୟ ମେଡିକାଲ କାଉନସିଲ ଦ୍ୱାରା ମାନ୍ୟତା ପ୍ରାପ୍ତ ଦୁଇ ବର୍ଷର ଅଭିଜ୍ଞତା ଥିବା ଯେ କୌଣସି ବିଶ୍ୱବିଦ୍ୟାଳୟର ମେଡିକାଲ ସ୍ନାତକମାନଙ୍କ ଠାରୁ ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ଠିକା ଭିତ୍ତିରେ ଓ ବି ସି ବର୍ଗ ନିମନ୍ତେ କେବଳ ଗୋଟିଏ **(1)** ବ୍ୟାଙ୍କ ଚିକିତ୍ସା ପରାମର୍ଶଦାତା (ବି ଏମ ସି) ପଦ ପାଇଁ ଆବେଦନ ପତ୍ର ଆହ୍ୱାନ କରୁଛି। ଏଥିନିମନ୍ତେ ଆବଶ୍ୟକୀୟ ଆବେଦନ ପତ୍ର, ସର୍ତ୍ତ ଓ ନିୟମାବଳୀର ବିଶଦ ବିବରଣୀ ବ୍ୟାଙ୍କର ୱେବସାଇଟ **(www.rbi.org.in)** ରେ ଉପଲବ୍ଧ ଅଛି। ବ୍ୟାଙ୍କର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ନଭେମ୍ବର **15, 2020**।

ବି.ଦ୍ର: ଉପରୋକ୍ତ ବିଜ୍ଞାପନ ସମ୍ବନ୍ଧିତ ଯେ କୌଣସି ସଂଶୋଧିତ ସୂଚନା କେବଳ ବ୍ୟାଙ୍କର ୱେବସାଇଟରେ ପ୍ରକାଶିତ ହେବ।

କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ
ଆଦେଶାନୁସାରେ

ସବୁ ଅଭ୍ୟାସ ଭିତରେ– ମୃତ୍ୟୁ ହେଉଛି ସବୁଠାରୁ ଅବାଧ ଅଭ୍ୟାସ । ... କିନ୍ତୁ ଭୟ କରନା। ଭଗବାନ ମୃତ୍ୟୁଠାରୁ ଅଧିକ ଶକ୍ତିଶାଳୀ ଏବଂ ସେ ତୁମ ପାଖେ ପାଖେ ଅଛନ୍ତି । ... ମୃତ୍ୟୁକୁ ଇଚ୍ଛାକରନା କି ମୃତ୍ୟୁକୁ ସମ୍ମତି ଦିଅନା ଏବଂ ମୃତ୍ୟୁକୁ ଭୟ ମଧ କରନା। -ଶ୍ରୀମା



# ଅପେକ୍ଷା କର, ବଞ୍ଚାଚାଲିଛି

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ୨୯ ସେପ୍ଟେମ୍ବରରେ ହେବାକୁ ଥିବା ମୁଦ୍ରାନୀତି କମିଟି ବା ମନିଟାରୀ ପଲିସି କମିଟି (ଏମ୍‌ପିସି) ବୈଠକକୁ ୨୮ ସେପ୍ଟେମ୍ବରରେ ସ୍ୱଳ୍ପ ସୂଚନାରେ ସ୍ଥଗିତ କରିଦିଆଯାଇଛି । ଏହି କମିଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଏହାର ନିଷ୍ପତ୍ତି ଦ୍ୱାରା ଆର୍‌ବିଆଇର କାର୍ଯ୍ୟଶୈଳୀ ସ୍ଥିର ହୋଇଥାଏ । ସେଥିପାଇଁ ଏଭଳି ଏକ ବୈଠକକୁ ହଠାତ୍ ସ୍ଥଗିତ କରିଦେବା ଅନେକ ଦିଗକୁ ଇଙ୍ଗିତ କରୁଛି । ସ୍ଥଗିତର କାରଣ ଭାବେ ଦର୍ଶାଯାଇଛି ଯେ ସରକାରଙ୍କ ଦ୍ୱାରା ମନୋନୀତ ହେଉଥିବା ୩ ଜଣ ସ୍ୱାଧୀନ ସଦସ୍ୟଙ୍କ ନାମ ଚୂଡ଼ାନ୍ତ ହୋଇପାରି ନ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଆର୍‌ବିଆଇ ଆଇନ, ୧୯୩୪କୁ ସଂଶୋଧନ କରାଯାଇ ବିତ୍ତୀୟ ଆଇନ (ଭାରତ), ୨୦୧୬ ଅଣାଯିବା ପରେ ମୁଦ୍ରାନୀତି ସ୍ଥିର କରିବା ଲାଗି ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଏମ୍‌ପିସି ଗଠନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏଥିଲାଗି ୬ ଜଣିଆ ପ୍ୟାନେଲକୁ ନିଷ୍ପତ୍ତି ନେବାକୁ ଦାୟିତ୍ୱ ଦିଆଯାଇଥିଲା । ଏଥିରେ ୩ ଜଣ ସଦସ୍ୟ ଆର୍‌ବିଆଇରୁ ରହିଥିବା ବେଳେ ଆଉ ୩ ଜଣ ସରକାରଙ୍କ ଦ୍ୱାରା ମନୋନୀତ ବିଶେଷଜ୍ଞଙ୍କୁ ଉକ୍ତ ପ୍ୟାନେଲକୁ ପଠାଯାଇଥିଲା । ନିକଟ ଅତୀତରେ ସେହି ସ୍ୱାଧୀନ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ନୂଆ ବ୍ୟକ୍ତିଙ୍କ ନାମ ସରକାର ସ୍ଥିର କରିପାରି ନ ଥିବାରୁ ୨୯ ସେପ୍ଟେମ୍ବର ବୈଠକକୁ ସ୍ଥଗିତ ରଖାଯାଇଛି । ବିଭିନ୍ନ ଆର୍ଥିକ ସଂସ୍କାର ଆଣି ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରାଯାଉଛି ବୋଲି ଡିଣ୍ଡିମ ପିଟୁଥିବା କେନ୍ଦ୍ର ସରକାର ୩ ଜଣ ସ୍ୱାଧୀନ ସଦସ୍ୟଙ୍କୁ ବାଛିବାରେ ବିଳମ୍ବ କରିଛନ୍ତି । ସମ୍ଭବତଃ ସରକାରଙ୍କୁ ସୁହାଇଲା ଭଳି ବିଶେଷଜ୍ଞ ମିଳୁ ନ ଥିବାରୁ ନାମ ଚୂଡ଼ାନ୍ତ ହୋଇପାରୁ ନାହିଁ ।

ଆଜିର କେନ୍ଦ୍ର ସରକାର ପ୍ରତି ପଦକ୍ଷେପରେ ବିଭିନ୍ନ କ୍ଷେତ୍ର ଉପରେ ନିଜର ସରକାରୀ ପ୍ରଭାବ ପକାଇବାକୁ ଉଦ୍ଦେଶ୍ୟ ରଖୁଥିବାରୁ ଅସଙ୍ଗତି ଦେଖାଦେଉଛି । କିଏ କେତେ ମ୍ୟାନେଜ୍ ବା ପରିଚାଳନା କରି ସରକାରକୁ ସୁରକ୍ଷା ଦେଇପାରିବ ସତେ ଯେମିତି ହୋଇଯାଇଛି ନିଉ ନର୍ମାଲ ବା ନୂଆ ସ୍ୱାଭାବିକତା । ଆର୍‌ବିଆଇ ଏକ ସ୍ୱାଧୀନ ସଂସ୍ଥା ବୋଲି କୁହାଯାଉଥିଲେ ମଧ୍ୟ ଗତ କିଛି ବର୍ଷର କାର୍ଯ୍ୟଧାରାକୁ ଦେଖିଲେ ସେଥିରେ ଅତ୍ୟଧିକ ସରକାରୀ ହସ୍ତକ୍ଷେପ ଏହାର ମୁଦ୍ରାନୀତି ଢାଞ୍ଚାକୁ ଦୁର୍ବଳ କରିଦେଲାଣି । ୨୦୧୯ ଅଗଷ୍ଟରେ ଆର୍‌ବିଆଇ ତା'ର ବଳକା ଅର୍ଥ ୧ ଲକ୍ଷ ୭୬ ହଜାର କୋଟି ଟଙ୍କା କେନ୍ଦ୍ର ସରକାରଙ୍କୁ ଦେବାକୁ ନିଷ୍ପତ୍ତି ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା କଥା । ଏହି ଅର୍ଥରୁ ସରକାର କେତେ ନେଇ କେଉଁ ଦିଗରେ ବ୍ୟୟ କଲେ ତାହାର ବିବରଣୀ ସାଧାରଣରେ ଜାଣିବା କଷ୍ଟକର । ସେହି ବଳକା ଅର୍ଥ ଥିଲେ ଆଜି ଅର୍ଥନୀତି ଯେଉଁଭଳି ଚାପରେ ରହିଛି ତାହାକୁ ହ୍ରାସ କରିବାରେ ଯଥେଷ୍ଟ ସହାୟକ ହୋଇପାରିଥାନ୍ତା । ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇଠାରୁ ଅଧିକ ଅର୍ଥ ମିଳିଥିଲେ ତାହା ବଜାର ଅର୍ଥନୀତିକୁ ବିଭିନ୍ନ ମାଧ୍ୟମରେ ଚଳଚଞ୍ଚଳ କରିପାରିଥାଆନ୍ତା । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) କଥାକୁ ଆଲୋଚନାକୁ ଅଣାଯାଇପାରେ । ରାଜ୍ୟ ସରକାରଗୁଡ଼ିକ ସେମାନଙ୍କ ଜିଏସ୍‌ଟି ଅଂଶ ନ ପାଇବା ପରେ ଯେତେବେଳେ କେନ୍ଦ୍ର ନିକଟରେ ଫେରାଦ ହେଲେ, ସେତେବେଳେ ପ୍ରସ୍ତାବ ଦିଆଗଲା ଋଣ କରି ସରକାର ଚଳାଅ । ଏ ପ୍ରକାର ପରାମର୍ଶ ସମ୍ଭବତଃ ଅନ୍ୟ କୌଣସି ଦେଶର ସଂଘୀୟ ଅର୍ଥ ବ୍ୟବସ୍ଥାରେ ଦେଖାଦେଉ ନ ଥିବ । ଅପାରଗତାକୁ ଲୁଚାଇବାକୁ ଯାଇ ରାଜ୍ୟ ସରକାରଗୁଡ଼ିକୁ ଏଭଳି ପ୍ରସ୍ତାବ ଦିଆଯିବା ଅର୍ଥ ତା'ର ଲୋକଙ୍କ ଉପରେ ମୁଣ୍ଡ ପିଛା ବୋଝ ବଢ଼ାଇବା ସକାଶେ ବାଟ ଦେଖାଇ ଦିଆଯାଉଛି ।

ଭାରତୀୟ ଅର୍ଥନୀତି ଅନ୍ତର୍ଜାତୀୟ ସ୍ତରରେ ତା'ର ସ୍ଥିତି ସୁଦୃଢ଼ କରିପାରିଛି ବୋଲି ଆଜିର ଶାସକ ବିଭିନ୍ନ ବିଶ୍ୱ ମଞ୍ଚରେ କହିବା ଗୋଟେ ଘୋଷାରେ ପରିଣତ ହୋଇଯାଇଛି । ହେଲେ ନିକଟରେ ଭୋଡାଫୋନ୍ ମାମଲାରେ ନେଦରଲାଣ୍ଡ୍‌ସର ହେଗ୍‌ସ୍ଥିତ 'ପର୍ମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେଶନ' ଭାରତକୁ ଭର୍ତ୍ସନା କରିବା ଦେଶର ମର୍ଯ୍ୟାଦାକୁ ଅନ୍ତର୍ଜାତୀୟ ସ୍ତରରେ ଯେଭଳି ନ୍ୟୂନ କରିଦେଲା, ତାହା ଉପରେ ସରକାରଙ୍କଠାରୁ ଆଉ କୌଣସି ମନ୍ତବ୍ୟ ପ୍ରକାଶ ପାଉ ନାହିଁ । ଭୋଡାଫୋନ୍‌କୁ ଟିକସ ସହ ସୁଧ ମିଶାଇ ୨୦,୦୦୦ କୋଟି ଟଙ୍କା ଦେୟ ଦେବା ଲାଗି ମୋଦି ସରକାର ଯେଉଁ ନୋଟିସ୍ ଦେଇଥିଲେ ତାହା ଅନ୍ତର୍ଜାତୀୟ କୋର୍ଟରେ ଖାରଜ ହୋଇଗଲା । କେବଳ ସେତିକି ନୁହେଁ, ନୋଟିସ ଦିଆଯାଇଥିବା ଅର୍ଥ ବୁଡ଼ିବା ସହ ଭୋଡାଫୋନ୍ ମକଦ୍ଦମା ଲାଗି ବ୍ୟୟ କରିଥିବା ଅର୍ଥ ଦେବା ଲାଗି ଭାରତ ସରକାରଙ୍କୁ କୁହାଯାଇଛି । ଫଳରେ ଭାରତର ସମ୍ମାନ ଗଲା ଓ ଜରିମାନା ଦେବାକୁ ପଡ଼ିବ । ଏଥିରୁ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ପରିଚାଳନା କରୁଥିବା ମୁଣ୍ଡଗୁଡ଼ିକ କେଉଁ ସ୍ତରରେ ଅଛନ୍ତି ବୁଝି ହେଉଛି ।

ଆର୍‌ବିଆଇ କଥାକୁ ଫେରିବା । ପ୍ୟାନେଲରେ ଆବଶ୍ୟକ ସଂଖ୍ୟକ ସଦସ୍ୟ ନ ଥିଲେ ବୈଠକ ବସିପାରିବ ନାହିଁ ବୋଲି ଆର୍‌ବିଆଇ ଓ ସରକାର ଜାଣିଛନ୍ତି । ତେବେ ସ୍ୱାଧୀନ ସଦସ୍ୟଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ନୂତନ ବ୍ୟକ୍ତିଙ୍କ ନାମ ବଛା ନ ଯିବା ସୂଚାଇ ଦେଉଛି ଯେ ସରକାର ସେହି କେନ୍ଦ୍ରୀୟ ବ୍ୟାଙ୍କକୁ ସିଧାସଳଖ ନିୟନ୍ତ୍ରଣ କରୁଛନ୍ତି । ଛୋଟିଆ ଛୋଟିଆ କଥାରେ ସରକାର ଓ ପ୍ରଶାସକ ଆଗ୍ରହର ସହ ପଶି ସମାଧାନ ଆଣିପାରୁଥିବା ବେଳେ ଦେଶର ଅର୍ଥନୀତିକୁ ଦିଶା ଦେଖାଉଥିବା ଆର୍‌ବିଆଇ ବିଷୟ ପାସୋରି ଦିଆଯିବା ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ । ବର୍ତ୍ତମାନ ଦେଶ ଯେଉଁ ଆର୍ଥିକ ସଙ୍କଟ ଦେଇ ଗତି କରୁଛି ଓ ବଜାର ବ୍ୟବସ୍ଥା ସମ୍ପୂର୍ଣ୍ଣ ଦୋହଲି ଯାଇଛି ସେତେବେଳେ ମୁଦ୍ରାନୀତି ନେଇ ନିଶ୍ଚିତତା ଆସି ନ ପାରିବା ଗମ୍ଭୀର ସ୍ଥିତି ସୃଷ୍ଟି କଲାଣି । ସୁଧ ହାର ସୂଚାଇବାରେ ଡେରି ହେବା ମାନେ ବ୍ୟବସାୟ ଓ ବିତ୍ତୀୟ କ୍ଷେତ୍ରକୁ ଭୁଲ ବାର୍ତ୍ତା ପହଞ୍ଚିବ । ଆର୍ଥିକ ଦୁଃସ୍ଥିତି ଦେଇ ଭାରତ ଗତି କରୁଥିବା ବେଳେ ଯଦି ସଙ୍କଟ ସର୍ବନିମ୍ନ ସ୍ତରକୁ ଚାଲିଯାଏ, ସେତେବେଳେ କୌଣସି 'ଆତ୍ମନିର୍ଭର ଭାରତ' ଦେଶକୁ ବଞ୍ଚାଇପାରିବ ନାହିଁ ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 4 | | | | 7 | | | | | | E | 0 | | |
| 1 | | | | 6 | | | | | 4 | | | E | D | |
| 5 | | | | 8 | 9 | 7 | | | B | | | | | A |
| | | | 2 | | | 6 | | | | 5 | | | | |
| | | | E | | C | | 4 | | A | 3 | | | 9 | 2 |
| | | | | | | D | C | 4 | | | | 5 | | E |
| | | 1 | | B | | | | | 8 | | | 2 | 3 | |
| | | | | | | 1 | | 8 | | | 0 | | | 7 |
| E | 9 | | | | | | | | | 6 | 3 | B | 1 | D |
| 3 | | | | | A | | 9 | 5 | | 7 | 1 | 6 | | |
| | B | | | | 2 | A | 5 | | E | | C | D | 8 | 0 |
| | 2 | | | | 4 | | | 7 | | D | | | | 5 |
| 4 | | | | | 5 | 2 | | E | 6 | | | C | | |
| | | | | | E | 8 | 6 | | | | | | 4 | |
| C | | | | | | | | B | | | 7 | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 9 | 5 | B | E | 3 | 8 | 6 | 4 | 1 | C | 2 | 0 | 7 | D |
| E | 6 | 8 | 2 | D | C | B | 0 | 1 | A | 7 | 3 | 5 | 4 | 9 |
| 7 | 0 | B | 6 | 9 | A | 3 | D | 5 | 4 | 8 | E | 1 | C | 2 |
| C | 3 | 4 | 5 | 1 | 7 | E | 2 | A | D | 0 | 9 | 8 | B | 6 |
| 1 | D | 2 | 4 | 8 | 0 | C | 7 | 9 | 5 | 6 | B | A | 3 | E |
| 5 | 1 | 7 | D | A | 4 | 6 | C | B | 9 | 3 | 0 | E | 2 | 8 |
| 9 | E | 3 | 1 | 7 | B | 4 | 8 | D | 2 | A | 5 | C | 6 | 0 |
| 8 | A | C | 0 | 3 | 5 | 7 | 9 | 2 | E | 4 | 6 | D | 1 | B |
| 4 | B | D | 9 | 6 | 2 | A | E | 0 | C | 1 | 8 | 7 | 5 | 3 |
| 6 | 2 | 0 | 8 | C | E | 5 | 1 | 3 | B | D | 7 | 9 | A | 4 |
| 2 | 5 | E | C | 0 | D | 1 | 3 | 8 | 6 | B | A | 4 | 9 | 7 |
| B | 8 | A | 7 | 4 | 9 | D | 5 | 6 | 0 | 2 | C | 3 | E | 1 |
| 0 | C | 1 | E | 5 | 8 | 2 | B | 7 | 3 | 9 | 4 | 6 | D | A |
| 3 | 7 | 6 | A | 2 | 1 | 9 | 4 | E | 8 | 5 | D | B | 0 | C |
| D | 4 | 9 | 3 | B | 6 | 0 | A | C | 7 | E | 1 | 2 | 8 | 5 |

ଗତକାଲିର ଉତ୍ତର

# ଅଭିଭାବକ



ଡ. ସୁବାସ ଚନ୍ଦ୍ର ପାତ୍ର

ସଂଖ୍ୟା ଦୃଷ୍ଟିରୁ ଆଜି ଅଭିଭାବକ ଏକବଚନ ବା ଦ୍ୱିବଚନରେ । ଅର୍ଥାତ୍ ଝିଅପୁଅର ମା' ଓ ବାପା । ଅବଶ୍ୟ ଏକ ସମୟରେ ମା'ବାପା ଏକମାତ୍ର ଅଭିଭାବକ ନ ଥିଲେ । ଏକ ଯୌଥ ପରିବାରର ସମସ୍ତ ବୟୋଜ୍ୟେଷ୍ଠ ଥିଲେ ଅଭିଭାବକ ଏବଂ ପରିବାର ସଦସ୍ୟଙ୍କୁ ଛାଡ଼ି ଆହୁରି ଅନେକ ଅଭିଭାବକ ଥିଲେ, ଯେଉଁମାନେ ସେମାନଙ୍କ 'ସାମୟିକ ଅଭିଭାବକତ୍ୱ' ପାଇଁ ମୂଳ ଅଭିଭାବକମାନଙ୍କୁ କୃତଜ୍ଞ କରି ତୋଳୁଥିଲେ ।

ଦୁଃଖର କଥା ଯୌଥ ପରିବାରର ପତନ ପରେ ଏବଂ ଜେଜେ-ଜେଜୀ ଅନ୍ତର୍ହିତ ମାତା–ପିତା କୈନ୍ଦ୍ରିକ 'ଅଣୁ ପରିବାର'ର ଅଭ୍ୟୁଦୟ ପରଠୁ ଅଭିଭାବକର ସଂଜ୍ଞା, ଚରିତ୍ର, ଅବଦାନ, ଉପଯୋଗିତା ବଦଳି ଯାଇଛି । ଯୁବ ମା'ବାପା ସବୁବେଳେ ସଫଳ ଅଭିଭାବକ ହେବା ସୁନିଶ୍ଚିତ ନୁହେଁ । ବୟସ, ଯୋଗ୍ୟତା, ଦକ୍ଷତା ନେଇ ଅଭିଭାବକତ୍ୱ । ଜେଜେ, ଜେଜେମା'ଙ୍କ ସ୍ନେହଭରା, ଆଘାତ ଶୋଷଣକାରୀ (ସକ୍ ଏବଜର୍ବିଙ୍ଗ) ଅଭିଭାବକତ୍ୱ, କକା, ଖୁଡ଼ୀଙ୍କ ପରି ବଡ଼ଭାଇ, ବଡ଼ଭଉଣୀଙ୍କ ଅଭିଭାବକତ୍ୱଠୁ ଭିନ୍ନ । ସାନପିଲାଟି ପଢ଼ିଲା ବେଳେ ଏକ ମିଶ୍ର ପ୍ରଭାବ, ମିଶ୍ର ଉପଯୋଗିତାର ଉପଭୋକ୍ତା ହୋଇ ବଢୁଥିଲା । ଶିକ୍ଷା, ଦୀକ୍ଷା ଦୃଷ୍ଟିରୁ ଏମାନଙ୍କ ଭିତରୁ କେହି ତା'ର ଶିକ୍ଷକର ଭୂମିକା ମଧ୍ୟ ନିର୍ବାହ କରୁଥିଲେ । ଖାଲି ସେତିକି ନୁହେଁ, ସଦସ୍ୟଙ୍କ ସଂଖ୍ୟାଧିକତା ଦୃଷ୍ଟିରୁ ପିଲାଟି ବିଭିନ୍ନ ବ୍ୟକ୍ତିତ୍ୱ ସଂସ୍ପର୍ଶରେ ଆସି ଭବିଷ୍ୟତରେ ନିଜକୁ ଏକ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱରେ ବିକଶିତ ହେବାକୁ ମୂଳଦୁଆ ଗଠନର ସୁଯୋଗ ପାଉଥିଲା । ଆଜି ନିଜର ଯୁବ ମା'ବାପା ହିଁ ସବୁକିଛି । ଆଉ ଯେଉଁଠି ମା'ବାପାଙ୍କ ଦାମ୍ପତ୍ୟ ଜୀବନ ସୁଖକର ନୁହେଁ ସେଠି ପିଲାଟି ପାଲଟି ଯାଏ ଏକ ଫୁଟବଲ ।

ଏକ ସମୟରେ ଅଭିଭାବକତ୍ୱ ଏକ ସାମାଜିକ ଦାୟିତ୍ୱ ଥିଲା । ଗାଁର ଯେ କୌଣସି ଲୋକ ଚିହ୍ନା ଅଚିହ୍ନା ନିର୍ବିଶେଷରେ ବାଳକ ଅବା ବାଳିକା, କିଶୋର ଅବା କିଶୋରୀଟିଏ ପାଇଁ ଅଭିଭାବକ ପାଲଟି ଯାଉଥିଲେ । ଯେତେବେଳେ ସେ ଅନୁଭବ କରୁଥିଲେ ସେ ମୁହୂର୍ତ୍ତରେ ତାଙ୍କ ଉପଦେଶ ବା ଦୈହିକ ହସ୍ତକ୍ଷେପ ଜରୁରୀ । ପିଲାଏ ହିଂସାତ୍ମକ ଖେଳରେ ମାତିଥିଲା ବେଳେ ବା ପୋଖରୀରେ ଦୀର୍ଘ ସମୟ ଜଳକେଳି କରୁଥିବା ବେଳେ କେହି ଜଣେ ଭିତରେ ପଶିଯାଇ ସେମାନଙ୍କୁ ସେଥିରୁ ବିରତ କରୁଥିଲେ, ଦରକାର ପଡ଼ିଲେ ହସ୍ତକ୍ଷେପକୁ ଅଧିକ ଫଳପ୍ରଦ କରିବାକୁ ଯାଇ ଚାପୁଡ଼ାଟିଏ କଷି ଦେଉଥିଲେ । ଖବର ଘରେ ପହଞ୍ଚିଲେ ଗୃହକର୍ତ୍ତା ଏହାକୁ ସକୃତଜ୍ଞ ଗ୍ରହଣ କରୁଥିଲେ ଏବଂ ସାକ୍ଷାତରେ ହସ୍ତକ୍ଷେପକାରୀଙ୍କୁ ଧନ୍ୟବାଦ ଦେବା ସହ ସେ ପ୍ରକାର ହସ୍ତକ୍ଷେପର ପୁନରାବୃତ୍ତି ପାଇଁ ମଧ୍ୟ ଅନୁରୋଧ କରୁଥିଲେ । ସାମାଜିକ ସଂହତି ଏତେ ନିବିଡ଼ ଥିଲା ଯେ ଅନ୍ୟର ଉପକାର ପାଇଁ ନିଜ, ପର ଭାବିବାକୁ ଅବକାଶ ନ ଥିଲା । ବେଳେବେଳେ ଏହି ଅପ୍ରତ୍ୟାଶିତ ଅଭିଭାବକତ୍ୱ ଦୈବକୃପା ହିସାବରେ କାମ କରୁଥିଲା । ପ୍ରସଙ୍ଗତଃ ମନେପଡ଼େ ସାରସ୍ୱତ ସାଧକ ମନୋଜ ଦାସଙ୍କ ସ୍ମୃତିକଥା (ସମୁଦ୍ରକୂଳର ଏକ ଗ୍ରାମ)ର ଘଟଣାଟିଏ । ନିର୍ଜନ ପ୍ରାକ୍–ସୂର୍ଯ୍ୟାସ୍ତର ସମୟ । ଆକାଶରେ ସ୍ଫୁରିତ ଇନ୍ଦ୍ରଧନୁର ପ୍ରାନ୍ତଦେଶ ଛୁଇଁବା ପାଇଁ ବାଳକ ମନୋଜର ଅବଦମିତ ଆଗ୍ରହ । ଇନ୍ଦ୍ରଧନୁ ବି ଜଣାପଡୁଥିଲା ହାତପାହାନ୍ତାରେ । ବିଲ, ବାଲୁକାମୟ ପ୍ରାନ୍ତର ଅତିକ୍ରମ କରି ଏକ ବିସ୍ତୃତ କେଦାରରେ ଉପନୀତ ହେବାପରେ ଇନ୍ଦ୍ରଧନୁ ଘୁଞ୍ଚି ଯାଇଥାଏ ସମୁଦ୍ର ଭିତରକୁ । ସଞ୍ଜ ନଇଁ ଆସିଲାଣି । ବୁଦାମାଳରୁ ବିଲୁଆର ଡାକ । ମନରେ ବିଷାଦ ତଥା ଭୟ । କେଉଁ ରାସ୍ତାରେ ଗଲେ ଘରେ ପହଞ୍ଚିବେ ତା' ମଧ୍ୟ ଠିକ ଜଣାନାହିଁ । ଆଗରେ ପଡ଼ିଥିବା ରାସ୍ତାରେ ଦୌଡ଼ୁ ଦୌଡ଼ୁ ସେ ଶୁଣିଲେ ଜଣେ ମହିଳାଙ୍କ ସ୍ୱର । 'ଗ୍ରାମବ୍ୟାପୀ ସବୁ ଶିଶୁଙ୍କୁ ଆବୋରି ରଖିଥାଏ ଯେଉଁ ସାର୍ବଜନୀନ ମାତୃମମତା, ତାହାରି ସେ କଣ୍ଠସ୍ୱର । ...ସେ ମୋତେ ସେମିତି କାଖେଇ ଆଣି ଆମ ଘର ବାରଣ୍ଡାରେ ଛାଡ଼ିଦେଇ ଚାଲିଗଲେ । ଧନ୍ୟବାଦ–ପ୍ରତ୍ୟାଶାର ଯୁଗ ସେ ଯାଏ ପଲ୍ଲୀ ଭାରତରେ ଆରମ୍ଭ ହୋଇ ନଥାଏ ।'

ଏବେ ସ୍ଥିତି ବଦଳି ଯାଇଛି । ଏବେ ମଣିଷ ଆତ୍ମକୈନ୍ଦ୍ରିକ ହେବା ସହ ନିଜର ସମ୍ମାନ, ମର୍ଯ୍ୟାଦା, ଅହଂଭାବ ନେଇ ଏତେ ସଚେତନ ହୋଇଯାଇଛି ଯେ ଅନ୍ୟ କୌଣସି କଥାରେ ମୁଣ୍ଡ ପୂରାଉନାହିଁ । ତା'ଛଡ଼ା ସେ ପ୍ରକାର ସକାରାତ୍ମକ ହସ୍ତକ୍ଷେପ ମଧ୍ୟ ଉପଭୋକ୍ତା ପରିବାର ତରଫରୁ କୃତଜ୍ଞତାର ସହ ସ୍ୱାଗତ କରାଯାଉ ନାହିଁ । ଆଗରୁ ଅଭିଭାବକତ୍ୱ ସଚେତନ ଭାବରେ, ଲୋଡ଼ା ଯାଉଥିଲା ଅବା ବିଭିନ୍ନ ବାଗରେ ସାଉଁଟା ଯାଉଥିଲା । ନିଜ ଘରେ ସବୁ ସୁବିଧା ଥିବା ସତ୍ତ୍ୱେ ବାପା, ମା' ପିଲାକୁ ମାମୁଘରେ ଅବା ମଉସାଘରକୁ ପଠାଇ ଦେଉଥିଲେ ଏଇ ଆଶାରେ ଯେ ପିଲା ମୋର ମଣିଷ ହୋଇ ଫେରିବ । ଠିକ୍ ସେହିପରି ଭାବରେ ବିଭିନ୍ନ ସାମାଜିକ ଅବା ସାଂସ୍କୃତିକ କାର୍ଯ୍ୟକ୍ରମ ଯେପରି ମେଳା, ମହୋତ୍ସବ, ପୂଜା, ଯାତ୍ରାକୁ ଅଭିଭାବକମାନେ ପିଲାମାନଙ୍କୁ ନେଇଯାଉଥିଲେ ଏହି ବିଶ୍ୱାସରେ ଯେ ପିଲା ମୋର 'ବିଭିନ୍ନ କଥା ଦେଖୁ, ଆଉ ଶିଖୁ ।' ଏବେ ଶିକ୍ଷା ଟ୍ୟୁଶନରେ ସୀମିତ । ପାଠ୍ୟ ପୁସ୍ତକ, ଟିଭି, ମୋବାଇଲ ଭଳି 'ଛାଇ ଦୁନିଆ' ଛଡ଼ା ଅନ୍ୟ ଦୁନିଆ ସହ ପିଲାମାନଙ୍କ ସମ୍ପର୍କ ନାହିଁ । ଆଜିର ଅଭିଭାବକମାନେ ପିଲାମାନଙ୍କ କ୍ୟାରିୟର ବିଷୟରେ ଏତେ ଉଗ୍ରଭାବରେ ସଚେତନ ଯେ ପିଲାଙ୍କୁ ଏବେ ସବୁକିଛି ମନା । ମେଳାଯିବା ମନା, ସମୁଦ୍ରକୂଳକୁ ଯିବା ମନା ଏପିରି କି ଛାତ ଉପରକୁ ଯାଇ ପୂର୍ଣ୍ଣିମାର ଜହ୍ନ ଦେଖିବା ମନା । କାରଣ କାଲି ପରୀକ୍ଷା ଅଛି ଅବା ଟ୍ୟୁଶନ ସାର୍ ଆସିଲେଣି! ଏପରି କି ଜୀବନରକ୍ଷାକାରୀ କୌଶଳ ଯେପରି ପହଁରିବା, ଗଛ ଚଢ଼ିବା, ଦ୍ରୁତଗତିରେ ଦୌଡ଼ିବା– ଏକଥା ମଧ୍ୟ ନିଷିଦ୍ଧ । ଫୁଲଗଛରେ ପାଣିଦେବା, ଫୁଲ ଗହଣରେ ମହୁମାଛି ବା ପ୍ରଜାପତିକୁ ଦେଖିବା, ଘରକାମରେ ସାହାଯ୍ୟ କରିବା ତାହା ମଧ୍ୟ ମା'ବାପା ନିର୍ଦ୍ଧାରିତ 'ସିଲାବସ'ରେ ନାହିଁ । ସମସ୍ତ ଅଭିଭାବକତ୍ୱ ପିଲାଛୁଆଙ୍କ ମସ୍ତିଷ୍କର ଉର୍ବରତା ବଢ଼ାଇବାରେ ସୀମିତ । ସେମାନଙ୍କ ଶାରୀରିକ ବିକାଶ, ହୃଦୟର ସମୃଦ୍ଧି ଏବଂ ଚେତନାର ପ୍ରଗତି ପ୍ରତି ଧ୍ୟାନଦେବା ଜଣେ ଅଭିଭାବକର କର୍ତ୍ତବ୍ୟ ବୋଲି ସେମାନେ ଭାବୁନାହାନ୍ତି । ଜଣେ ସମ୍ବେଦନଶୀଳ, ଦରଦୀ, ହୃଦୟବାନ ମଣିଷ ହିଁ ସଫଳ ଅଭିଭାବକ ହୋଇପାରିବ । ମା'ବାପା ଏବଂ ପିଲାଛୁଆ ଉଭୟଙ୍କ ବୟସ ବୃଦ୍ଧି ସହ ଯେହେତୁ ଅଭିଭାବକତ୍ୱର ଚରିତ୍ର ବଦଳେ, ଉପରୋକ୍ତ ଗୁଣଗୁଡ଼ିକ ପରବର୍ତ୍ତୀ ସମୟରେ ଉପଯୋଗୀ ସାବ୍ୟସ୍ତ ହୁଏ । ବଡ଼କଥା ହେଲା ନିଜର ତଥାକଥିତ ଶପଥ, ଅହଂ, ପଦମର୍ଯ୍ୟାଦାର ବନ୍ଦୀଶାଳାରୁ ମଣିଷ କିପରି ମୁକୁଳି ପାରିବ । ଶପଥ କଥା ଆମକୁ ପିତାମହ ଭୀଷ୍ମଙ୍କର କାହାଣୀ ମନେପକାଇ ଦିଏ, କିପରି ହସ୍ତିନାପୁରର ମଙ୍ଗଳ କରିବାକୁ ନିଜକୁ ଦେଇଥିବା କଥା ରଖିବାକୁ ଯାଇ ସେ ନିଜକୁ ଜଣେ କଏଦୀ କରି ତୋଳିଛନ୍ତି ; ଯେଉଁଥିରୁ ବାହାରିବାର ତାଙ୍କର ଅକ୍ଷମତା ସମସ୍ତ ଅନର୍ଥର କାରଣ ପାଲଟିଛି । ସାମାଜିକ ଜୀବନରେ ଆମେ ନିଜ ଚାରିପାଖରେ ନିଜର ତଥାକଥିତ ଆଦର୍ଶର ଚକ୍ରବ୍ୟୂହ ରଚନା କରି ନିଜକୁ ବନ୍ଦୀକରୁ, ଯାହା ପରବର୍ତ୍ତୀ ସମୟରେ ପିତା–ପୁତ୍ର ସମ୍ପର୍କରେ ପ୍ରାଚୀର ଛିଡ଼ା କରାଏ । ପିତାପୁତ୍ର ସମ୍ପର୍କ ହେଉ ଅବା ସାଧାରଣ ସାମାଜିକ ସମ୍ପର୍କ, ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ମାନବିକ ସମ୍ପର୍କର ସଂରକ୍ଷଣ ପାଇଁ ଆବଶ୍ୟକ ନିଜ ଅବତଳରୁ ଅନ୍ୟର ଅବତଳକୁ ଆରୋହଣ ବା ଅବରୋହଣ କରିବାର ସାମର୍ଥ୍ୟ ତଥା ଆଗ୍ରହ, ଅର୍ଥାତ୍ ନିଜକୁ ଅନ୍ୟସ୍ଥାନରେ ରଖି ପରିସ୍ଥିତିକୁ ବିଚାର କରିବା ।

ସଫଳ ଅଭିଭାବକ ସିଏ ଯିଏ ନିଜର ସନ୍ତାନସନ୍ତତି ବା ଅନ୍ୟାନ୍ୟ ପ୍ରିୟଜନକୁ ବାହ୍ୟ ପୃଥିବୀ ଏବଂ ପ୍ରକୃତି ସହିତ ସମ୍ପର୍କିତ ହେବାକୁ ଶିକ୍ଷାଦିଏ । ଖାଲି ମଣିଷ ମଣିଷର ଅଭିଭାବକ ନୁହେଁ । ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ର, ନଦୀ, ସମୁଦ୍ର, ଗଛଲତା, ଜୀବଜନ୍ତୁଙ୍କ ଗୁଣ ଓ ସଂକେତ ମଣିଷ ପାଇଁ ଦିଗବାରେଣୀ ହୋଇପାରେ । ତେବେ ଏହା ରାତାରାତି ସମ୍ଭବ ନୁହେଁ । ତେଣୁ ପିଲାମାନଙ୍କ ବାଲ୍ୟକାଳରୁ ଏ ବିଷୟରେ ସଚେତନତା ହେବାକୁ ପଡ଼ିବ । ଇନ୍ଦ୍ରଧନୁ ଓ ପ୍ରଜାପତିର ରଙ୍ଗ, କୋଇଲି ଓ ଝରଣାର ନାଦ, ପିମ୍ପୁଡ଼ି ଓ ଘରଚଟିଆର ନିଷ୍ଠା ଓ ଶୃଙ୍ଖଳା ଭଳି ଅନେକ ପ୍ରାକୃତିକ ଉପସ୍ଥାପନ ମଣିଷକୁ ବହୁ ମାନସିକ ବିପର୍ଯ୍ୟୟରୁ ରକ୍ଷା କରିପାରେ । ବିଶ୍ୱ ସାହିତ୍ୟ ଓ ସଂସ୍କୃତିରେ ବିଶେଷତଃ ଭାରତୀୟ ଧର୍ମ ଓ ଦର୍ଶନରେ ମଣିଷକୁ କେବେ ବିଚ୍ଛିନ୍ନମୂଳ କରାଯାଇନାହିଁ ।

ଉପଦେଶର ଚାବୁକ ପିଟି ଅଭିଭାବକତ୍ୱ ଜାହିର କରାଯାଏ ନାହିଁ । ଉପଦେଶ ଦେବା ସହ ପିଲାଙ୍କ ସମକ୍ଷରେ ନିଜକୁ ଉଦାହରଣ ତଥା ଆଦର୍ଶ ହିସାବରେ ଉଭାହେବାକୁ ପଡ଼ିବ । ପିଲାଏ ଯେମିତି ଅନୁଭବ କରିବେ ମୋର ମା'ବାପା ମୋ ଜୀବନର ସବୁଠୁ ନିର୍ଭରଶୀଳ ବଟିଘର । ଆଜି ସାମାଜିକ ଜୀବନର ଅଧିକାଂଶ ଦୁର୍ଗତିର କାରଣ ମା'ବାପାମାନେ ସନ୍ତାନସନ୍ତତିଙ୍କ ପାଇଁ ପ୍ରଥମ ଆଦର୍ଶ ହେବାର ବିଫଳତା ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼, ବାଲେଶ୍ୱର
ମୋ. :୯୪୩୭୩୭୬୨୧୯

# ପାଳଦଉଡ଼ି ଏବେ ନାଗସାପ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ନିମହାନ୍‌ସ (ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ୍ ନ୍ୟୁରୋ ସାଇନ୍‌ସେସ୍) ତରଫରୁ ମାର୍ଗଦର୍ଶକ– ଦଲିଲର (ଗାଇଡେନ୍ସ ଡକ୍ୟୁମେଣ୍ଟ)ର ଏକ ଅଧ୍ୟାୟରେ 'ୱରିଡ ୱେଲ'କୁ ଆଧାର କରି ବିଭିନ୍ନ ଦୃଷ୍ଟାନ୍ତ ବର୍ଣ୍ଣନା କରାଯାଇଛି । ଏହାର ବିଷୟବସ୍ତୁ ହେଉଛି ସୁସ୍ଥ ମଣିଷମାନେ ଅକାରଣରେ କିମ୍ବା ସାମାନ୍ୟ କିଛି ଅସୁସ୍ଥତା ଥିବା ସତ୍ତ୍ୱେ ନିଜ ସ୍ୱାସ୍ଥ୍ୟ ବିପନ୍ନ କରି ଦେଉଛନ୍ତି । କୋଭିଡ୍–୧୯ କାଳରେ ଏହା କେମିତି ଅବାଞ୍ଛିତ ସମସ୍ୟା ସୃଷ୍ଟି କରିଛି ସେଥିପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଛି । ଉଦାହରଣ ସ୍ୱରୂପ ଜଣେ ଛବିଶ ବର୍ଷ ବୟସ୍କ ଆଇଟି ବୃତ୍ତିଧାରୀ ଉକ୍ତ ମହାମାରୀରେ ଆକ୍ରାନ୍ତ ହୋଇଥିଲେ । ସେ ଅଭିଯୋଗ କଲେ ଯେ, ତାଙ୍କୁ ଏହି ସଂକ୍ରାମକ ଭୂତାଣୁ ଆକ୍ରମଣ କରିଛି । ଡାକ୍ତରଙ୍କ ଅଭୟବାଣୀ ସତ୍ତ୍ୱେ ସେ ନିଜକୁ ଆଶ୍ୱସ୍ତ କରିପାରିଲେ ନାହିଁ । ନିଜ ତରଫରୁ ଏକାନ୍ତବାସରେ ରହିଲେ ଜଣେ ପୀଡିତ ପରି । ପରିଶେଷରେ ଏହା ଏତେ ଉତ୍କଟ ହେଲା ଯେ, ସେ ମାନସିକ ବ୍ୟାଧିଗ୍ରସ୍ତ ହେବା ସହ ଏକ ଅଚଳାବସ୍ଥା ଆଡକୁ ମୁହାଁଇଲେ । ଅନ୍ୟ ଏକ ଘଟଣାରେ ଜଣେ ଷାଠିଏ ବର୍ଷୀୟା ବୃଦ୍ଧା ଏକ ମାସ ପର୍ଯ୍ୟନ୍ତ ଶୁଖିଲା କାଶରେ ପୀଡିତ ଥିଲେ । ପରୀକ୍ଷାରୁ ଜଣାପଡିଲା ଯେ, ତାଙ୍କ ଶ୍ୱାସକ୍ରିୟାରେ କୌଣସି ତ୍ରୁଟି ନ ଥିଲା । ସାଧାରଣ କାଶ ଔଷଧ ସେବନ କରି ସେ ସମ୍ପୂର୍ଣ୍ଣ ରୋଗମୁକ୍ତ ହେଲେ । ଏହା ସତ୍ତ୍ୱେ ସେ ଜୋର୍ ଦେଲେ ଯେ, ତାଙ୍କର କରୋନା ପରୀକ୍ଷା କରାଯାଉ । ବିଶେଷଜ୍ଞଙ୍କ ବାରମ୍ବାର ନିର୍ଭରଯୋଗ୍ୟ ଉପଦେଶ ପରେ ମଧ୍ୟ ସେ ନିଜ ସ୍ୱାସ୍ଥ୍ୟ ସମ୍ପର୍କରେ ସତତ ଚିନ୍ତିତ ରହିଲେ ।

ବିଶେଷଜ୍ଞମାନଙ୍କ ଅନୁଧ୍ୟାନ ମୁତାବକ ଅଳ୍ପ ସଂଖ୍ୟକ ବ୍ୟକ୍ତି ଏହି ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥିବା ସତ୍ତ୍ୱେ ଆମ ମଧ୍ୟରେ ପ୍ରାୟ ଶତକଡା ଶହେ ଭାଗ ଲୋକ ଏହି ଭୟରେ ଆବିଷ୍ଟ । ଫଳରେ 'ୱରିଡ ୱେଲ' ଯୋଗୁ ଅବିରତ ଏହି ଦୁର୍ଭାବନାରେ ଅସ୍ୱାସ୍ଥ୍ୟକର ଓ ଅସମୀଚୀନ ଭାବେ ଆମେ ମାନସିକ ସ୍ତରରେ ଭାରାକ୍ରାନ୍ତ । ଏବେ ପାଳ ଦଉଡି ମଧ୍ୟ ନାଗସାପ ପରି ଦେଖାଯାଉଛି । ଏହି ଦୁଃସ୍ଥିତି ପ୍ରଥମ ଭାବେ ସଂପ୍ରତି ଘଟିଛି ବୋଲି ଆମେ ଭାବିବା ଅନୁଚିତ । ଇତିହାସ ପୃଷ୍ଠା ଓଲଟାଇଲେ, ଯାହା ଆମକୁ ସମାବସ୍ଥାର ସାକ୍ଷାତ କରାଇବ, ତା'ର ଏକ ତାଲିକା (ଜଣେ ସଂଗ୍ରାହିକାଙ୍କ ମତରେ) ହେଉଛି ୱାଇଟୁକେ (୨୦୦୦), ଆନ୍ଥ୍ରାକ୍ସ (୨୦୦୧), ୱେଷ୍ଟ ନାଇଲ ଭାଇରସ (୨୦୦୨), ସାସ୍ (୨୦୦୩), ବାର୍ଡ ଫ୍ଲୁ (୨୦୦୫), ଇକୋଲି (୨୦୦୬), ଅର୍ଥନୈତିକ ପତନ (୨୦୦୮), ସ୍ୱାଇନ ଫ୍ଲୁ (୨୦୦୯), ମାୟା କ୍ୟାଲେଣ୍ଡର ଅନୁସାରେ ପୃଥିବୀ ଧ୍ୱଂସ (୨୦୧୨), ଉତ୍ତର କୋରିଆ ଯୋଗୁ ତୃତୀୟ ବିଶ୍ୱ ଯୁଦ୍ଧ (୨୦୧୩), ଇବୋଲା (୨୦୧୪), ଆଇଏସ୍‌ଆଇଏସ୍‌ର ଭୟଙ୍କର ଆକ୍ରମଣ (୨୦୧୫), ଜିକା ଭାଇରସ (୨୦୧୬) ଇତ୍ୟାଦି । ମହାମାରୀ ବା ଅନ୍ୟାନ୍ୟ ସଂକଟ ଯୋଗୁ ଧ୍ୱଂସ ସାଧନ ହେବ ଓ ମୃତକ ସଂଖ୍ୟାରେ ଖୁବ୍ ବୃଦ୍ଧି ଘଟିବ, ଏହା ଖଣ୍ଡ ପ୍ରଳୟ ରୂପ ନେବ ବୋଲି ତତ୍କାଳୀନ ସମାଜରେ ଆଶଙ୍କା ପ୍ରକଟିତ ହୋଇଥିଲା । କିନ୍ତୁ ସେମିତି କିଛି ସାଂଘାତିକ ବିନାଶ ବା ପରିଣାମ ମାନବସମାଜ ଭୋଗି ନ ଥିଲା । ତେବେ ଏତାଦୃଶ ଆମ ମାନସିକ ଉଦ୍‌ବେଗକୁ ବଢାଇବା ପଛରେ ମୂଳ କାରଣ ହେଉଛି ଆମ ଭୟ । ଏହି ଭୟ ସଂପ୍ରତି କରୋନା–ଭୂତାଣୁ ସୃଷ୍ଟି କରିଛି । 'ମୁଁ ଭଲ ଅଛି' ଏମିତି ଆଜି କେହି ମଧ୍ୟ ଛାତିରେ ହାତ ଦେଇ ଦମ୍ଭର ସହ କହିପାରିବେ ବୋଲି ବିଶ୍ୱାସ ହେଉନାହିଁ । ଏହାର ଚାକ୍ଷୁସ ପ୍ରମାଣ ହେଉଛି 'ୱରିଡ ୱେଲ' ।

ଏହି ଦୁଃଖଦ ପରିବେଶକୁ ବହୁଗୁଣିତ କରିଛି ଲକ୍ଷଣବିହୀନ କରୋନା ରୋଗୀ (ଆସିମ୍ପ୍ଟୋମେଟିକ କେସେସ) । ସତେ ଯେମିତି ଈଶ୍ୱର ଏହି ପ୍ରକାର ବିଚିତ୍ର ଚୁପ୍ ସଇତାନମାନଙ୍କୁ ସମାଜରେ ଜାତ କରାଇଛନ୍ତି । ଫଳସ୍ୱରୂପ ବାପ–ପୁଅ ମଧ୍ୟରେ, ପତ୍ନୀ–ପତି ଭିତରେ, ଭଉଣୀ–ଭାଇ ବା ପରିବାରର ବିଭିନ୍ନ ସଦସ୍ୟମାନଙ୍କ ମଧ୍ୟରେ କେହି କାହାରିକୁ ବିଶ୍ୱାସକୁ ନେଉନାହାନ୍ତି । ପରସ୍ପର ମଧ୍ୟରେ କେବଳ ଶାରୀରିକ ନୁହେଁ, ସାମାଜିକ ଦୂରତା ସମସ୍ତେ ଯଥାସମ୍ଭବ ରଖିବା ପାଇଁ ଉଦ୍‌ଗ୍ରୀବ । ପାରିବାରିକ ବନ୍ଧନରେ ଯେମିତି ଶିଥିଳତା ଦେଖାଦେଇଛି, ସାମାଜିକ ସ୍ତରରେ ତାହା ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଛି । କୌଣସି ସୁସ୍ଥ ସମାଜ ପାଇଁ ଏହା ଅଶୁଭଙ୍କର ଓ ଘୋର କ୍ଷତିକାରକ ।

ଏମିତି ବିଚ୍ଛିନ୍ନତା ଥରେ ସାମୂହିକ ରୂପ ନେବା ପରେ ଏଥିରୁ ରକ୍ଷା ପାଇଁ ସ୍ୱାଭାବିକ ଅବସ୍ଥାରେ ପୁଣି ପହଞ୍ଚିବା ଏତେ ସହଜ ନୁହେଁ । କରୋନା ପରବର୍ତ୍ତୀ କାଳରେ ବହୁ ଜଟିଳ ସମସ୍ୟା ନେଇ ଆମକୁ ଅଗ୍ରସର ହେବାକୁ ପଡିବ । ଏହା ବେଶ୍ ସମୟସାପେକ୍ଷ । ଏଥି ମଧ୍ୟରେ ଦୁର୍ବଳ ଅର୍ଥନୈତିକ ସ୍ଥିତି ସ୍ୱତନ୍ତ୍ର ଭାବେ ଉଲ୍ଲେଖନୀୟ । ସଂପ୍ରତି ଏହା ଯେମିତି ବ୍ୟାପକତା ସହ ପ୍ରକଟ ହୋଇଛି । ତାହା ସ୍ୱାଭାବିକ ଭାବେ ଆନନ୍ଦଦାୟକ ଘଟଣାକୁ ମଧ୍ୟ କଦାକାର କରି ଦେଇଛି । ପରିବାରରେ ନବଜାତକଟିଏ ଭୂମିଷ୍ଠ ହେଲେ କେମିତି ଅଚିତ୍ୟ ପରିସ୍ଥିତି ଦୃଶ୍ୟ ହୁଏ, ତା'ର ଏକ ନମୁନା ।

ଏକ ଖବରକାଗଜ ରିପୋର୍ଟରୁ ଜଣାପଡେ ଯେ, ରାଜସ୍ଥାନ ନାଗୌର ନିକଟସ୍ଥ ଭିଡୱାନା ଉତ୍ତମ ହସ୍ପିଟାଲରେ ଜଣେ ମହିଳା ଜୁନ ୨୦୨୦ ତୃତୀୟ ସପ୍ତାହରେ ବିନା ମେଜର ଅସ୍ତ୍ରୋପଚାରରେ ଚାରୋଟି ସନ୍ତାନ ଏକାଥରକେ ପ୍ରସବ କଲେ । ଅବଶ୍ୟ ସନ୍ତାନ ପ୍ରାପ୍ତି ପାଇଁ ସେ ଚିକିତ୍ସିତ ହେଉଥିଲେ । ଏମାନଙ୍କ ମଧ୍ୟରୁ ତିନିଜଣ ପୁତ୍ର ସନ୍ତାନ ଓ ଜଣେ କନ୍ୟା । ସେମାନଙ୍କ ନାମକରଣ ହୋଇଥିଲା କରୋନା, କୋଭିଡ୍, ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ । ପ୍ରତିଷେଧକ ଉଦ୍ଭାବିତ ହେବା ପରେ ଏହି ମହାମାରୀ ପ୍ରାୟତଃ ଅପସରିଯିବ । ତେବେ ଉକ୍ତ ନାମଧାରୀ ଏହି ସନ୍ତାନମାନେ ଆମକୁ କରୋନା ବିଷୟରେ ସଦାସର୍ବଦା ସ୍ମରଣ କରାଉଥିବେ । କୋଭିଡ–୧୯ ଗଲେ ମଧ୍ୟ ତା'ର ଅଲିଭା ଦାଗ ଜନସାଧାରଣଙ୍କ ମନରୁ ପୋଛିବା ପାଇଁ ଏକ ଦୀର୍ଘ ସଂଗ୍ରାମ ସକାଶେ ଆମେ ପ୍ରସ୍ତୁତ ରହିବା ଯଥାର୍ଥ । ଏଥିପାଇଁ ଧୈର୍ଯ୍ୟ, ସାହସ, ସହନଶୀଳତା ପରି ଗୁଣାବଳୀ ଅପରିହାର୍ଯ୍ୟ । ଏହା ଏକ ଚ୍ୟାଲେଞ୍ଜ ।

ମୋ: ୯୪୩୭୦୨୬୬୫୧

## ଏଇ ଭାରତରେ

ବାୟୁ ପ୍ରଦୂଷଣ ରୋକିବା ଲାଗି ସୁପ୍ରିମକୋର୍ଟ ନଡ଼ାପୋଡ଼ା ଉପରେ କଟକଣା ଲଗାଇଥିଲେ ବି ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶରେ ଚାଷୀମାନେ ଏଥିରୁ କ୍ଷାନ୍ତ ହେଉନାହାନ୍ତି । କିନ୍ତୁ ଏଭଳି ପ୍ରଦୂଷଣ ଦୂର କରିବା ଲାଗି ଦିଲ୍ଲୀର ଦୁଇ ବନ୍ଧୁ ଆୟୁଷୀ ଅଗ୍ରୱାଲା ଓ ଅରୁ ମଙ୍ଗଳ ଏକ ଭିନ୍ନ ପ୍ରୟାସ ଜାରି ରଖିଛନ୍ତି । ଏମାନେ ଆର୍‌ୱାଇ ଇଞ୍ଜିନିୟର୍ସ ଷ୍ଟାର୍ଟଅପ୍ ମାଧ୍ୟମରେ ଚାଷୀଙ୍କଠାରୁ ନଡ଼ା ସଂଗ୍ରହ କରି ସେଥିରୁ ଉଚ୍ଚମାନର ବାୟୋମାସ୍ ପ୍ରସ୍ତୁତ କରୁଛନ୍ତି । ବାୟୋମାସ୍ ପାୱାରପ୍ଲାଣ୍ଟରେ କଞ୍ଚାମାଲ୍ ଭାବେ ଉପଯୋଗ ହୋଇପାରୁଛି । ବାୟୋମାସ୍‌କୁ ଛତୁଚାଷୀମାନେ ବି ବ୍ୟବହାର କରୁଛନ୍ତି । ଆୟୁଷୀ ଓ ଅରୁ ୨୦୧୭ରୁ ଏଥିପାଇଁ ଅଭିଯାନ ଆରମ୍ଭ କରିଥିଲେ । ପରେ ସୋନେପତ୍‌ର ଫାର୍ମର ପ୍ରଡ୍ୟୁସ୍ ଅର୍ଗାନାଇଜେଶନ (ଏଫ୍‌ପିଓ) ସହ ମିଶି କାମ ଆରମ୍ଭ କରିଥିଲେ । ଗତ ଏକବର୍ଷ ମଧ୍ୟରେ ଏମାନେ ହରିୟାଣା, ଦିଲ୍ଲୀ, ପଞ୍ଜାବ ଓ ଉତ୍ତରପ୍ରଦେଶର ଶତାଧିକ ଚାଷୀଙ୍କୁ ସାହାଯ୍ୟ କରି ସେମାନଙ୍କୁ ନଡ଼ା ପୋଡ଼ାରୁ ଦୂରେଇ ରଖିପାରିଛନ୍ତି । ନଡା ଲାଗି ଏମାନେ ମାଗଣାରେ ଚାଷୀଙ୍କ ବିଲକୁ ସଫା କରିଦେଉଛନ୍ତି । ଏବେସୁଦ୍ଧା ୧୨୦୦ ଟନ୍ ନଡ଼ାକୁ ପ୍ରୋସେସିଂ କରି ବାୟୋମାସ୍‌ରେ ପରିବର୍ତ୍ତନ କରିସାରିଛନ୍ତି । ଭିଲେଜ ଲେଭଲ ଏଣ୍ଟ୍ରିପ୍ରିନ୍ୟୁର (ଭିଏଲ୍‌ଇ) ମାଧ୍ୟମରେ ଚାଷୀମାନଙ୍କ ବିଲ ପାଖରେ ମେଶିନ ବସାଇ ଦୈନିକ ୧୦ରୁ ୧୫ ଟନ୍ ନଡ଼ା ପ୍ରୋସେସିଂ କରାଯାଇପାରୁଛି । ଏହାଦ୍ୱାରା ଭିଏଲ୍‌ଇ ମଧ୍ୟ ଲାଭପାଉଛି ।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ସେପ୍ଟେମ୍ବର ୧୯୯୫

- ପାଲେଷ୍ଟାଇନର ସ୍ୱୟଂଶାସନ ଅଧିକାର ୱେଷ୍ଟବ୍ୟାଙ୍କ ଏବଂ ହେବ୍ରନକୁ ସମ୍ପ୍ରସାରିତ କରିବା ପାଇଁ ଇସ୍ରାଏଲ ଓ ପାଲେଷ୍ଟାଇନ ମୁକ୍ତି ସଙ୍ଗଠନ ମଧ୍ୟରେ ଐତିହାସିକ ରାଜିନାମା ସ୍ୱାକ୍ଷରିତ ।
- ବିହାରର ବାଙ୍କା ଜିଲାରେ ବନ୍ୟା ଯୋଗୁ ୨୦ ଜଣଙ୍କର ମୃତ୍ୟୁ ।
- ଭଦ୍ରକ ଜିଲାର ବିଭିନ୍ନ ଗ୍ରାମରେ ହଇଜା ବ୍ୟାପି ୧୫ ଜଣଙ୍କର ମୃତ୍ୟୁ ।

## ପାଠକ ଶ୍ରେଷ୍ଠ ବିଚାରକ

### ଗୋଷ୍ଠୀ ସଂକ୍ରମଣ ହେଲାଣି ନା ନାହିଁ

ମହାଶୟ,

କରୋନା ସଂକ୍ରମଣର ସଫଳ ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧି ପଦକ୍ଷେପ ନେବାରେ ଲାଗିଛନ୍ତି । ମାତ୍ର ସଂକ୍ରମଣର ମାତ୍ରା ଦ୍ରୁତ ବେଗରେ ବୃଦ୍ଧି ପାଇବାରେ ଲାଗିଛି । ଏପରିକି ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ପୂର୍ବର ସବୁ ରେକର୍ଡକୁ ଅତିକ୍ରମ କରୁଛି । ଅନୁରୂପ ଭାବେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢୁଛି । ଏ ପର୍ଯ୍ୟନ୍ତ ଗୋଷ୍ଠୀ ସଂକ୍ରମଣ ହେଲାଣି କି ନାହିଁ, ସେ ସମ୍ପର୍କରେ ସାଧାରଣରେ ଦ୍ୱନ୍ଦ୍ୱ ରହିଛି । ଅଳ୍ପ କେତେକ ରାଜ୍ୟ ସରକାର ସେମାନଙ୍କ ରାଜ୍ୟରେ ଗୋଷ୍ଠୀ ସଂକ୍ରମଣ ହୋଇଛି ବୋଲି ସ୍ୱୀକାର କରିଥିବା ସତ୍ତ୍ୱେ ଅଧିକାଂଶ ରାଜ୍ୟ ଓ କେନ୍ଦ୍ର ସରକାର ଗୋଷ୍ଠୀ ସଂକ୍ରମଣ ହୋଇନାହିଁ ବୋଲି ଦୃଢ଼ୋକ୍ତି କରୁଛନ୍ତି । ବହୁ ସ୍ଥାନରେ ଅନେକ ସଂକ୍ରମିତ ଚିହ୍ନଟ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ଅନେକଙ୍କର କଣ୍ଟାକ୍ଟ ଟ୍ରେସିଂ ହୋଇପାରୁ ନାହିଁ । ଏପରିକି ଗୋଟିଏ ଗୋଟିଏ ସ୍ଥାନରୁ ଶତାଧିକ ଆକ୍ରାନ୍ତ ଚିହ୍ନଟ ହେଉଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି । ଏଣୁ ସରକାର ଗୋଷ୍ଠୀ ସଂକ୍ରମଣକୁ ସ୍ୱୀକାର କରିବା ସହ ଆବଶ୍ୟକ ପଡ଼ିଲେ ରଣନୀତିରେ ପରିବର୍ତ୍ତନ କରିବା ଉଚିତ । ସରକାର ଏହି ପରିପ୍ରେକ୍ଷୀରେ କିଛୁ ଲୁଚାଇବାକୁ ଚାହୁଁଛନ୍ତି ବୋଲି ଅନ୍ତତଃ ସାଧାରଣରେ ସନ୍ଦେହ ସୃଷ୍ଟି ନ ହେଉ ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଦ୍ୱିତୀୟ ନଦୀବନ୍ଧ ହେଉ

ମହାନଦୀରେ ପ୍ରବଳ ବନ୍ୟା ଯୋଗୁ ବହୁ ଧନଜୀବନ ହାନି ହେଉଥିବାରୁ ମହାତ୍ମା ଗାନ୍ଧୀ ପ୍ରମୁଖ ଯନ୍ତ୍ରୀ ଏମ୍. ବିଶ୍ୱେଶ୍ୱରାୟଙ୍କୁ ଓଡ଼ିଶା ପଠାଇଥିଲେ । ସେ ହୀରାକୁଦ ନଦୀବନ୍ଧ ନକ୍ସା ଅଙ୍କନ କରିଥିଲେ । ଅନ୍ୟ ଦୁଇଟି ଟିକରପଡ଼ା ଏବଂ ମୁଣ୍ଡଳୀଠାରେ ପ୍ରସ୍ତାବ ଦିଆଯାଇଥିଲା । ଏ ଦୁଇଟି ବନ୍ଧ ନିର୍ମାଣ ହେଲେ ବନ୍ୟାଦାଉରୁ ରକ୍ଷା, ବିଦ୍ୟୁତ୍ ଉତ୍ପାଦନ ତଥା ଜଳସେଚନ ସହଜରେ ସମ୍ଭବ ହୋଇପାରନ୍ତା । ପ୍ରତିବର୍ଷ ଜନସାଧାରଣ ବନ୍ୟା ଦ୍ୱାରା ପ୍ରଭାବିତ ହୋଇ କ୍ଷତିଗ୍ରସ୍ତ ହେଉଛନ୍ତି ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଥେ ଘାଟେ ଯେତେ ଦେଖିଲି ମଧୁର ଚାହାଣୀ
ମନେ ନାହିଁ
କଣେ ଜାଲିଲା କୁଞ୍ଚିତ ଯେତେ କାହାଣୀ
ଦୂରେ ଚାହିଁ ।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଗାଁ ରାସ୍ତାକୁ କେନ୍ଦ୍ର କରି ଗଣ୍ଡଗୋଳ

**୧୦ଜଣଙ୍କ ନାମରେ ମାମଲା**

**ଭଣ୍ଡାରିପୋଖରୀ, ୨୯।୯(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ ପିରିପୁର ଗ୍ରାମଠାରେ ଏକ ଗ୍ରାମ୍ୟ ରାସ୍ତା ନିର୍ମାଣକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ୧୦ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଗାଁରେ ଅଞ୍ଚନ ଅନୁଦାନ ରାଶିରେ ଏକ ପକ୍କା ରାସ୍ତା ନିର୍ମାଣ ହେଉଥିବା ବେଳେ ବ୍ୟକ୍ତିଗତ ଜାଗା ଓ ସରକାରୀ ଜାଗା ନେଇ ସମସ୍ୟା ଦେଖାଦେଇଥିଲା। ଏନେଇ ଦୁଇ ଗୋଷ୍ଠୀ ମଧ୍ୟରେ ରବିବାର ଅପରାହ୍ନରେ ଗଣ୍ଡଗୋଳ ହୋଇଥିଲା। ସ୍ଥାନୀୟ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ବେଳେ ସୁମତୀ ପଣ୍ଡାଙ୍କ ଅଭିଯୋଗକୁ ଭିତ୍ତି କରି ୫ଜଣ ଏବଂ ମୁକ୍ତିକାନ୍ତ ପଣ୍ଡାଙ୍କ ଅଭିଯୋଗକୁ ଭିତ୍ତି କରି ୫ଜଣଙ୍କ ନାମରେ ଥାନାରେ ୨ଟି ମାମଲା(ନଂ.୧୮୦/୨୦ ଓ ୧୮୧/୨୦) ରୁଜୁ ହୋଇଛି। ପୋଲିସ ରତିକାନ୍ତ ପଣ୍ଡା ଓ ମୁକ୍ତିକାନ୍ତ ପଣ୍ଡାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅନ୍ୟମାନେ ଫେରାର ହୋଇଯାଇଛନ୍ତି।

### ଶିମିଳିପାଳ ପାଦଦେଶରେ ୮ କ୍ରସର ସିଲ୍

**ଖୁଣ୍ଟା, ୨୯।୯(ଡି.ଏନ.ଏ): ଶିମିଳିପାଳ** ଅଭୟାରଣ୍ୟର ପାଦଦେଶରେ ଚାଲୁ ରହିଥିବା ୮ କ୍ରସର ୟୁନିଟ୍‌କୁ ମଙ୍ଗଳବାର ଖୁଣ୍ଟା ତହସିଲ ପକ୍ଷରୁ ସିଲ୍ କରାଯାଇଛି। ଉକ୍ତ କ୍ରସରଗୁଡିକ ଶିମିଳିପାଳ ଅଭୟାରଣ୍ୟର ୧୦ କିଲୋମିଟର ଇକୋ ସେନ୍‌ସିଟିଭ ଜୋନ ମଧ୍ୟରେ ରହୁଥିବାରୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ଙ୍କର ଅନୁମତିପତ୍ର ଦାଖଲ କରିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଥିବା ବେଳେ କ୍ରଶର ୟୁନିଟ୍ ମାଲିକମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ତାହା ଦାଖଲ କରିପାରି ନ ଥିଲେ। ଏହି କାରଣରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ବିଭାଗ ପକ୍ଷରୁ ମଙ୍ଗଳବାର ସମ୍ପୃକ୍ତ କ୍ରଶର ୟୁନିଟ୍‌ଗୁଡିକୁ ସିଲ କରିଦିଆଯାଇଛି ବୋଲି ଖୁଣ୍ଟା ତହସିଲଦାର ସ୍ମରଣ କୁମାର ପୃଷ୍ଟି କହିଛନ୍ତି। ତେବେ ରାଜସ୍ୱ ବିଭାଗର ଏହି ପଦକ୍ଷେପକୁ ଅଗଣତାନ୍ତ୍ରିକ ଓ ବେଆଇନ ପଦକ୍ଷେପ ବୋଲି ମୟୂରଭଞ୍ଜ ଜିଲା କ୍ରଶର ମାଲିକ ସଂଘର ସଭାପତି ପ୍ରକାଶ କର ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ।

### ଛତରାରେ ଶହୀଦ୍ ଦିବସ ପାଳିତ

**ସୋର, ୨୯।୯(ଡି.ଏନ୍.ଏ.):** ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନ ବେଳେ ସେପ୍ଟେମ୍ବର ୨୮ ଆନ୍ଦୋଳନର କେନ୍ଦ୍ରସ୍ଥଳ ଛତରାଠାରେ ୭୭ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ସୋମବାର ମହାତ୍ମା ଗାନ୍ଧୀ ଯୁବ ପରିଷଦ ତରଫରୁ ଛତରାସ୍ଥିତ ଶହୀଦ୍‌ସ୍ତମ୍ଭ ନିକଟରେ କରୋନା କଟକଣା ଭିତରେ ଅନୁଷ୍ଠିତ ହୋଇଥିବା ସଭାରେ ସଭାପତିତ୍ୱ କରିଥିଲେ ସରପଞ୍ଚ ମନୋରମା ଦେହୁରି। ଏହି ସ୍ମୃତିଚାରଣ ସଭାରେ ସୋର ବ୍ଲକ ପୂର୍ବତନ ଅଧକ୍ଷ ସରୋଜ କୁମାର ମହାପାତ୍ର ଓ ଅବସରପ୍ରାପ୍ତ ଶିକ୍ଷକ ଉମ୍ବରୁଧର ଯେନା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ଅମର ଶହୀଦ୍ କେଲୁ, ମକର ଓ ରଘୁଙ୍କର ତ୍ୟାଗକୁ ଲୋକେ ଭୁଲିଯିବା ଉଚିତ୍ ନୁହେଁ। ଏହିଭଳି ନିପଟ ଗ୍ରାମ ଛତରାରେ ସମାନ୍ତରାଳ ସରକାର ଗଠନ କରି ବିଶାଳ ବ୍ରିଟିଶ ଶକ୍ତି ବିରୋଧରେ ଯୁଦ୍ଧର ଡାକରା ଦେବା କିଛି ସାଧାରଣ କଥା ନ ଥିଲା ବୋଲି ବକ୍ତାମାନେ କହିଥିଲେ। ବିବରଣୀ ପାଠ କରିଥିଲେ ଜୟନ୍ତ କୁମାର ସାମଲ। ଧନ୍ୟବାଦ ଅର୍ପଣ କରିଥିଲେ ଅଜୟ କୁମାର ବେହେରା। ଏହି କାର୍ଯ୍ୟକ୍ରମକୁ ମୁକ୍ତିକାନ୍ତ ଜେନା, ଅଜୟ୍ ବେହେରା, ଦୁର୍ଯ୍ୟୋଧନ ଗିରି, କୈଳାସ ଚନ୍ଦ୍ର ପାତ୍ର, ଶାନ୍ତନୁ ବେଜ୍, ସଞ୍ଜୟ ପାଣିଗ୍ରାହୀ, ରତ୍ନାକର ଯେନା ପ୍ରମୁଖ ପରିଚାଳନା କରିଥିଲେ।

### ଶହୀଦ ଭଗତ ସିଂଙ୍କ ଜୟନ୍ତୀ

**ବଡବିଲ, ୨୯।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଶ୍ରମିକ ଭବନ ଠାରେ ଅଖିଳ ଭାରତ ଛାତ୍ର ସଂଘ(ଏଆଇଏସ୍ଏଫ୍) ଏବଂ ଅଖିଳ ଭାରତ ଯୁବ ସଂଘ(ଏଆଇୱାଇଏଫ୍) ପକ୍ଷରୁ ଶହୀଦ ଭଗତ ସିଂଙ୍କ ୧୧୪ ତମ ଜୟନ୍ତୀ ପାଳନ ସହ 'ଭଗତ ସିଂଙ୍କ ବିଚାରଧାରା ଓ ଯୁବ ସମାଜ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଯୁବ ସଂଘର ଜିଲା ସଭାପତି କପିଳ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ସତୀଶ ମିଶ୍ର ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ସଂଘ ଜିଲା ସଭାନେତ୍ରୀ ରିତୁ ପ୍ରସାଦ, ବଡବିଲ ସଭାପତି ସୌରଭ ଜୟସ୍ୱାଲ ପ୍ରମୁଖଙ୍କ ସହ କରଣ ସିଂହ, ଦୀପା ଦାସ ପ୍ରମୁଖ ଯୋଗଦେଇଥିଲେ।

# ବୁଢ଼ାବଳଙ୍ଗ ପଥରପ୍ୟାକିଂ ଲାଗି ୫.୮୩ କୋଟିର ପ୍ରସ୍ତାବ

- ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଅନୁଧ୍ୟାନ କଲେ ମନ୍ତ୍ରୀ
- ଉପକୃତ ହେବେ ୨୫୦୦ ପରିବାର

**ବାଲେଶ୍ୱର ଅଫିସ, ୨୯।୯**

ବାଲେଶ୍ୱର ଜିଲା ଦେଇ ପ୍ରବାହିତ ହୋଇଥିବା ବୁଢ଼ାବଳଙ୍ଗ ନଦୀ ଦୀର୍ଘଦିନ ଧରି ସହରାଞ୍ଚଳର ପୁରୁଣା ବାଲେଶ୍ୱର ସହିତ ପାତ୍ରପଡ଼ା ଅଞ୍ଚଳର କିଛି ଅଂଶ ନଦୀଗର୍ଭରେ ଧୀରେ ଧୀରେ ଲୀନ ହେଉଛି। କିଛିବର୍ଷ ଧରି ନଦୀର ଗତିପଥ ପରିବର୍ତ୍ତନ ହେବା କାରଣରୁ ୧୦ରୁ ୧୫ ଘର ନଦୀରେ ମିଶିଗଲାଣି। ପ୍ରାୟତଃ ୨୫୦୦ ପରିବାର ବର୍ଷାଦିନେ ତଥା ବନ୍ୟା ସମୟରେ ଭୟ ଓ ଆତଙ୍କରେ ସମୟ ବିତାଇଥାନ୍ତି। ନଦୀରେ ପଥର ବିଛାଇବା ତଥା ହାଇଲେବଲ ସ୍ପର ନିର୍ମାଣ କରିବା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ଏଥିପାଇଁ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଏକ ସର୍ଭେ ଟିମ୍ ଦ୍ୱାରା ଯାଞ୍ଚ କରି ନଦୀର ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ୭୪୦ ମିଟର ଧରି ପଥରପ୍ୟାକିଂ ଓ ତିନୋଟି ହାଇଲେବଲ ସ୍ପର ନିର୍ମାଣ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ୫କୋଟି ୮୩ ଲକ୍ଷ ୩୧ ହଜାର ଟଙ୍କାର ଏକ ପ୍ରସ୍ତାବ ଦେଇଥିଲେ। ସୋମବାର ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ୍, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ନିଜେ ଉକ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ପୁରୁଣା ବାଲେଶ୍ୱର ସହିତ ପାତ୍ରପଡ଼ା ପଞ୍ଚାୟତର ବୁଢ଼ାବଳଙ୍ଗ ନଦୀ କୂଳେ କୂଳେ ଅନେକ ଘର, ଚାଷ ଜମି ରହିଛି। ପ୍ରତିବର୍ଷ ବନ୍ୟା ଓ ପାଣି ଆସିଲେ ଏହି ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଏ। ଚାଷ ଜମିରେ ପାଣି ମାଡ଼ିବା ସହିତ ଘରଦ୍ୱାର ମଧ୍ୟ ଭାଙ୍ଗିଯାଏ। ବାରମ୍ବାର ନଦୀ କୂଳ ଖାଇବା ସହ ଲୋକଙ୍କ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେଉଥିବା ଭଳି ସମସ୍ୟା ସହ ଅବଗତ ହୋଇଥିଲେ।

ଏନେଇ ପୂର୍ବତନ ଏମ୍‌ପି ଇଂ. ଜେନା କହିଥିଲେ ଯେ, ବୁଢ଼ାବଳଙ୍ଗ ନଦୀର ପଶ୍ଚିମ ପାର୍ଶ୍ୱର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ପାଇଁ ଲୋକଙ୍କ ଦାବି ମୁତାବକ ଆମେ ପଦକ୍ଷେପ ନେଇଛୁ। ଦୀର୍ଘଦିନରୁ ନଦୀକୂଳବାସୀଙ୍କ ସୁରକ୍ଷା ପାଇଁ ରହି ଆସିଥିବା ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲା। ଏବେ ନଦୀ ଭିତରକୁ ୪୦ ମିଟର ପର୍ଯ୍ୟନ୍ତ ପଥର ବିଛାଯିବ। ଏହାସହିତ ନଦୀଭିତରକୁ ତିନୋଟି ହାଇଲେବଲ ସ୍ପର ନିର୍ମାଣ କରାଯିବ। ନଦୀର ପ୍ରଖରସ୍ରୋତ ଶକ୍ତ କଂକ୍ରିଟ ସ୍ପରରେ ମାଡ଼ ହେଲେ ନଦୀର ସ୍ରୋତ କମ୍ ହେବ। ପୁରୁଣା ବାଲେଶ୍ୱର ୧ ନମ୍ବର ୱାର୍ଡ଼ ସହିତ ପାତ୍ରପଡ଼ା ପଞ୍ଚାୟତର ପ୍ରାୟ ୨୫୦୦ ପରିବାର ଏଥିରେ ଉପକୃତ ହେବେ। ପ୍ରଥମ ପର୍ଯ୍ୟାୟରେ ଏତକ ଟଙ୍କା ଆସିବ। ଏହା ହେଲେ ସଦର ବ୍ଲକ, ପୌର ପରିଷଦର ନଦୀ କୂଳେ କୂଳେ ଲୋକେ ଉପକୃତ ହେବେ। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ଟାଉନ ବିଜେଡି ସଭାପତି ସନତ କୁମାର ଦାସ, ୧ ନମ୍ବର ୱାର୍ଡ଼ ବିଜେଡି ସଭାପତି ଦିଲୀପ କୁମାର ବେହେରା, ବରିଷ୍ଠ ନେତା ରାମଚନ୍ଦ୍ର ନାଥ, ଅଶୋକ ବିନ୍ଧାଣୀ, ଯଦୁମଣି ନାୟକ, ଯୁଧିଷ୍ଠିର ମାଝୀ, ପୂର୍ବତନ କାଉନସିଲର କୌଶଲ୍ୟାମଣି ଦାସ, ରତନ ମାଝୀ, ସେଚ ବିଭାଜନ ବିଭାଗର ଉପ ନିର୍ବାହୀ ଯନ୍ତ୍ରୀ ନିର୍ମଳକାନ୍ତି ଜେନା ଓ ସହ ନିର୍ବାହୀ ଯନ୍ତ୍ରୀ ହୃଷୀକେଶ ଧଳଙ୍କ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ।



ବୁଢ଼ାବଳଙ୍ଗ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ମନ୍ତ୍ରୀ ପ୍ରତାପ ଜେନା ଅନୁଧ୍ୟାନ କରୁଛନ୍ତି।

### କୁପାରୀରେ ଆରଏସ୍ଏସ୍, ଭିଏଚ୍‌ପିର ବୈଠକ

**ଖଇରା,୨୯।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ସ୍ଥିତ ମା' ଅମ୍ବିକା ମନ୍ଦିର ପରିସରରେ ରବିବାର ଆର୍‌ଏସ୍ଏସ୍(ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ) , ଭିଏଚପି(ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ତଥା ସ୍ଥାନୀୟ ସ୍ୱେଚ୍ଛାସେବୀ ମାନଙ୍କର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ସଂଘ ପ୍ରାର୍ଥନା, ପ୍ରଣବ ଉଚ୍ଚାରଣ ଓ ରାମଧୂନ ଜପ କରାଯାଇଥିଲା। ରାଷ୍ଟ୍ର, ଧର୍ମ,ସମାଜ ଓ ବ୍ୟକ୍ତିର ମଙ୍ଗଳ ଉଦ୍ଦେଶ୍ୟରେ ଆଲୋଚନା କରାଯିବା ପରିପ୍ରେକ୍ଷୀରେ କରୋନା ମହାମାରୀରୁ କିଭଳି ନିଜକୁ ରକ୍ଷା କରିହେବ ସେ ସମ୍ପର୍କରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକକୁ ଭଦ୍ରକ ବଜରଙ୍ଗ ଦଳର ସଂଯୋଜକ ବିପିନ ବିହାରୀ ପଣ୍ଡା ଓ ପୂର୍ବତନ ବାୟୁସେନା ଅଧିକାରୀ ତଥା ସ୍ୱୟଂସେବକ ସତ୍ୟବ୍ରତ ନାରାୟଣ ବେହେରା ପରିଚାଳନା କରିଥିଲେ।

# ବକେୟା ପ୍ରାପ୍ୟ ଦାବିରେ ଶ୍ରମିକ ଅଶାନ୍ତି



ଶ୍ରମିକମାନେ ଟିପିଏଲ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ଯୋଡ଼ା ୨୯।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳସ୍ଥିତ ଟାଟା ପ୍ରୋଜେକ୍ଟ ଲିମିଟେଡ୍(ଟିପିଏଲ) ଶ୍ରମିକ ଓ ବହୁ ଠିକାଦାରଙ୍କୁ ସେମାନଙ୍କର ପ୍ରାପ୍ୟ ରାଶି ଦେଉ ନ ଥିବାରୁ ଠିକାଦାରମାନେ ମଙ୍ଗଳବାର ପୂର୍ବାହ୍ନରେ କାର୍ଯ୍ୟାଳୟ ଘେରାଉ କରିଥିଲେ। ଖବର ନେବାରୁ ଜଣାପଡ଼ିଛି ଯେ, ଖଣ୍ଡବନ୍ଧ ଠାରେ ଏକ ପ୍ରୋଜେକ୍ଟ କାର୍ଯ୍ୟ ପାଇଁ ଟିପିଏଲ ନାମକ ଏକ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଟିପିଏଲ ସଂସ୍ଥା ଅଧୀନରେ ବହୁ ସବ୍‌କଣ୍ଟ୍ରାକ୍ଟର ଏବଂ ତାଙ୍କ ଅଧୀନରେ ବହୁ ଶ୍ରମିକ ନିଯୁକ୍ତି ପାଇଥିଲେ। ସମ୍ପୃକ୍ତ ସଂସ୍ଥା ଉକ୍ତ ସବ୍‌କଣ୍ଟ୍ରାକ୍ଟର ଓ ଶ୍ରମିକମାନଙ୍କୁ ସେମାନଙ୍କର ବକେୟା ଅର୍ଥରାଶି ପ୍ରାୟ ୨ବର୍ଷ ହେବ ପ୍ରଦାନ ନକରି ସେମାନଙ୍କୁ ହଇରାଣ କରୁଥିବା ସବ୍‌କଣ୍ଟ୍ରାକ୍ଟରମାନେ ଅଭିଯୋଗ କରିଛନ୍ତି। ଟିପିଏଲ ସଂସ୍ଥାର ପ୍ରୋଜେକ୍ଟ କାର୍ଯ୍ୟ ଶେଷ ହେବା ପରେ ଚଞ୍ଚକତା କରି କାର୍ଯ୍ୟାଳୟରୁ ସମସ୍ତ ଜିନିଷ ସ୍ଥାନାନ୍ତର କରୁଥିଲା। ଏହି ଖବର ସେମାନେ ମଙ୍ଗଳବାର ସକାଳ ସମୟରେ ଜାଣିବା ପରେ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏ ସମ୍ପର୍କରେ ଟିପିଏଲ୍‌ର ଅଧିକାରୀ ନବ୍ରେଶନ ମିଶ୍ରଙ୍କୁ ପଚାରିବାରୁ ପ୍ରତିମାସ ସବ୍‌କଣ୍ଟ୍ରାକ୍ଟରମାନଙ୍କୁ ଶ୍ରମିକମାନଙ୍କର ମଜୁରୀ ପ୍ରଦାନ କରାଯାଇଛି। କିଛିଦିନ ହେବ ଟିପିଏଲ ସଂସ୍ଥା କ୍ଷତିରେ ରହିଥିବାରୁ ଜିଏସଟି ପେମେଣ୍ଟ ବକେୟା ରହିଛି । ଏ ବାବଦରେ ଆଲୋଚନା ଚାଲିଛି। ଖୁବ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ଏସଂପର୍କରେ ଟାଟାଷ୍ଟିଲ କମ୍ପାନୀର କମ୍ୟୁନିକେଶନ ଅଧିକାରୀ ଆଶିଷ ଆଚାର୍ଯ୍ୟ କହିଛନ୍ତି ଯେ, ଏ ବିଷୟରେ ତଦନ୍ତ ଚାଲିଛି,ଯଦି ଶ୍ରମିକଙ୍କୁ ସେମାନଙ୍କର ପ୍ରାପ୍ୟ ମିଳି ନାହିଁ, ତାହାଲେ ଖୁବ ଶୀଘ୍ର ଏହାର ସମାଧାନ କରାଯିବ।

### ଅର୍ଦ୍ଧଦଗ୍ଧ ମହିଳାଙ୍କ ଚିକିତ୍ସାରେ ଅର୍ଥ ବାଧକ

**ପାଟଣା,୨୯।୯(ସ୍ୱ.ପ୍ର.)**

ସରକାର ଗରିବ ଲୋକଙ୍କ କଲ୍ୟାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ସେସବୁ ଯୋଜନାରୁ ଗରିବ ଓ ଅସହାୟ ଲୋକ ମାନେ ପ୍ରକୃତ ସୁବିଧା ସୁଯୋଗ ପାଉ ନାହାନ୍ତି। ଏଭଳି ଦେଖିବାକୁ ମିଳିଛି ପାଟଣା ବ୍ଲକ ଉପାନ୍ତ ଅଞ୍ଚଳ ପଲାଶଘାଟି ପଞ୍ଚାୟତ କୁମୁଲା ବାହାଳି ଖଇରନ୍ଧା ସାହିରେ। ଦାରିଦ୍ର୍ୟତା ପାଇଁ ଜଣେ ନିଆଁରେ ପୋଡି ଯାଇଥିବା ମହିଳାଙ୍କୁ ତାଙ୍କ ସ୍ୱାମୀ ଘରକୁ ଫେରାଇ ଆଣିଛନ୍ତି। ଏହି ବିବାହିତା ମହିଳା ପାରିବାରିକ କଳହରୁ ଗତ ଶନିବାର କିରାସିନ୍ ଦେହରେ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ହୋଇଥିବା ମହିଳା ହେଉଛନ୍ତି ଜୟନ୍ତୀ ମୁଣ୍ଡା। ତାଙ୍କ ଦେହର ୭୦ ପ୍ରତିଶତ ପୋଡ଼ିଯାଇଛି। କେନ୍ଦୁଝର ଡାକ୍ତର କଟକ ବଡ଼ ଡାକ୍ତର ଖାନାକୁ ଉଚ୍ଚ ଚିକିତ୍ସାପାଇଁ ରେଫର କରିଥିଲେ ହେଁ ପଇସା ନ ଥିବାରୁ ତାଙ୍କ ସ୍ୱାମୀ ତାଙ୍କୁ ଘରକୁ ଫେରାଇ ଆଣିଛନ୍ତି। ଜୟନ୍ତୀଙ୍କ ଚିକିତ୍ସା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରୁ ସାହାଯ୍ୟ ସହଯୋଗ କରିବା ପାଇଁ ଗାଁ ଲୋକେ ଅନୁରୋଧ କରିଛନ୍ତି।

# ମୃତ ଅଙ୍ଗନୱାଡି କର୍ମୀଙ୍କ ପରିବାରକୁ ମିଳିନି ସହାୟତା

**ବିଭାଗୀୟ ଅଧିକାରୀଙ୍କୁ ଫେରାଦ ହେଲେ ପୁଅ**

**କେନ୍ଦୁଝର, ୨୯।୯ (ସ୍ୱ.ପ୍ର.)**

କରୋନା ମହାମାରୀ ସର୍ଭେ କାମରେ ନିୟୋଜିତ ଥିବା ବେଳେ କେନ୍ଦୁଝର ଜିଲା ଯୋଡା ବ୍ଲକ ଅଙ୍ଗନୱାଡି କର୍ମୀ ରୁକ୍ମିଣୀ ମହାନ୍ତ ପ୍ରାଣ ହରାଇଥିଲେ। ସହାୟତା ଯୋଗାଇ ଦେବା ଲାଗି ତାଙ୍କ ପୁଅ ସୁଶାନ୍ତ କୁମାର ମହାନ୍ତ ସୋମବାର ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଲିଖିତ ଭବେ ଜଣାଇଛନ୍ତି।

ରୁକ୍ମିଣୀ ବିରିକଳା ପଞ୍ଚାୟତର ବିଲେଇପଦା ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଭାବରେ କାମ କରୁଥିଲେ । ଗତ ମେ' ୪ ତାରିଖରେ ସରକାରଙ୍କ କରୋନା ମହାମାରୀ ଓ ମଶାରି ସର୍ଭେ କାମରେ ସେ ନିୟୋଜିତ ଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠାରେ ସନ୍ଧ୍ୟାରେ ମୃତ୍ୟୁ ହୋଇଥିଲା ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ତାଙ୍କ ମୃତ୍ୟୁ ପରେ ପରିବାର ଅସହାୟ ହୋଇପଡିଥିବାରୁ ଆର୍ଥିକ ସହାୟତା ସହ ପରିବାରର ଜଣଙ୍କୁ ଚାକିରି ଦେବା ପାଇଁ ସେ ନିବେଦନ କରିଛନ୍ତି ।

# 'ମାନବ ସେବା ହିଁ ମାଧବ ସେବା'




ଶହୀଦ ଭଗତ ସିଂ ଜୟନ୍ତୀ ଅବସରରେ ଅତିଥି।

**ଭଦ୍ରକ ଅଫିସ,୨୯।୯**

ଶହୀଦ୍ ଭଗତ ସିଂଙ୍କ ୧୧୩ ତମ ଜୟନ୍ତୀ ଅବସରରେ ଭଦ୍ରକ ଜିଲାର ଯୁବ ସାମାଜିକ ସଙ୍ଗଠନ ଶହୀଦ୍ ଭଗତ ସେନା ପକ୍ଷରୁ ଚରମ୍ପା ସ୍ଥିତ ମହାରାଜ ଅଗ୍ରସେନ ଭବନ ଠାରେ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ପକ୍ଷରୁ ଶହୀଦ୍ ଭଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଡା. ମୁରଲୀଧର ପାଢୀ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ତଥା ଆଇନଜୀବୀ ମନୋଜ ରାୟ ଏବଂ ଶହୀଦ୍ ଭଗତ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର ଯୋଗ ଦେଇ ଭଗତ୍ ସିଂଙ୍କୁ ରାଷ୍ଟ୍ରପୁତ୍ରର ଆଖ୍ୟା ପ୍ରଦାନ କରି ବକ୍ତବ୍ୟ ରଖିଥିଲେ। ମାନବ ସେବା ହିଁ ମାଧବ ସେବା ବୋଲି ଏହି ଅବସରରେ ଅତିଥି ମାନେ ମତ ରଖିଥିଲେ। ଏହି ଅବସରରେ କରୋନା ମହାମାରୀ ସମୟରେ ଲୋକଙ୍କୁ ସେବା ଯୋଗାଇବା, ପରୋପକାର, ତଥା କର୍ତ୍ତବ୍ୟନିଷ୍ଠା ନିମନ୍ତେ କିଛି ବ୍ୟକ୍ତିଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରକ୍ତଦାନ ଶିବିର ଆୟୋଜନ କରାଯାଇ ୧୦୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶେଷରେ ପଦ୍ମନାଭ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଚୋରା ବାଲିଗାଡ଼ି ଉପରେ ଚଢ଼ାଉ

**ଚମ୍ପୁଆ, ୨୯।୯(ଡି.ଏନ.ଏ.)**

ଚମ୍ପୁଆ ତହସିଲ ଅଧୀନରେ ଥିବା ବିଭିନ୍ନ ବାଲି ଉତ୍ସଗୁଡିକରୁ ନିୟମିତ ବ୍ୟବଧାନରେ ବାଲି ଚୋରାଚାଲାଣ ଲାଗିରହିଥିବା ବେଳେ ଚମ୍ପୁଆ ତହସିଲଦାର ଆଲୋକ କୁମାର ପଟେଲଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ଲଳିତ କୁମାର ନାଏକ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢାଉ କରି ୬ ଟ୍ରାକ୍ଟର ଜବତ କରିଛନ୍ତି। ମଙ୍ଗଳବାର ସକାଳେ ରାଣିପୁର ଅଞ୍ଚଳରୁ ୩ ଟ୍ରାକ୍ଟର ଜବତ ହୋଇଥିବା ବେଳେ ବାସୁଦେବପୁର ଅଞ୍ଚଳରୁ ୩ ଟ୍ରାକ୍ଟର ଜବତ କରାଯାଇଛି ବୋଲି ଅତିରିକ୍ତ ତହସିଲଦାର ସୂଚନା ଦେଇଛନ୍ତି।

# ଭାଜପା ଘେରିଲା ମ୍ୟୁନିସିପାଲିଟି ଅଫିସ୍

**ବାଲେଶ୍ୱର ଅଫିସ, ୨୯।୯**

ବାଲେଶ୍ୱର ମ୍ୟୁନିସିପାଲିଟି ଅଫିସ୍‌ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ହେଉଥିବାର ଅଭିଯୋଗ କରି ଭାଜପା ବାଲେଶ୍ୱର ନଗର ପକ୍ଷରୁ ମଙ୍ଗଳବାର ମ୍ୟୁନିସିପାଲିଟି ଅଫିସ୍ ଘେରାଉ କରାଯାଇଛି। ଏଥିସହିତ ପୌରପାଳ ନିର୍ବାହଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ବୃଦ୍ଧାବୃଦ୍ଧ, ଅସହାୟ ମହିଳା, ଦିବ୍ୟାଙ୍ଗ ଓ ବିଧବାମାନେ ଭତ୍ତା ପାଇବାରେ ଅହେତୁକ ବିଳମ୍ବ, ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଯୋଜନା ଅନୁସାରେ ବାଦ୍ ପଡ଼ିଥିବା ଉଠାଦୋକାନୀଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସହାୟତା ପ୍ରଦାନ, ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀଙ୍କୁ ଅବିଳମ୍ବେ ସହାୟତା ପ୍ରଦାନ, ସହରରେ ମରଣଯନ୍ତା ସାଜିଥିବା ରାସ୍ତାଗୁଡ଼ିକର ଯଥାଶୀଘ୍ର ନିର୍ମାଣ, ପ୍ରକୃତ ହିତାଧିକାରୀଙ୍କୁ ରାଶନକାର୍ଡ଼ ପ୍ରଦାନ ସହ ସହରରୁ ବାହାରୁଥିବା ବର୍ଜ୍ୟବସ୍ତୁ ଠିକ୍ ପରିଚାଳନା ଓ ଡ୍ରେନ୍ ସଫେଇ ଭଳି ମୌଳିକ କାର୍ଯ୍ୟ ସୂଚାରୁରୂପେ ତୁଲାଇବା ଲାଗି ଦାବି କରାଯାଇଛି। ଦାବିଗୁଡ଼ିକ ଯଥାଶୀଘ୍ର ପୂରଣ ନ ହେଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନର ଡାକରା ଦେଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ସଦର ନିର୍ବାଚନ ସଂଯୋଜକ ମାନସ ଦତ୍ତ, ଟାଉନସଭାପତି ଚିତ୍ତରଞ୍ଜନ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ରାଧାକୃଷ୍ଣ ଦାସ, ସୀତାକାନ୍ତ ସ୍ୱାଇଁ, ସୁଜିତ ଦେବ, ତ୍ରୈଲୋଚନ ଦାସ, ବିଭୁପଦ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଫାଣ୍ଡି ଘେରାଉ

**ଚିତ୍ରଡା, ୨୯।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ପଞ୍ଚାୟତରେ ଗୁରୁବାର ଜବରଦଖଲ ନେଇ ଗୋଷ୍ଠୀସଂଘର୍ଷ ଘଟି ସ୍ଥାନୀୟ ସରପଞ୍ଚ ହରି ସିଂଙ୍କ ସମେତ ୪ ଜଣ ଯୁବକ ଆକ୍ରମଣର ଶିକାର ହେଇ ଗୁରୁତର ଆହତ ହୋଇଥିଲେ। ସରପଞ୍ଚ ସିଂ ଏନେଇ ଶୁକ୍ରବାର ସନ୍ଧ୍ୟାରେ ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବେତନଟୀ ପୋଲିସ ଏକ ମାମଲା(ନଂ.୨୨୧/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଘଟଣାର ୪ଦିନ ବିତିଯାଇଥିଲେ ବି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ପୋଲିସ ସକ୍ଷମ ହୋଇପାରୁନାହିଁ। ଅଭିଯୁକ୍ତଙ୍କୁ ଗିରଫ ଦାବି କରି ମଙ୍ଗଳବାର ସରପଞ୍ଚ ଓ ତାଙ୍କ ସମର୍ଥକମାନେ ବଡ଼ଜାମବଣି ଫାଣ୍ଡିକୁ ଘେରାଉ କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବେତନଟୀ ଥାନା ଆଇଆଇସି ତିଳୋତ୍ତମା ରାଉତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ୩ ଦିନ ମଧ୍ୟରେ ଗିରଫ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।




ଫାଣ୍ଡି ଘେରାଉ କରାଯାଇଛି।

# ଜବରଦଖଲ ଉଚ୍ଛେଦ ସ୍ଥଳରେ ଖୋଲିଲା ମାଛହାଟ

**ତିହିଡ଼ି, ୨୯।୯(ସ୍ୱ.ପ୍ର.)**

ଦ୍ରକ ଜିଲା ତିହିଡ଼ି ତହସିଲ ପ୍ରଶାସନ ପକ୍ଷରୁ ସୋମବାର ଦୋଳସାହି ମାଛହାଟରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହାର ଦିନକ ପରେ ମଙ୍ଗଳବାର ମାଛ ହାଟରେ ଦୋକାନ କରି ପରିବାର ଚଳାଉଥିବା ୧୨ଜଣ ଦୋକାନୀ ସକାଳୁ ଅସ୍ଥାୟୀ ତଥା ଛତା ଲଗାଇ ମାଛ ବିକ୍ରି ଆରମ୍ଭ କରିଛନ୍ତି। ତହସିଲ ପ୍ରଶାସନର ଉଚ୍ଛେଦ ପ୍ରକ୍ରିୟା ଦିନ ସନାତନ ମଳିକ, ଭଗବାନ ମଳିକ, ହୃଷିକେଶ ଦାସ ଓ ଶଶିକାନ୍ତ ମଳିକ ପ୍ରମୁଖ ମାଛ ଦୋକାନ ନ ଭାଙ୍ଗିବା ଲାଗି ହାଇକୋର୍ଟ ଆଦେଶ ଦେଇଥିଲେ ମଧ୍ୟ ପ୍ରଶାସନ ତରବରିଆ ଭାବେ ମାଛହାଟକୁ ଉଚ୍ଛେଦ କରିଥିବା ଅଭିଯୋଗ ହୋଇଛି। ସେହିପରି ମାଛ ଦୋକାନୀ ସୁରଥ ମଳିକ, ପ୍ରଫୁଲ ମଳିକ, ଶୁସାନ୍ତ ମଳିକ, ବିଷ୍ଣୁମୋହନ ମଳିକ, ପ୍ରଶାନ୍ତ ମଳିକ, ହରିହର ମଳିକ, ଭଞ୍ଜହରି ମଳିକ ଓ ଦୁର୍ଯ୍ୟୋଧନ ମଳିକ ପ୍ରମୁଖ ୧୨ଜଣଙ୍କ ଆବେଦନ ମଧ୍ୟ ହାଇକୋର୍ଟରେ ବିଚାରାଧୀନ ଅଛି। ଉଚ୍ଛେଦ ସମୟରେ ଏହି ମାଛ ଦୋକାନୀଙ୍କ ପକ୍ଷରୁ ଆଇନ୍‌ଜୀବୀ ହାଇକୋର୍ଟ ରାୟ ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରିଥିଲେ ମଧ୍ୟ ସେ ଏହା ଶୁଣି ନ ଥିବା ଅଭିଯୋଗ ହୋଇଛି। ଏନେଇ ଦୋଳସାହି ବଜାର କମିଟି ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦୋଳସାହି ସମିତିସଭ୍ୟ ତଥା ବଜାର କମିଟିର ସଭାପତି ଦାଶରଥି ମହାପାତ୍ର, ସମ୍ପାଦକ ପ୍ରିୟରଞ୍ଜନ ପାଣିଗ୍ରାହୀ, ମାଧବାନନ୍ଦ ପତି, ଶୁକ ପଶୁପାଳକ, ଗୌରାଙ୍ଗ ପାଢୀ ପ୍ରମୁଖଙ୍କ ସମେତ ବଜାରର ସମସ୍ତ ଦୋକାନୀ ଉପସ୍ଥିତ ଥିଲେ। ସେମାନଙ୍କୁ ଥଇଥାନ କରା ନ ଯାଇ ଦୋକାନ ଉଚ୍ଛେଦ କରିବା ମାଛ ଦୋକାନୀଙ୍କ ପ୍ରତି ଏକ ଅନ୍ୟାୟ ବୋଲି ମତପ୍ରକାଶ ପାଇଛି। ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହିତ ସ୍ଥାୟୀ ଭାବେ ଥଇଥାନ କରାଯିବା ପରେ ମାଛ ଦୋକାନୀ ଉକ୍ତ ସ୍ଥାନ ଛାଡ଼ିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଶାସନ ଏଥିରେ ହସ୍ତକ୍ଷେପ କଲେ ବଜାର କମିଟି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।



ଜବରଦଖଲ ଉଚ୍ଛେଦ ପରେ ପୁଣି ମାଛ ବିକ୍ରି କରାଯାଉଛି।

**ପ୍ରଶାସନକୁ ଚ୍ୟାଲେଞ୍ଜ**

ତହସିଲ ପକ୍ଷରୁ ଜବର ଦଖଲ ଉଚ୍ଛେଦ କରିବା ପାଇଁ ସରକାରଙ୍କ ଆଇନ୍ ଅନୁଯାୟୀ ଅବଗତ କରାଯାଇଛି ଏବଂ ଉଚ୍ଛେଦ ସମୟରେ ମାଛ ଦୋକାନୀମାନେ ହାଇକୋର୍ଟ ରାୟର କୌଣସି ନକଲ ଦେଇପାରି ନ ଥିବା ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା କହିଛନ୍ତି। ସରକାରଙ୍କ ଆଇନ୍ ଅନୁଯାୟୀ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଏହି ମାଛହାଟକୁ ଉଚ୍ଛେଦ କରିବାର ଅତ୍ୟନ୍ତ ଆବଶ୍ୟକତା ଥିଲା ବୋଲି ପଣ୍ଡା ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବିରୋଧ

ବ୍ରହ୍ମପୁର ଅଫିସ-ଅକ୍ଟୋବର ପହିଲାରୁ ବିଦ୍ୟୁତ ଶୁଳ୍କ ବୃଦ୍ଧି ନେଇ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ କେଶରାୟା ହିନ୍ଦୁ ବାହିନୀ ବିରୋଧ କରିଛି। ବିଦ୍ୟୁତ ଶୁଳ୍କ ବୃଦ୍ଧି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ନେଇ ମଙ୍ଗଳବାର କେଶରାୟା ହିନ୍ଦୁ ବାହିନୀ ଗଞ୍ଜାମ ଜିଲା ଶାଖାର କର୍ମକର୍ତ୍ତାମାନେ ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଶୁଣାଇଛି। ଦାବିପତ୍ର ପ୍ରଦାନ ବେଳେ କେଶରାୟା ହିନ୍ଦୁ ବାହିନୀ ଗଞ୍ଜାମ ଜିଲା ଶାଖାର ସଭାପତି ଡ. ମଧୁସୂଦନ ସାହୁଙ୍କ ସମେତ ସଂଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ୫ ଗିରଫ

ଆସିକା,୨୯।୯(ଡି.ଏନ୍.ଏ.)-ଗାଙ୍ଗପୁର ଥାନା ଅନ୍ତର୍ଗତ ବାଙ୍କଲେଡି ଗ୍ରାମରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ସୋମବାର ରାତିରେ ପୋଲିସ ଚଢାଉ କରିଥିଲା। ସେଠାରୁ ୫ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ୧୪,୮୦୦ ଟଙ୍କା ଜବତ କରାଯାଇଛି। ଏ ନେଇ ନଂ. ୨୭୮/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଧୃରେଶ କୁମାର ଦାସ କହିଛନ୍ତି।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ଦିଗପହଣ୍ଡି,୨୯।୯(ଡି.ଏନ୍.ଏ.)-ଦିଗପହଣ୍ଡି ଥାନା ଅଞ୍ଚଳରେ ଘରେ ପଶି ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଏତଲାକ୍ରମେ ମାମଲା ନଂ.୨୧୮/୨୦ ଅନୁଯାୟୀ ପୋଲିସ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ଗିରଫ ଭୟରେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଯୁବତୀଙ୍କ ମା'ବାପା ଘରେ ଅନୁପସ୍ଥିତିର ସୁଯୋଗ ନେଇ ତାଙ୍କ ଗାଁର ଯୁବକ ଜଣକ ଶୁକ୍ରବାର ରାତିରେ ଘରେ ପଶି ବଳାତ୍କାର କରିଥିଲେ। ଯୁବତୀଙ୍କ ପାଟି ଶୁଣି ତାଙ୍କ ଦାଦା ଓ ସାନ ଭଉଣୀ ନିଦରୁ ଉଠି ଯୁବକଙ୍କୁ ଧରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେ ସେଠାରୁ ଚମ୍ପଟ ମାରିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ଗାଁର ଭଦ୍ରଲୋକମାନଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଯୁବତୀ ଜଣକ ସୋମବାର ଥାନାରେ ଏତଲା ଦେଇଥିବା ପୋଲିସ କହିଛି।

### ତପ୍ତପାଣି ଘାଟିରେ ଓଲଟିଲା ଟ୍ରକ୍



ପାଟପୁର,୨୯।୯-ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ନିକଟ ପାଲୁଖୋଲା ଘାଟିରେ ମଙ୍ଗଳବାର ଭୋର୍‌ରୁ ଏକ ପେପର ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଟ୍ରକ (ନଂ ଓଡି୧୮ଏ୭୨୯୨) ଟି ରାୟଗଡ଼ାରୁ କଟକ ଅଭିମୁଖେ ପେପର ନେଇ ଯାଉଥିବା ସମୟରେ ପାଲୁଖୋଲା ନିକଟ ଘାଟିରେ ଗାଡ଼ିର ବ୍ରେକ୍ ଫେଲ୍ ହୋଇଯାଇଥିଲା। ଫଳରେ ଗାଡ଼ିଟି ଭାରସାମ୍ୟ ହରାଇ ଘାଟି ତଳକୁ ଓଲଟି ପଡ଼ିଥିଲା। ପାଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି।

### ୫.୭୮ କୁଇଣ୍ଟାଲ ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି,୨୯।୯(ସ୍ୱ.ପ୍ର.)- ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୋହନା ପୋଲିସ ଚଢାଉ କରି ମଙ୍ଗଳବାର ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ରାଇସିଂ ଛକଠାରେ ଏକ ଟ୍ରକକୁ ଅଟକାଇ ପୋଲିସ ଯାଞ୍ଚବେଳେ ସେଥିରୁ ୨୨ ବସ୍ତା ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟ ତଥା ମୋହନା ତହସିଲଦାର କଲ୍ୟାଣୀ ସଂଘମିତ୍ରାଦେବୀଙ୍କ ଉପସ୍ଥିତିରେ ଓଜନ ପରେ ଏହା ୫କୁଇଣ୍ଟାଲ ୭୮କେଜି ଥିବା ଜଣାପଡିଥିଲା। ଘଟଣାରେ ସମ୍ପୃକ୍ତ ବିହାର ଔରଙ୍ଗାବାଦର ବୀରେନ୍ଦ୍ର ଯାଦବ ଏବଂ ରୂପେଶ କୁମାର ଯାଦବଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ମୋହନା ଥାନାରେ ମାମଲା (ନଂ.୧୫୨/୨୦) ରୁଜୁ ହୋଇଥିବା ଥାନା ଅଧିକାରୀ ସୁଜିତ କୁମାର ନାୟକ ସୂଚନା ଦେଇଛନ୍ତି।

### କାତି ଚୋଟରେ ଯୁବକ ଗୁରୁତର: ଅଭିଯୁକ୍ତ ଫେରାର

ଦିଗପହଣ୍ଡି,୨୯।୯(ଡି.ଏନ.ଏ.)-ଦିଗପହଣ୍ଡି ଥାନା ଛଣମେରି ଗାଁରେ ମଙ୍ଗଳବାର ଅପରାହ୍ନରେ ସାମାନ୍ୟ କଥାକୁ କେନ୍ଦ୍ରକରି ଜଣେ ଯୁବକଙ୍କ କାତି ଚୋଟରେ ବାବୁଲା ବିଷୋୟୀ ଗୁରୁତର ଆହତ ହୋଇଛନ୍ତି। ଅଭିଯୁକ୍ତ ଜଣକ ଫେରାର ଥିବା ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି। ସୂଚନାନୁସାରେ, ଗ୍ରାମର ନୂଆସାହି ବ୍ରିଜ ଉପରେ ବାବୁଲାଙ୍କ ସମେତ କିଛି ବ୍ୟକ୍ତି ବସି କଥା ହେଉଥିଲେ। ବାବୁଲାଙ୍କ ସମ୍ପର୍କୀୟ ପୁତୁରା ଭାବେ ବିବେଚିତ ଅଭିଯୁକ୍ତ ଜଣକ ସେଠାରେ ପହଞ୍ଚିବାରୁ ବାବୁଲା ତାଙ୍କୁ ଥଟ୍ଟାରେ କିଛି କହି ଦେଇଥିଲେ। ଅଭିଯୁକ୍ତ ଜଣକ ଏଥିରେ ରାଗିଯାଇ ଘରୁ ଏକ କାତି ଆଣି ବାବୁଲାଙ୍କ ବେକକୁ ଲକ୍ଷ୍ୟକରି କାତିରେ ଚୋଟ ପକାଇଥିଲେ। ଆଖପାଖରେ ଥିବା ଲୋକେ ବାବୁଲାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠା ତାଙ୍କୁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ଦୁଇ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି।

# ପ୍ଲାଜ୍ମା ଦାନ ପାଇଁ ଅନୁରୋଧ କଲେ ଜିଲାପାଳ

ଛତ୍ରପୁର,୨୯।୯(ଡି.ଏନ.ଏ)



ଜିଲାପାଳ ରାଲିରେ ସାମିଲ ହୋଇଛନ୍ତି।

ଗଞ୍ଜାମ ଜିଲାରେ କୋଭିଡ୍ ସପ୍ତାହ ପାଳନ ଚାଲିଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଏହା ପାଳନ କରାଯିବ। ଜିଲାର ପ୍ରତ୍ୟେକ ଅଞ୍ଚଳରେ ସଚେତନତା ରାଲି କରାଯାଇ ଲୋକଙ୍କୁ କରୋନା ମହାମାରୀ ସମୟରେ ସତର୍କତା ଅବଲମ୍ବନ କରିବା ପାଇଁ ସଚେତନ କରାଯାଉଛି। ମାସ୍କ ବଣ୍ଟନ ସହ ନିୟମିତ ମାସ୍କ ପିନ୍ଧିବା, ସାମାଜିକ ଦୂରତା ଓ କୋଭିଡ୍ ନିୟମ ପାଳନ କରିବାକୁ କୁହାଯାଉଛି। ଘର ଘର ବୁଲି ସ୍କ୍ରିନିଂ, ଲକ୍ଷଣ ଚିହ୍ନଟ, ଅକ୍ସିଜେନ୍‌ସ୍ତର ଯାଞ୍ଚ, ସଚେତନତା ନେଇ ବିଭିନ୍ନ ପ୍ରତିଯୋଗିତା, ଦୋକାନ ଗୁଡିକରେ ପଞ୍ଚସୂତ୍ର ପାଳନର ଯାଞ୍ଚ ଏବଂ ଏନଫୋର୍ସମେଣ୍ଟ ଚାଲିଛି। ମଙ୍ଗଳବାର ଛତ୍ରପୁର ଏନ୍ଏସିରେ କୋଭିଡ ସପ୍ତାହ ପାଳନ ନେଇ ଆୟୋଜିତ ରାଲିକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁଭାରମ୍ଭ କରିଥିଲେ। ଉକ୍ତ ରାଲିରେ ଜିଲାପାଳ ସାମିଲ ହୋଇ ଛତ୍ରପୁର ସହରରେ ବୁଲିଥିଲେ। କରୋନାରୁ ଆରୋଗ୍ୟ ହୋଇଥିବା ବ୍ୟକ୍ତିମାନେ ମଧ୍ୟ ଏଥିରେ ସାମିଲ ଥିଲେ। ଯେଉଁମାନେ କରୋନାରୁ ସଂପୂର୍ଣ୍ଣ ସୁସ୍ଥ ହୋଇ ଫେରିଛନ୍ତି, ସେମାନେ ପ୍ଲାଜମା ଦାନ କରିବାକୁ ଜିଲାପାଳ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ତହସିଲଦାର ନୀଳମାଧବ ଭୋଇ, ଏନଏସି ନିର୍ବାହୀ ଅଧିକାରୀ ଏନ.ଗଣେଶ ବାବୁ, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍.ଧନଞ୍ଜୟ ରେଡ୍ଡୀ, ପୂର୍ବତନ କାଉନସିଲର କିଶୋର ଚନ୍ଦ୍ର ସେନାପତି, କେ.ରମେଶ, କନିଷ୍ଠ ଯନ୍ତ୍ରୀ ଜ୍ୟୋତ୍ସ୍ନାମୟୀ ଜେନା, ଏସ୍.ଦାଲେୟା, କୃଷ୍ଣଚନ୍ଦ୍ର ମହାପାତ୍ର, ଗୌରହରି ପଣ୍ଡାଙ୍କ ସମେତ କୋଭିଡ ମନିଟର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ମଙ୍ଗଳବାର ଆଉ ୩୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୪୧ ଜଣ ସୁସ୍ଥ ମଧ୍ୟ ହୋଇଛନ୍ତି। ଜିଲାରେ ବର୍ତ୍ତମାନ ସୁଦ୍ଧା ୨୦ ହଜାର ୯୭ ଜଣ କେରାନାରେ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୯ ହଜାର ୫୯୬ ଜଣ ସୁସ୍ଥ ହୋଇଛନ୍ତି। ଏବେ ୨୭୪ ଜଣ ସକ୍ରିୟ ରୋଗୀ ଥିବାବେଳେ ୨୧୯ ଜଣଙ୍କ ଜୀବନ ଯାଇଛି। ୮ ଜଣଙ୍କ ଅଣକୋଭିଡ୍‌ରେ ମୃତ୍ୟୁ ହୋଇଛି। ସୋମବାର ଜିଲାରେ ୪ ହଜାର ୪୩୧ ଜଣଙ୍କ କରୋନା ଟେଷ୍ଟ ହୋଇଛି। ଏହାକୁ ମିଶାଇ ଏବେ ସୁଦ୍ଧା ୪ ଲକ୍ଷ ୨୨ ହଜାର ୭୭୪ ଜଣଙ୍କ କରୋନା ଟେଷ୍ଟ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

# ପୁତୁରାଙ୍କୁ ହତ୍ୟା କରି ବଡବାପା ଗିରଫ

ପଟ୍ଟାଙ୍ଗି,୨୯।୯(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଗିର୍ଲିଗୁଡା ଗ୍ରାମର ଜଣେ ନାବାଳକଙ୍କୁ ସୋମବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଛି। ଘଟଣା ଘଟାଇ ଫେରାର ହୋଇଯାଇଥିବା ଅଭିଯୁକ୍ତ ରାମ ଖରାଙ୍କୁ ପୋଲିସ ଜଙ୍ଗଲରୁ ଗିରଫ କରିଛି। ମୃତକ ହେଲେ ଅଭିଯୁକ୍ତ ରାମଙ୍କ ସାନଭାଇ ଲକ୍ଷ୍ମଣ ଖରାଙ୍କ ପୁଅ ନାଗେଶ (୧୫)। ଖବର ପାଇ ସୁନାବେଡା ଏସ୍‌ଡିପିଓ ନିରଞ୍ଜନ ବେହେରା, ସୁଙ୍କି ଫାଣ୍ଡି ଅଧିକାରୀ ସଂଗ୍ରାମ ସ୍ୱାଇଁ ଏବଂ ସାଇଣ୍ଟିଫିକ ଦଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଖବରରୁ ଜଣାପଡିଛି ରାମ ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ ଗ୍ରାମରେ ଗଣ୍ଡଗୋଳ କରନ୍ତି। ଗତ କିଛି ଦିନ ହେଲା ସେ ଗ୍ରାମର ବିଭିନ୍ନ ବ୍ୟକ୍ତିଙ୍କୁ ମାରିବା ପାଇଁ ଧମକଚମକ ଦେଉଥିଲେ। ସୋମବାର ବିଳମ୍ବିତ ରାତିରେ ରାମ ନିଶାସକ୍ତ ତାଙ୍କ ସାନ ଭାଇ ଲକ୍ଷ୍ମଣ ଖରାଙ୍କ ଘରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ପରେ ସେ ଗ୍ରାମର ନନ୍ଦ ଖରାଙ୍କ ଘରକୁ ଯାଇଥିଲେ। ସେଠାରେ ନାଗେଶଙ୍କ ସହ ଗ୍ରାମର ଅନ୍ୟ ୩ଜଣ ଥିଲେ। ବିଳମ୍ବିତ ରାତିରେ ରାମ ନାଗେଶଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଅନ୍ୟମାନେ ରାମଙ୍କୁ ବିରୋଧ କରି ତାଙ୍କ କବଳରୁ ନାଗେଶଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ନାଗେଶଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏନେଇ ନାବାଳକଙ୍କ ବଡବାପା ଉମ୍ବରୁଧର ଖରା ପୋଲିସକୁ ଜଣାଇଥିଲେ। ମଙ୍ଗଳବାର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ହତ୍ୟାକାଣ୍ଡ ଘଟାଇ ଫେରାର ହୋଇଯାଇଥିବା ରାମଙ୍କୁ ପୋଲିସ ଜଙ୍ଗଲରୁ ଗିରଫ କରିଛି। ଏସମ୍ପର୍କରେ ଏସଡିପିଓ ବେହେରାଙ୍କୁ ପଚାରିବାରୁ ଅଭିଯୁକ୍ତ ତାଙ୍କ ପୁତୁରାଙ୍କୁ ହତ୍ୟା କରି ଗ୍ରାମ ଜଙ୍ଗଲରେ ଲୁଚି ଥିଲେ। ସେ ଧରା ପଡିଛନ୍ତି। ତାଙ୍କୁ ପଚରାଉଚରା କରାଯାଉଛି। ସୂଚନାଯୋଗ୍ୟ, ନାଗେଶ ସ୍ଥାନୀୟ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲେ।

# ପ୍ଲାଜ୍ମା ଦାନ ପାଇଁ ନିବେଦନ

ପାରଳାଖେମୁଣ୍ଡି, ୨୯।୯(ସ୍ୱ.ପ୍ର.)

କରୋନାରୁ ସୁସ୍ଥ ବ୍ୟକ୍ତିଙ୍କୁ ପ୍ଲାଜ୍ମା ଦାନ କରିବାପାଇଁ ଗଜପତି ଜିଲାପାଳ ଅନୁପମ ସାହା ନିବେଦନ କରିଛନ୍ତି। ଏ ନେଇ ଏକ ଭିଡିଓ ବାର୍ତ୍ତା ଜାରୀ କରି ଜିଲାପାଳ ସାହା ସଂକ୍ରମଣରୁ ସୁସ୍ଥ ହେବା ବ୍ୟକ୍ତି ପ୍ଲାଜ୍ମା ଦାନ ପାଇଁ ଆଗଭର ହୁଅନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି। ଏହା ସହ ସେ ଆହୁରି କହିଛନ୍ତି ଯେ, ଆମ୍ଭେ ସମସ୍ତେ ଏକ ଘଡିସନ୍ଧି ମୁହୂର୍ତ୍ତଦେଇ ଗତି କରୁଛୁ। ଜିଲାବାସୀଙ୍କ ଧୈର୍ଯ୍ୟ ଏବଂ ସହଯୋଗ ପାଇଁ ଏବେ ଏହା କରୋନା ସଂକ୍ରମଣ ନିୟନ୍ତ୍ରଣାଧିନ ରହିଛି। ଅନ୍ୟପକ୍ଷରେ କରୋନା ଚିକିତ୍ସାରେ ପ୍ଲାଜ୍ମାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମ ଜିଲାରେ ଅନେକ ବ୍ୟକ୍ତି କରୋନାକୁ ହରାଇ ସୁସ୍ଥ ହୋଇଛନ୍ତି। ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି ଯେ "ଆପଣଙ୍କ ଗୋଟିଏ ପଦକ୍ଷେପ ଅନ୍ୟ କାହାର ଜୀବନ ବଞ୍ଚାଇ ପାରିବ''। ତେଣୁ କାଳ ବିଳମ୍ବ ନକରି ପ୍ଲାଜ୍ମା ଦେଇ ଅନ୍ୟଜଣଙ୍କ ଜୀବନ ରକ୍ଷା କରନ୍ତୁ।

**ଗଜପତିରୁ ୨୧ ପଜିଟିଭ ଚିହ୍ନଟ**

ଗଜପତି ଜିଲାରୁ ମଙ୍ଗଳବାର ପୁଣି୨୪ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୫୩୪ରେ ପହଞ୍ଚିଛି। ନୂଆଗଡ ବ୍ଲକରୁ ସର୍ବାଧିକ ୮ଜଣ, ମୋହନାରୁ ୫, ଗୋଷାଣୀରୁ ୩, ପାରଳାଖେମୁଣ୍ଡି ପୌରାଞ୍ଚଳରୁ ୨, କାଶୀନଗର ବ୍ଲକରୁ ୨ ଏବଂ ରାୟଗଡା ବ୍ଲକରୁ ଜଣେ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି।

# ବସ୍ତିମୁକ୍ତ ଅଞ୍ଚଳ ହେବ ସାଲିଆବନ୍ଧ, ପାଣ୍ଡବନଗର

ବ୍ରହ୍ମପୁର ଅଫିସ,୨୯।୯

ଗଞ୍ଜାମ ଜିଲାକୁ କରୋନା ମୁକ୍ତ କରିବା ତଥା ଏହି ମହାମାରୀ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନେଇ ଆରମ୍ଭ ହୋଇଥିବା କୋଭିଡ ସପ୍ତାହ ମଙ୍ଗଳବାର ୫ମ ଦିନରେ ପହଞ୍ଚିଛି। କୋଭିଡ୍ ସପ୍ତାହ ପାଳନ ଅବସରରେ ମଙ୍ଗଳବାର ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳରେ ମାସ୍କ ବଣ୍ଟନ କରାଯାଇଛି। ୨୬ ନଂ. ୱାର୍ଡ ଗୋଷାଣୀ ନୂଆଗାଁ ଅନ୍ତର୍ଗତ ସାଲିଆ ବନ୍ଧ ଓ ପାଣ୍ଡବ ନଗରରେ ମାସ୍କ ବଣ୍ଟନ ସହ ସାମାଜିକ ଦୂରତା ଓ କୋଭିଡ ନିୟମାବଳୀର ପାଳନ କରିବା ନିମନ୍ତେ ଲୋକଙ୍କୁ ସଚେତନ କରାଯାଇଥିଲା। ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଧାରେ ଉପସ୍ଥିତ ରହି ଲୋକଙ୍କୁ ମାସ୍କ ବାଣ୍ଟିବା ସହ ଅଞ୍ଚଳବାସୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଉକ୍ତ ବସ୍ତି ଅଞ୍ଚଳରେ ବିଦ୍ୟୁତ, ପାଣି, ରାସ୍ତା ଆଦି ସୁବିଧା ରହିଥିବା ସାଲିଆ ବନ୍ଧ ଓ ପାଣ୍ଡବ ନଗର ବସ୍ତିକୁ ଖୁବଶୀଘ୍ର ବସ୍ତିମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯିବ ବୋଲି କମିଶନର ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଏମକେସିଜି ମେଡିକାଲ ସମ୍ମୁଖ ମର୍ଦ୍ଦରାଜ ଭେଣ୍ଡିଂଜୋନ ନିକଟରେ ମଧ୍ୟ ନିଗମ ପକ୍ଷରୁ ମାସ୍କ ବଣ୍ଟନ କରାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ କମିଶନରଙ୍କ ସମେତ ଡେପୁଟି କମିଶନର ଆଶୁତୋଷ ସାମଲ ଓ ବିଏମସିର ଅନ୍ୟ ଅଧିକାରୀ, କମ୍ୟୁନିଟି ଅର୍ଗାନାଇଜର ପ୍ରମୁଖ ଉପସ୍ଥିତ ଥିଲେ।



କମିଶନର ମାସ୍କ ବଣ୍ଟନ କରୁଛନ୍ତି।

**ବିଏମ୍‌ସି କମିଶନରଙ୍କ କରୋନା ସଚେତନତା**

# ପାତ୍ରପୁର ବ୍ଲକକୁ ମରୁଡ଼ି ଘୋଷଣା ଦାବି

## ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ

ପାତ୍ରପୁର,୨୯।୯(ଡି.ଏନ୍.ଏ.):

ଚଳିତବର୍ଷ ଠିକ ସମୟରେ ବର୍ଷା ନ ହେବାରୁ ପାତ୍ରପୁର ବ୍ଲକର ଅଧିକାଂଶ ଜମିରେ ଧାନରୁଆ ହୋଇପାରିନି। କେତେକ ଗ୍ରାମରେ ଚାଷଜମି ପଡ଼ିଆ ପଡ଼ିଥିବା ବେଳେ ଆଉ କେତେକ ଗ୍ରାମରେ ୪୦% ଜମିରେ ଧାନ ଚାଷ ହୋଇଛି। ଚାଷ ହୋଇଥିବା ଜମିରେ ବର୍ତ୍ତମାନ ବର୍ଷା ଅଭାବରୁ ଧାନ ଫସଲ ଜଳିବାକୁ ବସିଲାଣି। ଏଭଳି ସ୍ଥଳେ ଚିକିଟି ନିର୍ବାଚନ ମଣ୍ଡଳୀ ଭାଜପା ତରଫରୁ ପାତ୍ରପୁର ବ୍ଲକକୁ ସଂପୂର୍ଣ୍ଣ ମରୁଡ଼ି ଘୋଷଣା କରିବା ପାଇଁ ଦାବି ହୋଇଛି। ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କ ନେତୃତ୍ୱରେ ଦେବକୀ ନନ୍ଦନ ପାଢ଼ୀ, ସଞ୍ଜୟ ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ଶୋଭାଯାତ୍ରାରେ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ତହସିଲଦାର ଡ଼ ଶ୍ରୀନିବାସ ବେହେରାଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ବ୍ଲକକୁ ସଂପୂର୍ଣ୍ଣ ମରୁଡି ଘୋଷଣା ସହ ଚାଷୀଙ୍କ ଋଣ ଛାଡ଼ ପାଇଁ ଦାବି ଉପସ୍ଥାପନ କରାଯାଇଛି।

# ବୁଗୁଡ଼ା ବନାଞ୍ଚଳକୁ ଲେଉଟିଲେ ୧୧ ହାତୀ

ବୁଗୁଡ଼ା,୨୯।୯(ଡି.ଏନ.ଏ.)

ବୁଗୁଡ଼ା ବନାଞ୍ଚଳକୁ ପୁଣି ୧୧ଟି ହାତୀ ପ୍ରବେଶ କରିଥିବା ଜଣାପଡ଼ିଛି। ଏହି ହାତୀପଲ ନୟାଗଡ଼ ଡିଭିଜନ ଅନ୍ତର୍ଗତ ଓଡ଼ଗାଁ ଜଙ୍ଗଲରୁ ସୋମବାର ରାତିରେ ଆସି ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ କିରିଆମ୍ବା ସଂରକ୍ଷିତ ଜଙ୍ଗଲରେ ପହଞ୍ଚିଥିବା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ସୂଚନା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ୨ଟି ଦନ୍ତା, ୬ଟି ମାଈ ଓ ୩ଟି ଛୁଆ ଥିବା ଜଣାପଡ଼ିଛି। ସପ୍ତାହକ ତଳେ ବୁଗୁଡ଼ା ବନାଞ୍ଚଳରେ ୧୬ଟି ହାତୀ ନୟାଗଡ଼ ଜଙ୍ଗଲକୁ ଫେରିଥିଲେ। ଏଥିରୁ ଗୋଟିଏ ଦନ୍ତାହାତୀ ଏକ ଫସଲ କିଆରିରେ କୁଡ଼ିଆ କରି ଶୋଇଥିବା ସଂସାରୀ ପ୍ରଧାନଙ୍କୁ କଚାଡ଼ି ଗୁରୁତର କରିଥିଲା। ଫଳରେ ଲୋକଙ୍କ ମଧ୍ୟରେ ହାତୀ ଆତଙ୍କ ଖେଳିଯାଇଥିଲା। ବନ ବିଭାଗର ଉଦ୍ୟମ ଓ ଗ୍ରାମବାସୀଙ୍କ ସହଯୋଗରେ ହାତୀ ବୁଗୁଡ଼ା ବନାଞ୍ଚଳ ଛାଡ଼ି ନୟାଗଡ଼କୁ ଚାଲି ଯାଇଥିଲେ। ତେବେ ପୁଣି ହାତୀପଲ ଫେରିବାରୁ ଆଖପାଖ ଗ୍ରାମରେ ଉପଦ୍ରବ କରିବା ଆଶଙ୍କାରେ ଚାଷୀ ଭୟଭୀତ ହେଉଥିବା ଦେଖି ବନ ବିଭାଗ ପକ୍ଷରୁ ହାତୀଙ୍କୁ ଜଙ୍ଗଲ ଆଡ଼କୁ ମୁହାଇଁବା ପାଇଁ କଡ଼ା ପ୍ରୋଟେକ୍ସନ୍ ସହ ନାଇଟ୍ ପାଟ୍ରୋଲିଂ ଜାରି ରଖିବା ପାଇଁ ଅଧିକାରୀ କହିଛନ୍ତି।

# ହିଞ୍ଜିଳିକାଟୁରେ କୋଭିଡ୍ ସ୍ଥିତି ପରଖିଲେ ଜିଲାପାଳ

ହିଞ୍ଜିଳିକାଟୁ,୨୯।୯(ଡି.ଏନ୍.ଏ.)

କୋଭିଡ୍ ସପ୍ତାହ ପାଳନ ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ହିଞ୍ଜିଳିକାଟୁ ପୌରାଞ୍ଚଳ ଗସ୍ତରେ ଆସି କୋଭିଡ୍‌ସ୍ଥିତି ଓ ସ୍ୱଚ୍ଛତା ପରଖିଥିଲେ। ବସ୍‌ଷ୍ଟାଣ୍ଡ, ଲକ୍ଷ୍ମୀ ବଜାର, ପରିବା ବଜାର ବୁଲି ବ୍ୟବସାୟୀମାନଙ୍କୁ ପଞ୍ଚସୂତ୍ରୀ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଥାନା ସାହି, ବଡ଼ ରଙ୍ଗଣି ସାହି, ରଜା ସାହି ବୁଲି ସ୍ୱଚ୍ଛତା ଦେଖିବା ବେଳେ ଯେଉଁ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଆବର୍ଜନା ପଡ଼ିଥିଲା ତାକୁ ଶୀଘ୍ର ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱଚ୍ଛତା ଦିଗରେ ହିଞ୍ଜିଳିକାଟୁକୁ ରାଜ୍ୟର ୧ନଂ ସ୍ଥାନ ଅଧିକାର କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଜିଲାପାଳ ହିଞ୍ଜିଳିକାଟୁ ମାର୍କେଟ କମ୍ପ୍ଲେକ୍ସ ପାଇଁ ନିର୍ଦ୍ଧାରିତ ସ୍ଥାନ ବୁଲି ଦେଖିବା ସହ ତୁରନ୍ତ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବେବର୍ତ୍ତା ପୋଖରୀ ସୌନ୍ଦର୍ଯ୍ୟକରଣ ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପୌର ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବନ୍ୟଜନ୍ତୁ ଶିକାର ଉଦ୍ୟମ ପଣ୍ଡ

ବୁଗୁଡ଼ା,୨୯।୯(ଡି.ଏନ.ଏ.)

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଲଗାତର ବନ ବିଭାଗ ପକ୍ଷରୁ ନାଇଟ୍ ପାଟ୍ରୋଲିଂ କରି ବନ୍ୟଜନ୍ତୁ ଶିକାର ଉଦ୍ୟମ ପଣ୍ଡ କରାଯାଉଛି। ସୋମବାର ରାତିରେ ମଧ୍ୟ ଗାନ୍ଧୀନଗରଠାରେ ଏକ ଶିକାର ଉଦ୍ୟମକୁ ବନ କର୍ମଚାରୀମାନେ ଭଣ୍ଡୁର କରିଛନ୍ତି। ପ୍ରକାଶ ଯେ, ଗାନ୍ଧୀନଗର ଗ୍ରାମ ନିକଟରେ ୧୧ କେଭି ବିଦ୍ୟୁତ୍ ତାରରୁ ହୁକ୍ ପକାଇ ଦୁର୍ବୃତ୍ତମାନେ ବନ୍ୟଜନ୍ତୁ ଶିକାର କରିବା ପାଇଁ ବିଲରୁ ଜଙ୍ଗଲ ଯାଏ ୪ କିମି ପର୍ଯ୍ୟନ୍ତ ଜିଆଇ ତାର ବିଛାଇଥିଲେ। ଖବର ପାଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହେରାଙ୍କ ନିର୍ଦ୍ଦେଶକ୍ରମେ ବୁଗୁଡ଼ା ବନାଞ୍ଚଳ ଅଧିକାରୀମାନେ ଶିକାରୀକୁ ଧରିବା ପାଇଁ ରାତିସାର ସେଠାରେ ଲୁଚି ରହିଥିଲେ। କିନ୍ତୁ ଶିକାରୀମାନେ କୌଣସିମତେ ଖବର ପାଇ ସେଠାକୁ ଆଉ ଯାଇ ନ ଥିଲେ। ଫଳରେ କର୍ମଚାରୀମାନେ ସେଠାରୁ ୧୦ କେଜି ଜିଆଇ ତାର, ୩୦ଟି କିଳା ଓ ବୋତଲ ଆଦି ସରଞ୍ଜାମ ଜବତ କରିଛନ୍ତି।

# ଭୋଇ ପାହାଡ଼ ତଳୁ ଜବରଦଖଲ ହଟିବ

**ସ୍ଥାନ ନିରୀକ୍ଷଣ କଲେ ଉପଜିଲାପାଳ**

ପାରଳାଖେମୁଣ୍ଡି,୨୯।୯(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଭୋଇ ପାହାଡ ତଳି ଅଞ୍ଚଳର କିଛି ସ୍ଥାନ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏହାର ଉଚ୍ଛେଦ ପାଇଁ ନିରୀକ୍ଷଣ କରାଯାଇଥିବା ଜଣାପଡିଛି। ଉକ୍ତ ପାହାଡ ପାଦଦେଶ ତଥା ତଳି ଅଞ୍ଚଳକୁ କେତେକ ଲୋକେ ଅକ୍ତିଆର କରି ଝାଟିମାଟି ଘର କରି ରହୁଛନ୍ତି। ସ୍ଥାନଟି ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତରେ ଆସୁଥିବାବେଳେ ଅସାଧୁ ବ୍ୟକ୍ତିମାନେ ଅକ୍ତିଆର କରିଥିବା ଖବର ପାଇ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ପାଇଁ ନିରୀକ୍ଷଣ କରାଯାଇଥିଲା। ଉଚ୍ଛେଦ ପାଇଁ ଜାଗା ଚିହ୍ନଟ କରାଯାଇଛି। ପାରଳାଖେମୁଣ୍ଡି ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ତହସିଲଦାର ଅଚ୍ୟୁତାନନ୍ଦ ଜାନୀ, ବନବିଭାଗର ଅଧିକାରୀ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ରହି ଚିହ୍ନଟ ବା ନିରୀକ୍ଷଣ କରିଥିଲେ।



ଉପଜିଲାପାଳ ଅନ୍ୟ ଅଧିକାରୀଙ୍କ ସହ ସ୍ଥାନ ନିରୀକ୍ଷଣ କରୁଛନ୍ତି।

# ମୁଖ୍ୟ ଅଭିଯୁକ୍ତ ସମେତ ୬ ଗିରଫ

ଆର.ଉଦୟଗିରି,୨୯।୯(ଡି.ଏନ.ଏ.)

**ଗୁଣି ଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା ଘଟଣା**

ଗଜପତି ଜିଲା ଆର.ଉଦୟଗିରି ଥାନା ଅବାରସିଂ ପଞ୍ଚାୟତର ଗୁଣ୍ଡୁଲୁ ଗ୍ରାମର ଡ଼ାଳିମ୍ବ ଗମାଙ୍ଗଙ୍କୁ ଗୁଣି ଗାରେଡ଼ି ସନ୍ଦେହରେ ସେହି ଗ୍ରାମର ରାମଚନ୍ଦ୍ର ରଇତ ଜଙ୍ଗଲକୁ ନେଇ ଅଗଷ୍ଟ ୯ରେ ଗୁଳିକରି ହତ୍ୟା କରିଥିଲେ। ଡ଼ାଳିମ୍ବର ପୁତୁରା ବୁଦ୍ଧୁ ଗମାଙ୍ଗ ଆର୍.ଉଦୟଗିରି ଥାନାରେ ଶନିବାର ଅଭିଯୋଗ କରିବା ପରେ ରବିବାର ପୋଲିସ ରାମଚନ୍ଦ୍ର ରଇତଙ୍କୁ ଗିରଫ କରିଥିଲା। ତାଙ୍କ ସୂଚନା ଆଧାରରେ ମାଟିତଳୁ ମୃତଦେହ ଉଦ୍ଧାର ସହ ସହ ବନ୍ଧୁକ ଜବତ ହୋଇଥିଲା। ଆର୍.ଉଦୟଗିରି ପୋଲିସ ମାମଲା (ନଂ.୭୬/୨୦)ରୁଜୁକରି ତଦନ୍ତ ଚଳାଇଥିଲା। ହତ୍ୟାକାଣ୍ଡରେ ରାମଚନ୍ଦ୍ରଙ୍କୁ ସହଯୋଗ କରିଥିବା ଅନ୍ୟ ୫ ଜଣଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ସେମାନେ ହେଲେ ଅଭି ରଇତ (୩୨), ଡ଼ମ୍ବରୁ ରଇତ (୪୫), ସନ୍ୟାସି ରଇତ (୪୫), ସମ୍ବରା ମଣ୍ଡଳ (୪୩), ନୀଳାମ୍ବର ରଇତ (୨୦)। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ମମତା ନାୟକ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତମାନେ।

# ମିଳୁନି ସୁରାକ୍, ଚିନ୍ତାରେ ପୋଲିସ

ବ୍ରହ୍ମପୁର ଅଫିସ,୨୯।୯

**ସୁନା ଗହଣା ଓ ଟଙ୍କା ଚୋରି ଘଟଣା**

କରୋନା ମୁକାବିଲା ପାଇଁ ଜାରି ହୋଇଥିଲା କଟକଣା। ଅନ୍‌ଲକ୍ ଘୋଷଣା ହେବା ପରେ ଲୋକଙ୍କ ଜୀବନଜୀବିକା ଧୀରେ ଧୀରେ ସ୍ୱାଭାବିକ ଏବେ ସହର ଓ ସହରତଳି ଚାରିଆଡ଼େ ଚୋର ମାଡି ଚାଲିଲେଣି। ଗୋଟିଏ ପରେ ଗୋଟିଏ ଘରକୁ ଟାର୍ଗେଟ କରୁଛନ୍ତି। ଆଉ ସେମାନଙ୍କ ପାଇଁ ପୂର୍ବଭଳି ପୋଲିସର ପାଟ୍ରୋଲିଂ କି ଯାଞ୍ଚ ଭୟ ନାହିଁ। ଲକ୍‌ଡାଉନ୍ ବେଳେ କଡା ପାଟ୍ରୋଲିଂ ହେଉଥିଲା। ଅନ୍‌ଲକ୍ ବେଳେ ତାହା ଧିମେଇ ଯାଇଛି ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି। ସଦର ଥାନା ଅନ୍ତର୍ଗତ ନିମଖଣ୍ଡି ମହାନ୍ତି ସାହିରେ ରହୁଥିବା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ଶତପଥୀଙ୍କ ଘରେ ଗତ ମାସ ୨୯ ତାରିଖରେ ଡକାୟତି ହୋଇଥିଲା। ବୃଦ୍ଧ ଦମ୍ପତିଙ୍କୁ କାବୁ କରି ୧୨ ଭରି ସୁନା ଗହଣା ଓ ଦେଢ ଲକ୍ଷ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ସେହିପରି ଗତ ୧ ତାରିଖରେ ଗୋଶାଣୀନୂଆଗାଁ ଥାନା ଅନ୍ତର୍ଗତ ଖଜୁରିଆ ବାଇପାସ୍ କଡରେ ଥିବା ଚନ୍ଦ୍ରଚୂଡେଶ୍ୱର ମନ୍ଦିର ପରିସରର କାଳୀମନ୍ଦିର ତାଲା ଭାଙ୍ଗି ମା'ଙ୍କ ସମସ୍ତ ସୁନା ଓ ରୁପା ଅଳଙ୍କାର ଚୋର ଗ୍ୟାଙ୍ଗ ନେଇଯାଇଥିଲେ। ସେହିପରି ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବାଞ୍ଛାନିଧିନଗରରେ ରହୁଥିବା ଡାକ୍ତର ଦମ୍ପତିଙ୍କ ଘରେ ମଧ୍ୟ ଚୋର ଗ୍ୟାଙ୍ଗ କଳାକନା ବୁଲାଇ ଦେଇଥିଲେ। ସେହିପରି ଟାଉନ୍ ଥାନା ଅନ୍ତର୍ଗତ ସୋମନାଥ ନଗରରେ ଥିବା କାଳିମ ସରିଫଙ୍କ ଘରୁ ୧୨ ଭରି ସୁନା ଗହଣା ଓ ନଗଦ ୯୦ ହଜାର ଟଙ୍କା ଚୋରି ହୋଇଥିବା ଥାନାରେ ଏତଲା ହୋଇଥିଲା। ଏହି ସବୁ ଘଟଣାରେ ପୋଲିସ ତଦନ୍ତ ଜାରି ରଖିଥିଲେ ସୁଦ୍ଧା କିଛି ସୁରାକ ପାଇପାରିନାହିଁ। ଫଳରେ ପୋଲିସର ଚିନ୍ତା ବଢ଼ିଯାଇଛି। ପୋଲିସର ଜିଲା ପାଟ୍ରୋଲିଂର ସୁଯୋଗ ନେଇ ଚୋର ଦଳ ଗୋଟିଏ ପରେ ଗୋଟିଏ ସ୍ଥାନରୁ ଚୋରି କରି ଚାଲିଛନ୍ତି। ପାଟ୍ରୋଲିଂ କଡାକଡି କରିବାକୁ ଦାବି ହେଉଛି।

## ପାରାଦୀପ ସେକ୍ଟର ୨୧ରେ ହେବ ନୌସେନା ବେଶ୍

ପାରାଦୀପ,(ସ୍ୱ.ପ୍ର.): ଦୀର୍ଘ ୮ ବର୍ଷ ଧରି ଶିଥିଳତାରେ ଥିବା ଭାରତୀୟ ନୌସେନାର ସବ୍ ମେରାଇନ ଅଫିସ୍(ନୌସେନା ବେଶ୍)ପାରାଦୀପରେ ହେବ ବୋଲି ସ୍ପଷ୍ଟ ହୋଇଛି। ଏଥିପାଇଁ ନୌସେନାକୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ୨୦ ଏକର ଜମି ଯୋଗାଇ ଦେଇଛନ୍ତି। ଏହି ଜମି ସେକ୍ଟର ୨୧ ବା ନେହେରୁବଙ୍ଗଳା ଅଞ୍ଚଳରେ ରହିଛି। ମଙ୍ଗଳବାର ପ୍ରସ୍ତାବିତ ଅଞ୍ଚଳରେ ଥିବା ଜବରଦଖଲକୁ ଉଚ୍ଛେଦ କରାଯାଇ ଜମିକୁ ନୌସେନାକୁ ହସ୍ତାନ୍ତର କରାଯାଇଛି ବୋଲି ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର ସୂଚନା ଦେଇଛନ୍ତି। ଏହି ନୌସେନା ବେଶ୍ ପାଇଁ ୨୦୧୨ରୁ ପ୍ରୟାସ ଚାଲିଥିଲା।

## ପ୍ରଥମ ପୃଷ୍ଠାରୁ...

### କଟକଣାରେ ଅଧିବେଶନ...

ଏହି ଅଧିବେଶନରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଗୃହ କାର୍ଯ୍ୟରେ ଯୋଗଦେଇଥିବା ବେଳେ ଲୋକସେବା ଭବନରୁ ବିଧାୟକ ବଦ୍ରିନାରାୟଣ ପାତ୍ର, ଉଷାଦେବୀ, ପ୍ରଫୁଲ୍ଲ ସାମଲ, ଶଶିଭୂଷଣ ବେହେରା, ନିତ୍ୟାନନ୍ଦ ସାହୁ ଏବଂ ସାବିତ୍ରୀ ଅଗ୍ରୱାଲ ଯୋଗ ଦେଇଥିଲେ। ସେହିପରି ଭଦ୍ରକରୁ ବିଷ୍ଣୁ ଚରଣ ସେଠୀ, ଢେଙ୍କାନାଳରୁ ପ୍ରଫୁଲ୍ଲ ମଲ୍ଲିକ, ନୂଆପଡ଼ାରୁ ରାଜେନ୍ଦ୍ର ଢୋଲକିଆ ଜିଲାପାଳଙ୍କ ସମ୍ମିଳନୀ କକ୍ଷରୁ ଭିଡିଓ କନ୍‌ଫରେନ୍ସ ଯୋଗେ ଗୃହକାର୍ଯ୍ୟରେ ଯୋଗଦେଇଥିଲେ। ପୂର୍ବାହ୍ନରେ ଶୋକ ପ୍ରସ୍ତାବ ପରେ ଗୃହରେ କୌଣସି କାର୍ଯ୍ୟ ହୋଇ ନ ଥିଲା। ପ୍ରଥମ ଥର କରୋନା ମହାମାରୀ ସଂକ୍ରମଣ ଲାଗି ଗୃହରେ ପ୍ରଶ୍ନୋତ୍ତର କାଳକୁ ବାତିଲ କରାଯାଇଥିଲା। ତେବେ ସଦସ୍ୟମାନଙ୍କୁ ଲିଖିତ ପ୍ରଶ୍ନ ଯୋଗାଇ ଦିଆଯାଇଥିଲା। ଅପରାହ୍ନ ୩ଟାରେ ଦ୍ୱିତୀୟ ପର୍ଯ୍ୟାୟ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା।

### ବିଶ୍ୱବିଦ୍ୟାଳୟ ସଂଶୋଧନ...

ବେଳେ ତରବରିଆ ଭାବେ ବିଶ୍ୱବିଦ୍ୟାଳୟ ବିଲ୍‌କୁ ପାରିତ କରିବାକୁ ସରକାର ଚାହୁଁଛନ୍ତି। ଲୋକଙ୍କୁ ଧୋକା ଦେଇ ଓ ଅନ୍ଧାରରେ ରଖି ବିଲ୍ ପାସ୍ କରିବାକୁ ଚାହୁଁଛନ୍ତି। ଏହା ଉପରେ ଆମ ଭବିଷ୍ୟତ ନିର୍ଭର କରୁଛି। ଛାତ୍ର ସମାଜ ଯଦି ଉଚ୍ଚମାନର ଶିକ୍ଷା ପାଇବେ ନାହିଁ, ଶିକ୍ଷା ଉପରେ ଯଦି କଟକଣା ଲାଗିବ ଏବଂ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ରତାକୁ କ୍ଷୁଣ୍ଣ କରାଯିବ, ତା'ହେଲେ ଏହା ଉପରେ ଆଲୋଚନା କରିବାର କି ଆବଶ୍ୟକତା ରହିଛି। କେନ୍ଦ୍ର ସରକାର ଯେଉଁ ବିଲ୍ କରିବା କଥା ରାଜ୍ୟ ସରକାର ତାହାକୁ ନିଜେ କରୁଛନ୍ତି। ଏହା କେନ୍ଦ୍ର ସରକାରଙ୍କର ଅଧିକାର। ଏଥିରେ ରାଜ୍ୟ ସରକାର ହସ୍ତକ୍ଷେପ କରିବା କଥା ନୁହେଁ। ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ରତାକୁ କେହି ଛୁଇଁ ପାରିବେ ନାହିଁ ବୋଲି ୟୁନିଭର୍ସିଟି ଗ୍ରାଣ୍ଟ୍ସ କମିଶନ(ୟୁଜିସି) ଆଇନରେ ଉଲ୍ଲେଖ ରହିଛି। କିନ୍ତୁ ରାଜ୍ୟ ସରକାର ଏହାକୁ ଉଚ୍ଛେଦ କରିବାକୁ ବସିଛନ୍ତି। ଏହି ଅଧିକାର ରାଜ୍ୟ ବିଧାନସଭାର ନାହିଁ। ୨୦୧୬ରୁ ରାଜ୍ୟ ସରକାର ଏହି ଉଦ୍ୟମ ଜାରି ରଖିଛନ୍ତି। ଏହା କେନ୍ଦ୍ର ସରକାରଙ୍କ ବିଷୟ ବୋଲି ସେତେବେଳେ ଆଇନ ବିଭାଗ କହିବା ପରେ ୨୦୧୯ରେ ଆଉଏକ ଫାଇଲ୍ କରାଯାଇ ବିଲ୍ ଉପସ୍ଥାପିତ କରାଯାଇଛି। ବିଲ୍ ସଂଶୋଧନ ହେଲେ କୁଳପତି, ପ୍ରଫେସର, ଗବେଷକମାନେ ସରକାରଙ୍କ ସଖୀକଣ୍ଢେଇ ଭଳି କାମ କରିବେ । ଏହି ବିଲ୍ ପାରିତ ବେଳେ ଡିଭିଜନ ହେଉ ବୋଲି ନରସିଂହ କହିଥିଲେ। ବିଧାୟକ ତାରାପ୍ରସାଦ ବାହିନୀପତି ଜୋରଦାର ବିରୋଧ କରିଥିଲେ। ସେ କହିଥିଲେ, ବିଶ୍ୱବିଦ୍ୟାଳୟ ଆଇନରେ ଛାତ୍ର ସଂସଦକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ଯୋଜନା କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ନିଜେ ଜଣେ ଛାତ୍ରନେତା ଥାଇ ମଧ୍ୟ ଷ୍ଟୁଡେଣ୍ଟ ୟୁନିୟନକୁ ଉଠାଇବାକୁ ଚାହୁଁଛନ୍ତି। ଏହାଦ୍ୱାରା ଗଣତନ୍ତ୍ରକୁ ନଷ୍ଟ କରାଯାଉଛି। ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍‌କୁ ଏକ କଳା ବିଲ୍ କହିବା ସହ ଏହାକୁ ଚିରି ଦେଇଥିଲେ। ଏହି ବିଲ୍ ପାରିତ କରିବା ପୂର୍ବରୁ ସିଲେକ୍ଟ କମିଟିକୁ ପଠାଇବାକୁ ସେ ଦାବି କରିଥିଲେ।

ଭାଜପା ପକ୍ଷରୁ ମଧ୍ୟ କଡ଼ା ବିରୋଧ କରାଯାଇଥିଲା। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି, ବିଶ୍ୱବିଦ୍ୟାଳୟକୁ ସରକାର ନିଜ ଅଧୀନରେ ରଖିବାକୁ ଚାହୁଁଛନ୍ତି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେବ। ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପ୍ରକ୍ରିୟାକୁ ନେଇ ସେ ପ୍ରଶ୍ନ ଉଠାଇଥିଲେ। ଭାଜପା ବିଧାୟକ ମୁକେଶ ମହାଲିଙ୍ଗମ୍ କହିଛନ୍ତି, ଓଡ଼ିଶାର ଛାତ୍ରୀଛାତ୍ରମାନେ ଚାକିରି ତଥା ରୋଜଗାର ପାଇଁ ଉଚ୍ଚଶିକ୍ଷା ଉପରେ ନିର୍ଭର କରୁଥିବାବେଳେ ଏହି ବିଲ୍ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦେବ। ଏଥିରେ ସିନେଟ୍‌କୁ ଉଠାଇ ଦିଆଯାଇ କୁଳପତିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇଛି। ଏହାକୁ କେହି ସମର୍ଥନ କରିବେ ନାହିଁ ବୋଲି ସେ କହିଛନ୍ତି। ଭାଜପା ବିଧାୟକ ମୋହନ ମାଝି ଗୋଟିଏ ଦିନରେ ୭ଟି ବିଲ୍ ଉପସ୍ଥାପିତ ହେବାକୁ ବିରୋଧ କରିଛନ୍ତି। କାର୍ଯ୍ୟ ପରାମର୍ଶଦାତା କମିଟିରେ ଏ ନେଇ କୌଣସି ଆଲୋଚନା ହୋଇନାହିଁ। କିଛି ନିଷ୍ପତ୍ତି ନିଆଯାଇନାହିଁ। ଜାଣିଶୁଣି ବିରୋଧୀ ଦଳ ଉପରେ ଏହାକୁ ଲଦି ଦିଆଯାଉଥିବା ସେ କହିଥିଲେ।

ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି, ବିଲ୍ ଯୋଗୁ ବିଶ୍ୱବିଦ୍ୟାଳୟ ସ୍ୱାୟତ୍ତତା ସାମାନ୍ୟତମ କ୍ଷୁଣ୍ଣ ହେବ ନାହିଁ। ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ଗୋଟିଏ ଆଇନ ଅନୁସାରେ ପରିଚାଳିତ ହେବ। ବିଶ୍ୱବିଦ୍ୟାଳୟ ବିଲ୍‌ରେ କେନ୍ଦ୍ର ସରକାରଙ୍କର କୌଣସି ଭୂମିକା ନାହିଁ । ବିଲ୍ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ନ ଜାଣି ଏହାକୁ ସମାଲୋଚନା କରାଯିବା ଉଚିତ ନୁହେଁ। ସେହିଭଳି ୟୁଜିସି ଅନୁଦାନ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଗତ ୩ବର୍ଷରେ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟଗୁଡ଼ିକୁ ୧୦୩୪ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ହେଲେ ୟୁଜିସି ପକ୍ଷରୁ ମାତ୍ର ୧୦ କୋଟି ଟଙ୍କାର ଅନୁଦାନ ମିଳିଥିବା ସେ କହିଥିଲେ।

### ମାସ୍କ, ପିପିଇ କିଟ୍...

ଶର୍ମାଙ୍କ ଭୂମିକାକୁ ସେ ସନ୍ଦେହ କରିଥିଲେ। ବ୍ଲାଙ୍କ ଚେକ୍ ପ୍ରସଙ୍ଗ ମଧ୍ୟ ଉଠାଇ ସେ କହିଥିଲେ, କୋଭିଡ୍ ମୁକାବିଲା ପାଇଁ ଯେଉଁ କମ୍ପାନୀରୁ ସାମଗ୍ରୀ କିଣାଯାଉଥିଲା ସେମାନଙ୍କୁ କାହିଁକି ବ୍ଲାଙ୍କ ଚେକ୍ ଦିଆଯାଇଥିଲା। କରୋନା ମୁକାବିଲାରେ ରାଜ୍ୟ ସରକାର ରାଜକୋଷରୁ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିଥିଲେ ମଧ୍ୟ ରାଜ୍ୟରେ ମେଡିକାଲ ଭିତ୍ତିଭୂମି ସୁଧୁରି ନାହିଁ। କରୋନା ପରିଚାଳନାରେ ତ୍ରୁଟି ଯୋଗୁ ରାଜ୍ୟ ଏବେ ଋଣରେ ବୁଡ଼ିଥିବା ସେ ଅଭିଯୋଗ କରିଥିଲେ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ମଧ୍ୟ ଗୃହରେ କୋଭିଡ୍ ଅବ୍ୟବସ୍ଥା ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ, କୋଭିଡ୍ ଯୋଗୁ ରାଜ୍ୟରେ ବହୁ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ କେବଳ ଭୁବନେଶ୍ୱର, ଖୋର୍ଦ୍ଧା ଓ ଜଟଣୀରେ ୪୦୦ ଲୋକଙ୍କ ମୃତ୍ୟୁ ଘଟିଛି। ସାଧାରଣ ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଭୁବନେଶ୍ୱରରେ କରୋନା ସ୍ଥିତି ଗମ୍ଭୀର ଥିବାବେଳେ ଅନ୍ୟ ରୋଗରେ ପୀଡିତ ଥିବା ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରୁ ନାହିଁ। ସରକାର ତୁରନ୍ତ ଅନ୍ୟ ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସେ ଦାବି କରିଥିଲେ।

ବିରୋଧୀ ଦଳ ନେତା ଖଣି ଦୁର୍ନୀତି ପ୍ରସଙ୍ଗ ଉଠାଇଥିଲେ। ଟେଣ୍ଡର ପ୍ରଦାନରେ ଅର୍ଥ ହେରଫେର ହୋଇଥିବାବେଳେ କେବଳ ସିରାଜ ଉଦ୍ଦିନ ମାଇନ୍ସ ପାଇଁ ରାଜ୍ୟ ସରକାର ୨୧ ହଜାର କୋଟି ଟଙ୍କାର କ୍ଷତି ସହିଥିବା କହିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଧାନସଭା ଅଧିବେଶନକୁ ବୁଧବାର ସକାଳ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

### ୩୦% ପର୍ଯ୍ୟନ୍ତ...

ନେଇ ସ୍କୁଲ ଫିଁ ଛାଡ଼ ସମ୍ପର୍କିତ ବୈଠକ ବସି ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସମସ୍ତ ପକ୍ଷଙ୍କ ସହମତିରେ ବୈଠକରେ ହୋଇଥିବା ଉକ୍ତ ନିଷ୍ପତ୍ତିକୁ ହାଇକୋର୍ଟରେ ଉପସ୍ଥାପନ କରାଯାଇଥିଲା।

ଅନ୍ୟପଟେ ହାଇକୋର୍ଟଙ୍କ ଶୁଣାଣି ପରେ ଖୁସିବ୍ୟକ୍ତ କରିଛି ଓଡ଼ିଶା ଅଭିଭାବକ ମହାସଂଘ। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, କରୋନା ଭଳି ମହାମାରୀ ପାଇଁ ଅଭିଭାବକଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ର, ଶିକ୍ଷକ ସମସ୍ତଙ୍କ କ୍ଷତି ହୋଇଛି। ଏଭଳି ସମୟରେ ହାଇକୋର୍ଟଙ୍କ ଆପୋସ ସମାଧାନ କରିବା ପାଇଁ କହିବା ଆମ ପାଇଁ ଚ୍ୟାଲେଞ୍ଜ ଥିଲା। ସେହି ଚ୍ୟାଲେଞ୍ଜକୁ ସ୍ୱୀକାର କରି ଆମେ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବଙ୍କ ସହିତ ଆଲୋଚନା କରିବା ସହ ସ୍ଥିତିକୁ ନେଇ ତର୍ଜମା କରିଥିଲୁ। ସ୍କୁଲର କ୍ଷତି ହେଲେ ବି ତାହା ଯେପରି ଚାଲିପାରିବ, ଅଭିଭାବକମାନେ କିପରି ଆଶ୍ୱସ୍ତ ହେବେ, ଏସବୁକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି।

### ଚିନ୍ତା ବଢ଼ାଇଲା...

ଗୃହପାଳିତ ଘୁଷୁରି ହେଉଛି ଏହି ଭୂତାଣୁର ପ୍ରାଥମିକ ସ୍ତନ୍ୟପାୟୀ ଧାରକ। ଆଣ୍ଟି-ସିକ୍ୟୁଭି ଆଇଜିଏମ୍ ଏବଂ ଆଇଜିଜି ଆଣ୍ଟିବଡି ଚାଇନାର ଗୃହପାଳିତ ଘୁଷୁରିରେ ଚିହ୍ନଟ କରାଯାଇଛି। ବୈଜ୍ଞାନିକମାନେ କହିଛନ୍ତି ଯେ, ସିକ୍ୟୁଭି ପାଇଁ ମଲିକୁଲାର ଏବଂ ସେରୋଲୋଜିକାଲ ଅନୁସନ୍ଧାନର ବିକାଶ କରିବା ଆବଶ୍ୟକ। ଲୋକଙ୍କ ବ୍ୟତୀତ ଘୁଷୁରିରେ ସ୍କ୍ରିନିଂ ଆବଶ୍ୟକତା ରହିଛି। ଏହାଦ୍ୱାରା ସଙ୍କଟ ଭୟଙ୍କର ହେବା ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି ହୋଇପାରିବ।

### ନଭେମ୍ବର ୩ରେ...

ଦାସଙ୍କ ମୃତ୍ୟୁ ପରେ ଉଭୟ ଆସନ ଖାଲିପଡ଼ିଛି। ନିର୍ବାଚନ ତାରିଖ ଘୋଷଣା ପରେ ଉଭୟ ଆସନରେ ପ୍ରାର୍ଥୀ ଚୟନକୁ ନେଇ ବିଭିନ୍ନ ଦଳ ମଧ୍ୟରେ ରଣନୀତି ଆରମ୍ଭ ହୋଇଯାଇଛି।

ସ୍ଥାନୀୟ ଅଞ୍ଚଳର କରୋନା ସ୍ଥିତି, ପର୍ବପର୍ବାଣି, ପାଣିପାଗ ଅବସ୍ଥା ଆଦିକୁ ବିଚାରକୁ ନିଆଯାଇ ଦେଶରେ ଖାଲି ପଡ଼ିଥିବା ବିଧାନସଭା ଆସନଗୁଡ଼ିକରେ ଉପନିର୍ବାଚନ କରିବାକୁ ସ୍ଥିର କରାଯାଇଛି ବୋଲି ସିଇସି କହିଛନ୍ତି। ଏଥିସହିତ ବିହାରର ବାଲ୍ମୀକି ନଗର ଲୋକ ସଭା ଆସନ ଏବଂ ମଣିପୁରର ୨ଟି ବିଧାନସଭା ଆସନରେ ନିର୍ବାଚନ ହେବ। ଏହି ଆସନରେ ନଭେମ୍ବର ୭ରେ ମତଦାନ ଏବଂ ୧୦ରେ ଫଳାଫଳ ପ୍ରକାଶ ପାଇବ। ମତଦାନ ହେବାକୁ ଥିବା ନିର୍ବାଚନ ମଣ୍ଡଳୀ ଯେଉଁ ଜିଲା ଅଧୀନରେ ପୂର୍ଣ୍ଣ ବା ଆଂଶିକଭାବେ ଆସୁଛି ସେଗୁଡ଼ିକରେ ତତ୍କାଳ ଆଚରଣ ବିଧି ଲାଗୁ କରାଗଲା ବୋଲି ସିଇସି କହିଛନ୍ତି। ବରିଷ୍ଠ ନାଗରିକ ଅର୍ଥାତ ଯେଉଁମାନଙ୍କ ବୟସ ୮୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ଭିନ୍ନକ୍ଷମଙ୍କ ପାଇଁ ବାଲଟ ଭୋଟିଂ ବ୍ୟବସ୍ଥା କରାଯାଇଛି। ଏଥିସହିତ କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ସମସ୍ତ ନିୟମ ମାନି ନିର୍ବାଚନ ପରିଚାଳନା କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଆସାମ, ପଶ୍ଚିମବଙ୍ଗ, କେରଳ ଏବଂ ତାମିଲ୍‌ନାଡୁର ମୁଖ୍ୟ ଶାସନ ସଚିବ ଏବଂ ନିର୍ବାଚନ ଅଧିକାରୀଙ୍କଠାରୁ ରାଜ୍ୟର କରୋନା ସ୍ଥିତି ସମ୍ପର୍କରେ କୌଣସି ରିପୋର୍ଟ ମିଳି ନ ଥିବାରୁ ଏଠାରେ ଖାଲି ପଡ଼ିଥିବା ୭ଟି ଆସନରେ ଉପନିର୍ବାଚନ ନେଇ ସିଇସି କୌଣସି ତାରିଖ ଘୋଷଣା କରି ନାହାନ୍ତି।

### ବୌଦ୍ଧ ଡେପୁଟି...

ଧମକଚମକ ଦେବେ ନାହିଁ ବୋଲି କୋର୍ଟ ସର୍ତ୍ତ ରଖି ଜାମିନ ପ୍ରଦାନ କରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଡେପୁଟି କଲେକ୍ଟର ବାଗଙ୍କ ନାମରେ ତାଙ୍କ ସ୍ତ୍ରୀ ଡଲିଆ ଦେବନାଥ ନିର୍ଯାତନା ଓ ପରକୀୟା ପ୍ରୀତି ଅଭିଯୋଗ ଆଣି ଝାରସୁଗୁଡା ଜିଲା ବିଟିଏମ୍ ଫାଣ୍ଡିରେ ଏତଲା ଦେଇଥିଲେ। ଅଭିଯୋଗରେ ଦର୍ଶାଯାଇଥିଲା ଯେ, ଦୀର୍ଘବର୍ଷ ହେଲାଣି ତାଙ୍କ ସ୍ୱାମୀ ଅନ୍ୟ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖି ତାଙ୍କୁ ନିର୍ଯାତନା ଦେଇଆସୁଛନ୍ତି। ଏହିକ୍ରମରେ ଗତ ଶନିବାର ତାଙ୍କ ସ୍ୱାମୀ ସମ୍ପୃକ୍ତା ମହିଳାଙ୍କ ଘର ଝାରସୁଗୁଡାକୁ ଆସିଥିଲେ। ଏହା ଜାଣିବା ପରେ ଡଲିଆ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶରତ ଅନ୍ୟ କେତେଜଣଙ୍କ ସହିତ ମିଶି ତାଙ୍କୁ ମାରପିଟ କରିଥିବା ଅଭିଯୋଗ ହୋଇଥିଲା।

# ବିଦ୍ୟୁତ୍ ଦର ବୃଦ୍ଧିରେ ଯୁବ କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର ୨୯।୯(ବ୍ୟୁରୋ)



ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଯୁବ କଂଗ୍ରେସ କର୍ମୀମାନେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ମଙ୍ଗଳବାର ବିଦ୍ୟୁତ୍ ଦର ବୃଦ୍ଧି ଏବଂ ଫ୍ରାଞ୍ଚାଇଜ୍ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦାବିରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, କରୋନା ସମୟରେ ଜୀବନଜୀବିକା ପାଇଁ ଲଢ଼େଇ କରୁଥିବା ରାଜ୍ୟବାସୀଙ୍କ ଉପରେ ବିଦ୍ୟୁତ୍ ଦର ବୃଦ୍ଧି ଏକ ଶକ୍ତ ଆଘାତ। ଏ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଦୋକାନୀ, କ୍ଷୁଦ୍ର ଓ ମଧ୍ୟମ କଳକାରଖାନା ନିଜର ଆର୍ଥିକ ସ୍ଥିତି ସୁଧାରି ଅଣ୍ଟା ସଳଖି ନାହାନ୍ତି। ଅନ୍ୟପଟେ ପ୍ରବାସୀ ଶ୍ରମିକ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ସକ୍ଷମ ହୋଇ ନ ଥିବା ବେଳେ ରାଜ୍ୟର ବହୁ ବେକାରି ନିଜ ପରିବାରର ଭାର ବହନ କରିବା ପାଇଁ ମଧ୍ୟ ଅସମର୍ଥ ଅଛନ୍ତି। ଯେଉଁ ସମୟରେ ବିଦ୍ୟୁତ୍ ୨୨ ଭାଗ ଜଳରୁ ଆସୁଛି, ୧୦ ଭାଗ ସୌରଶକ୍ତିରୁ ମିଳୁଛି, ସେ ସମୟରେ ମୂଲ୍ୟ ବୃଦ୍ଧି ନିନ୍ଦନୀୟ। ସମସ୍ତ ବିଦ୍ୟୁତ୍ କ୍ରୟକୁ ମିଶାଇଲେ ୟୁନିଟ୍ ପିଛା କ୍ରୟମୂଲ୍ୟ ୨.୮୦ ଟଙ୍କାରୁ ଅଧିକ ହେବନାହିଁ। ଉତ୍ପାଦନ ଖର୍ଚ୍ଚ ଏତେ କମ୍ ଥାଇ ବିକ୍ରି ଖର୍ଚ୍ଚ ବୃଦ୍ଧି କରିବା ଅଶୋଭନୀୟ। ବିଭିନ୍ନ ବିତରକ ଓ ବଡ଼ କମ୍ପାନୀଗୁଡିକ ଉପରେ ପାଖାପାଖି ୬ ହଜାର କୋଟି ଟଙ୍କା ବକେୟା ଥିବାବେଳେ ରାଜ୍ୟ ସରକାରଙ୍କ ଉପରେ ବାକିଥିବା ୨.୫ ହଜାର କୋଟି ଟଙ୍କା ଆଦାୟ ହୋଇନାହିଁ। ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନରେ ସ୍ୱାବଲମ୍ବୀ ଥିବା ସହିତ ଅନ୍ୟ ରାଜ୍ୟକୁ ମଧ୍ୟ ବିଦ୍ୟୁତ୍ ଯୋଗାଣ କରୁଛି। ସେହି ରାଜ୍ୟଗୁଡିକ ବିଦ୍ୟୁତ୍ ଦର ରିହାତି ପ୍ରଦାନ କରୁଥିବା ବେଳେ ଓଡ଼ିଶା ସରକାର କାହା ସ୍ୱାର୍ଥରେ ଦର ବୃଦ୍ଧି କଲେ ବୋଲି ସ୍ମୃତିରଞ୍ଜନ ପ୍ରଶ୍ନ କରିଛନ୍ତି।

### ଓଇଆର୍‌ସି ଅଧ୍ୟକ୍ଷଙ୍କୁ ଦାବିପତ୍ର

ପ୍ରଦେଶ ଯୁବ କଂଗ୍ରେସ ଆହ୍ୱାନକ୍ରମେ ଜିଲା ଯୁବ କଂଗ୍ରେସ ପକ୍ଷରୁ ସମସ୍ତ ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଗକୁ ଯଦି ବିଦ୍ୟୁତ୍ ଦର ହ୍ରାସ ନ ହୁଏ ତେବେ ଯୁବ କଂଗ୍ରେସ ଜନ ଆନ୍ଦୋଳନକୁ ତୀବ୍ର କରିବା ସହ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ଆଇନକୁ ହାତକୁ ନେବାକୁ ପଛଘୁଞ୍ଚା ଦେବନାହିଁ ବୋଲି ସେ କହିଛନ୍ତି। ଏହାସହ ସେସୁ ଦ୍ୱାରା ଦୀର୍ଘ ୮ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି କାର୍ଯ୍ୟ କରିଥିବା ୮,୬୦୦ ଫ୍ରାଞ୍ଚାଇଜ୍ କର୍ମଚାରୀଙ୍କ ଛଟେଇକୁ ଯୁବ କଂଗ୍ରେସ ପକ୍ଷରୁ କଡା ନିନ୍ଦା କରାଯିବା ସହ ସେମାନଙ୍କ ପୁନଃନିଯୁକ୍ତି ଦାବି କରିଛି।

# ବେଦାନ୍ତ ଜନଶୁଣାଣି ଉପରେ ସ୍ଥଗିତାଦେଶ

କଟକ ଅଫିସ, ୨୯।୯

ବେଦାନ୍ତ କାରଖାନା ସମ୍ପ୍ରସାରଣ ଲାଗି ବୁଧବାର ହେବାକୁ ଥିବା ଜନଶୁଣାଣି ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ମଙ୍ଗଳବାର ଏ ସଂକ୍ରାନ୍ତ ମାମଲାର ବିଚାର କରି ବିଚାରପତି କେ.ଆର୍. ମହାପାତ୍ର ଉକ୍ତ ଆଦେଶ ଦେଇଛନ୍ତି। ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ଏବଂ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଜନଶୁଣାଣି ବାତିଲ ପାଇଁ କୋର୍ଟଙ୍କୁ ନିବେଦନ କରିଥିଲେ। ଏ ନେଇ ଆବେଦନକାରୀ ମୁଖ୍ୟ ଶାସନ ସଚିବ, ଓଡ଼ିଶା ରାଜ୍ୟ ପରିବେଶ ନିୟନ୍ତ୍ରଣ ବୋର୍ଡ ଅଧ୍ୟକ୍ଷ, ଗୃହ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚିବଙ୍କୁ ଚିଠି ଲେଖିଥିଲେ। ତେବେ ସରକାରୀ ସ୍ତରରେ ବିଳମ୍ବ ଯୋଗୁ ଉଭୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରକାଶ ଯେ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗତ ଅଗଷ୍ଟ ୨୭ରେ ଏକ ବିଜ୍ଞାପନ ପ୍ରକାଶ କରିଥିଲେ। ୩୦ ତାରିଖ ପୂର୍ବାହ୍ନ ୧୧ଟାରେ ଝାରସୁଗୁଡ଼ା ଜିଲା ଡାଲକି କୁରେବଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜନଶୁଣାଣି ହେବ ବୋଲି ଧାର୍ଯ୍ୟ ହୋଇଥିଲା।

# ୨ରେ ଖୋଲିବ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ

ବାରଙ୍ଗ,୨୯।୯(ଡି.ଏନ୍.ଏ.)

ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଅକ୍ଟୋବର୨ ଅର୍ଥାତ୍ ଗାନ୍ଧୀ ଜୟନ୍ତୀରେ ଖୋଲିବ ବୋଲି ଡିଏଫ୍‌ଓ କେଦାର ସ୍ୱାଇଁ କହିଛନ୍ତି। କୋଭିଡ୍ କଟକଣାରେ ଖୋଲିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବାବେଳେ କୋଭିଡ୍ ନିୟମ ମାନି ପର୍ଯ୍ୟଟକ ପ୍ରବେଶ କରିବେ। ଏଥିନିମନ୍ତେ ସାମାଜିକ ଦୂରତ୍ୱ ସହ ମାସ୍କ ପିନ୍ଧିବାକୁ ପଡ଼ିବ। ଏହି ଅଭୟାରଣ୍ୟ ୭ମାସ ପରେ ଚାରିଟି ରେଞ୍ଜରେ ଥିବା ୪ ପରିବେଶ ପର୍ଯ୍ୟଟନସ୍ଥଳି ଖୋଲିବ। ଡେରାସ, ଗୋଡ଼ିବାରି, ଭରତପୁର ଓ ଡମପଡ଼ା ବ୍ୟତୀତ ଅନ୍ୟ ଦୁଇଟି ପରିବେଶ ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକମାନେ ଦେଖିବାର ସୁଯୋଗ ପାଇବେ। ପର୍ଯ୍ୟଟକମାନେ ଜଙ୍ଗଲ ସଫାରି, ନେଚର କ୍ୟାମ୍ପ, ହାତୀ ଅଭୟାରଣ୍ୟ, ଡେରାସ ଡ୍ୟାମ ଉପଭୋଗ କରିବେ। ପର୍ଯ୍ୟଟକଙ୍କ ରାତ୍ରି ରହଣି ପାଇଁ ବାହାରୁ ଖାଦ୍ୟ ନ ଆଣି ଏଠାରେ ଥିବା ମେନୁ ଅନୁଯାୟୀ ଖାଦ୍ୟ ଯୋଗଇ ଦିଆଯିବ।

# ଡିସେମ୍ବରରୁ ଇକୋ ରିଟ୍ରିଟ୍

କୋଣାର୍କ,୨୯।୯(ଡି.ଏନ୍.ଏ.)

ଗତବର୍ଷ ଭଳି ଏଥର ବି ହେବ ଇକୋ ରିଟ୍ରିଟ୍ ଉତ୍ସବ। ଡିସେମ୍ବରରୁ କୋଣାର୍କ-ପୁରୀ ବେଳାମାର୍ଗ ରାମଚଣ୍ଡୀ ମୁହାଣ ନିକଟରେ ଏହି ଉତ୍ସବ ହେବ। ଏଥର ଅଧିକ ଆକର୍ଷଣୀୟ କରିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିସହ ଚନ୍ଦ୍ରଭାଗା ବେଳାଭୂମିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ ଖୁବଶୀଘ୍ର ଆରମ୍ଭ ହେବ। ଏଥିପାଇଁ ମଙ୍ଗଳବାର ପୁରୀ ଜିଲାପାଳ ବଳବନ୍ତ ସିଂ ଓ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର ଯାଦବ ଏକ ଟିମ୍ ସହ ଆସି ଚନ୍ଦ୍ରଭାଗା ବେଳାଭୂମି, ରାମଚଣ୍ଡୀ ମୁହାଣ ଆଦି ସ୍ଥାନ ବୁଲି ଦେଖିଛନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ବେଳାଭୂମିରେ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ନୂଆ ରିଂ ରୋଡ୍ ନିର୍ମାଣ ହେବ। ବେଳାଭୂମିରେ ବିଚ୍ ସ୍ପୋର୍ଟ୍ସ, ରେଷ୍ଟ ସେଡ, ଆଲୋକୀକରଣ, ଶୌଚାଳୟ, ଭେଣ୍ଡିଂ ଜୋନ ଆଦି ନିର୍ମାଣ ହେବ। ପ୍ରଥମେ ରାସ୍ତା ମରାମତି, ଆଲୋକ ବ୍ୟବସ୍ଥା ଓ ଆବର୍ଜନାଗୁଡ଼ିକୁ ସଫେଇ କରାଯିବ। ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିବ। ଡିସେମ୍ବର ପ୍ରଥମ ସପ୍ତାହରେ ଏହି ଉତ୍ସବ ହେବ ବୋଲି ସୂଚନା ମିଳିଛି। ଗତ ବର୍ଷଠାରୁ ଆହୁରି ଆକର୍ଷଣୀୟ କରିବା ପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ ହେଉଛି ବୋଲି ଜିଲାପାଳ ସିଂହ କହିଛନ୍ତି। ଏଥିରେ ଡିଏଫ୍‌ଓ ସୁଶାନ୍ତ କୁମାର, ପିକେଡିଏ ସେକ୍ରେଟାରି ଲଲାଟେନ୍ଦୁ ସାହୁ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଏନଏସି ଇଓ ଏମ୍. ଶ୍ରୀନିବାସ ଓ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ପ୍ରମୁଖ ସାମିଲ ଥିଲେ।

# କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ଓଡ଼ିଶାକୁ ମିଳିଛି ୧୦୭୬୧୪ ଲକ୍ଷ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ବିଭିନ୍ନ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ୨ବର୍ଷ ମଧ୍ୟରେ କେନ୍ଦ୍ର ସରକାର ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ୭୯୯.୨୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ୨୦୧୯-୨୦ରେ ଦୁଇଟି ଯୋଜନା ବାବଦରେ ୭୯୬.୨୨ ଲକ୍ଷ ଟଙ୍କା ମିଳିଥିବାବେଳେ ୨୦୨୦-୨୧ରେ ଏହାକୁ କମାଇ ମାତ୍ର ୩ ଲକ୍ଷ ଟଙ୍କା ପ୍ରଦାନ କରିଥିବା ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ମଙ୍ଗଳବାର ବିଧାନସଭାରେ ବିଧାୟକ ସୌଭିକ ବିଶ୍ୱାଲଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୨୦୧୮-୧୯ରେ ସ୍ୱଚ୍ଛ ଭାରତ ମିଶନ, ପିଏମ୍ଏୱାଇ(ଅର୍ବାନ୍), ଅମୃତ, ସ୍ମାର୍ଟ ସିଟି ଏବଂ ଏନ୍‌ୟୁଏଲ୍‌ଏମ୍ ଯୋଜନା ବାବଦରେ ଓଡ଼ିଶାକୁ ୮୫୨୭୭.୩୧ ଲକ୍ଷ ଟଙ୍କା ମିଳିଛି। ସେହିଭଳି ୨୦୧୯-୨୦ରେ ଏହି ଯୋଜନାଗୁଡ଼ିକ ପାଇଁ ୧୬୧୫୭୫.୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ୨୦୨୦-୨୧ ଆର୍ଥିକବର୍ଷରେ ଓଡ଼ିଶାକୁ କେନ୍ଦ୍ରଠାରୁ ୧୦୭୬୧୪ ଲକ୍ଷ ଟଙ୍କା ମିଳିଛି। ସେହିଭଳି କୋଭିଡ୍-୧୯ ମୁକାବିଲା ପାଇଁ କେନ୍ଦ୍ର ସରକାର ରାଜ୍ୟର ୧୧୪ ପୌର ସଂସ୍ଥାକୁ ୩୦ ଏପ୍ରିଲ ସୁଦ୍ଧା ମୋଟ ୫ କୋଟି ୨୪ଲକ୍ଷ ୮୬ ହଜାର ୩୮୦ ଟଙ୍କା ପ୍ରଦାନ କରିଛନ୍ତି। ଏନ୍‌ୟୁଏଲ୍‌ଏମ୍ ଯୋଜନା ଅଧୀନରେ ୬୩,୧୨୮ଜଣ ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ୩ ହଜାର ଟଙ୍କା ଲେଖାଏ ମୋଟ ୧୮ କୋଟି ୯୩ଲକ୍ଷ ୮୪ହଜାର ଟଙ୍କା ପ୍ରଦାନ କରାଯାଇଛି। ଲକ୍‌ଡାଉନ୍ ସମୟରେ ବୁଲା ଜୀବଜନ୍ତୁଙ୍କ ପାଇଁ ୧କୋଟି ୩୪ଲକ୍ଷ ୧୮ହଜାର ଟଙ୍କା ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି) ଗୃହ ଓ ନଗର ଉନ୍ନୟନ ବିଭାଗକୁ ମୋଟ ୧୭କୋଟି ୭୦ଲକ୍ଷ ୨୦ହଜାର ଟଙ୍କା ଦେଇଛନ୍ତି। ଅନ୍ୟପକ୍ଷରେ ୩୦ ଜିଲାର ଟିଏମ୍‌ସିରେ କ୍ୱାରାଣ୍ଟାଇନ୍ ଶେଷ କରିଥିବା ୨୭,୭୦୦ ବ୍ୟକ୍ତିଙ୍କୁ ୨ ହଜାର ଟଙ୍କା ଲେଖାଏ ମୋଟ ୫କୋଟି ୫୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

# ପରିମଳ ଯୋଜନାରେ ୭୫ଲକ୍ଷ ୩୫ ହଜାର ପରିବାର ଉପକୃତ

ଭୁବନେଶ୍ୱର,୨୯।୯(ବ୍ୟୁରୋ): ଓଡ଼ିଶାରେ ମୁଣ୍ଡପିଛା ୭୦ ଲିଟର ସ୍ୱଚ୍ଛ ପାନୀୟଜଳ ପ୍ରଦାନ ପାଇଁ ଚଳିତ ଆର୍ଥିକବର୍ଷରେ ୩ଟି ଯୋଜନାରେ ବଜେଟରେ ବ୍ୟୟ ଅଟକଳ କରାଯାଇଛି। 'ଜଳ ଜୀବନ ମିଶନ' ଯୋଜନା ପାଇଁ ୨,୦୦୦ କୋଟି, ବସୁଧା ଯୋଜନା ପାଇଁ ୨୫୦୦ କୋଟି ଏବଂ ଆର୍‌ଆଇଡିଏଫ୍ ଯୋଜନା ପାଇଁ ୭୫୦ କୋଟି ବ୍ୟୟ ଅଟକଳ କରାଯାଇଥିବା ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ, ଆସନ୍ତା ୨୦୨୪ ସୁଦ୍ଧା ଏହି ସମସ୍ତ କାର୍ଯ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଓଡ଼ିଶାରେ ପରିମଳ ଯୋଜନାରେ ବର୍ତ୍ତମାନସୁଦ୍ଧା ୭୫,୩୫,୨୭୫ ପରିବାର ଉପକୃତ ହୋଇଛନ୍ତି। ଯୋଜନାରୁ ବଞ୍ଚିତ ପରିବାରକୁ ଲେଫ୍ଟ ଆଉଟ୍ ବେସ୍‌ଲାଇନ୍(ଏଲ୍‌ଓବି) ଏବଂ ନୋ ୱାନ୍ ଲେଫ୍ଟ ବିହାଇଣ୍ଡ(ନୋଏଲ୍‌ବି) ମାଧ୍ୟମରେ ଚିହ୍ନଟ କରାଯାଇ ପରିମଳ ଯୋଜନାରେ ବ୍ୟକ୍ତିଗତ ଶୌଚାଳୟ ଦେବାର ବ୍ୟବସ୍ଥା କରାଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଉପନିର୍ବାଚନ ପାଇଁ ନିର୍ଦ୍ଦେଶାବଳୀ

ଭୁବନେଶ୍ୱର(ବ୍ୟୁରୋ),୨୯।୯

- ଗୋଟିଏ ବୁଥ୍‌ରେ ସର୍ବାଧିକ ହଜାରେ ଭୋଟର
- ବାଲେଶ୍ୱର ପାଇଁ ୩୪୬, ତିର୍ତ୍ତୋଲ ପାଇଁ ୩୬୩ ବୁଥ୍
- କୋଭିଡ୍ ସଂକ୍ରମିତ, ବୟସ୍କ, ଭିନ୍ନକ୍ଷମଙ୍କ ପାଇଁ ପୋଷ୍ଟାଲ ବାଲାଟ ବ୍ୟବସ୍ଥା

ବାଲେଶ୍ୱର(୩୮) ଏବଂ ତିର୍ତ୍ତୋଲ(୧୦୨) ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ମଙ୍ଗଳବାର ଭାରତୀୟ ନିର୍ବାଚନ କମିଶନ(ସିଇସି) ମଙ୍ଗଳବାର ତାରିଖ ଘୋଷଣା କରିଛନ୍ତି। ଏହି ୨ ଆସନରେ ଆସନ୍ତା ନଭେମ୍ବର ୩ରେ ନିର୍ବାଚନ ହେବା ସହ ୧୦ରେ ଫଳାଫଳ ପ୍ରକାଶ ପାଇବ। ସିଇସିଙ୍କ ଏହି ଘୋଷଣା ସହିତ ସମଗ୍ର ବାଲେଶ୍ୱର ଏବଂ ଜଗତ୍‌ସିଂହପୁର ଜିଲାରେ ତତ୍କାଳ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏହି ଆଚରଣ ବିଧି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କ୍ଷେତ୍ରରେ ଲାଗୁ ହେବ। ନିର୍ବାଚନର ସୁପରିଚାଳନା ନିମନ୍ତେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ୍ ଲୋହାନୀ ପ୍ରେସ୍ ଇସ୍ତାହାର ଜାରି କରିଛନ୍ତି। କୋଭିଡ୍ -୧୯ ମହାମାରୀକୁ ଦୃଷ୍ଟିରେ ରଖି ଗୋଟିଏ ବୁଥ୍‌ରେ ସର୍ବାଧିକ ୧୦୦୦ ଭୋଟର ମତଦାନ କରିପାରିବେ। ସେହି ଅନୁସାରେ ବାଲେଶ୍ୱର ଆସନ ପାଇଁ ମୋଟ ୩୪୬ ବୁଥ୍ ଏବଂ ତିର୍ତ୍ତୋଲ ଆସନ ପାଇଁ ୩୬୩ଟି ବୁଥ୍ କରାଯିବ। ଏହି ନିର୍ବାଚନରେ ଏମ୍-୩ ମଡେଲର ଇଭିଏମ୍ ଏବଂ ଭିଭିପ୍ୟାଟ ବ୍ୟବହାର କରାଯିବାନେଇ କମିଶନର ନିଷ୍ପତ୍ତି ନେଇଛନ୍ତି। ମତଦାନ ସମୟରେ ପୂର୍ବଭଳି ଭୋଟରଙ୍କ ପରିଚୟ ପତ୍ରକୁ ମୁଖ୍ୟ ପରିଚୟ ପତ୍ର ଭାବେ ବିବେଚନା କରାଯିବ। ଭୋଟର ପରିଚୟ ପତ୍ର ନ ଥିବା ବ୍ୟକ୍ତିମାନେ ସେମାନଙ୍କ ଆଧାର କାର୍ଡ ପାର୍ସପୋର୍ଟ, ପାନ୍ କାର୍ଡ ଡ୍ରାଇଭିଂ ଲାଇସେନ୍ସ ଆଦିକୁ ପ୍ରମାଣ ପତ୍ର ଭାବେ ବ୍ୟବହାର କରିପାରିବେ। ଏହି ଉପନିର୍ବାଚନରେ ବୟୋଜ୍ୟେଷ୍ଠ(୮୦ କିମ୍ବା ତଦୁର୍ଦ୍ଧ୍ୱ), ଶାରୀରିକ ଅକ୍ଷମ ଏବଂ କୋଭିଡ୍-୧୯ରେ ଆକ୍ରାନ୍ତ ବା ସନ୍ଦିଗ୍ଧମାନଙ୍କ ପାଇଁ ପୋଷ୍ଟାଲ ବାଲାଟ ଜରିଆରେ ଭୋଟ ଦେଇପାରିବାର ବ୍ୟବସ୍ଥା କରାଯାଇଛି। କୋଭିଡ୍-୧୯ ପରିପ୍ରେକ୍ଷୀରେ ଉପନିର୍ବାଚନକୁ ସୁରକ୍ଷିତ ଭାବେ ପରିଚାଳନା କରିବାକୁ ଭାରତୀୟ ନିର୍ବାଚନ ଆୟୋଗ ଗତ ଅଗଷ୍ଟ ୨୧ରେ ଜାରି କରିଥିବା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଲୋହାନୀ କହିଛନ୍ତି।


## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ପ୍ରକାଶ ଚନ୍ଦ୍ର ପଣ୍ଡା
କପାଳିଦେବୀ ସାହି, ଓଲ୍ଡ ଟାଉନ୍, ଭୁବନେଶ୍ୱର-୨
ଆବିର୍ଭାବ: ୦୫।୦୨।୧୯୫୧
ତିରୋଧାନ: ୧୯।୦୯।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଦିବ୍ୟଧାମରୁ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ: ଗୀତାଞ୍ଜଳି, ସାନଭାଇ: ଅଶୋକ ଚନ୍ଦ୍ର ପଣ୍ଡା, ପୁତ୍ର ଓ ପୁତ୍ରବଧୂ: ଶିବ ପ୍ରସାଦ ପଣ୍ଡା, ମୋନାଲିସା ପଣ୍ଡା, କନ୍ୟା ଓ ଜ୍ୱାଇଁ- ପଲ୍ଲଭୀ, ବରଦା ଦାଶ, ନାତୁଣୀ- ଈଶିକା ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୫୫୩

ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



ଡ. ପ୍ରଫୁଲ୍ଲ କୁମାର ପୃଷ୍ଟି
ନରସିଂହ ବଲ୍ଲଭ ପାଟଣା, ପୁରୀ
ଆବିର୍ଭାବ: ୦୫।୦୨।୧୯୪୩
ତିରୋଧାନ: ୨୦।୦୯।୨୦୨୦
ଆଜି ଏକାଦଶାହ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୧୮୪୩୫

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ତିଳୋତ୍ତମା ରାୟମହାପାତ୍ର
ସ୍ୱାମୀ: ସ୍ୱର୍ଗତ ଆଦିତ୍ୟ କୁମାର ରାୟମହାପାତ୍ର
ନଦୀଗାଁ, ଉଆସ ସାହି, ଧୁଷୁରୀ, ଭଦ୍ରକ
ଆବିର୍ଭାବ: ୧୦।୧୨।୧୯୪୫
ତିରୋଧାନ: ୨୦।୦୯।୨୦୨୦
ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ ପରିବାର:-
ନୁକୁ, ଖକନ, ଫୁକୁ, ଛବି, ଖୁସି, ପୁଚି, ଗୁନୁ, ବୁବୁ, ବାବା, କେକେ, ତିତିଲି, ବିନ୍ଦିଆ, ରଙ୍ଗୋଲି, ଝିଲି, ରଣଜିତ, ନଣନ୍ଦ, ନଣନ୍ଦେଇ, ଭାଣିଜୀ ।
ଧ-୧୮୪୩୪

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶୁକଦେବ ନାୟକ
ଗୋବିନ୍ଦପୁର ଚକର ପ୍ରତିଷ୍ଠାତା ବିଶିଷ୍ଟ ମିଠା ବ୍ୟବସାୟୀ ଧର୍ମପରାୟଣ ବ୍ୟକ୍ତି
ଗ୍ରାମ: ନିଶ୍ଚିନ୍ତା ମାଗୁରା ଧାନମଣ୍ଡଳ, ଟାଙ୍ଗୀ, କଟକ
ଆବିର୍ଭାବ: ୧୨।୦୫।୧୯୫୦
ତିରୋଧାନ: ୨୦।୦୯।୨୦୨୦
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ବଲ୍ଲବୀ, ଭାଉଜ: ସାରଥି, ପୁତ୍ର-ପୁତ୍ରବଧୂ: ମନୋଜ, ଚୁମୁକି, କାହ୍ନୁ, ପୁତୁରା, ପୁତୁରାବୋହୂ: ରମେଶ, ଜୟନ୍ତୀ, ବୁଲୁ, ମାନା, କୁନା, ଲେଛି, ଝିଅ-ଜ୍ୱାଇଁ: କୈଳାସ, ମିତା, ସୁବୋଧ, ଗୀତାଞ୍ଜଳି, ପ୍ରଭାତ, ପ୍ରତିମା, ଶୁଭେନ୍ଦୁ, ପୂର୍ଣ୍ଣିମା, ଆଶିଷ, ଅନିମା, ଗୁଞ୍ଜନୀ, ନାତି-ନାତୁଣୀ: ଦୀପୁ, ଗୁଡ଼ି, ମାମ୍ବିଜି, ଅନୁଷ୍କା ।
ଧ-୧୮୪୩୬

# ଧାନରେ ପୋକ ଦମନ

## ଧାନ

-ସଅଳ କିସମ ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ ।

-ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳ କରି ୨/୩ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

-ବିଳମ୍ବରେ ରୁଆ ଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ ।

-ଗନ୍ଧିପୋକ ଦମନ ପାଇଁ କିଆରିରେ ଡାଇକ୍ଲୋରୋଭସ୍ ୧ ମି.ଲି.କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଔଷଧ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ।

-ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ।

-ପ୍ରତି ୬ ଫୁଟ ଅନ୍ତରରେ କନ୍ଦି/ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହେବା ସହ କୀଟନାଶକ ପ୍ରୟୋଗ କରିବା ସୁବିଧାଜନକ ହୋଇଥାଏ।

-କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି/ପାହି ପ୍ରସ୍ତୁତ କରନ୍ତୁ।

-ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ।

-ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରି କି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ।

-ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ।

-କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ।

-କାଣ୍ଡବିନ୍ଧା ପୋକ ଦମନ ଲାଗି ଏକ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

-ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ୫୦ କି.ଗ୍ରା. ଶୁଖିଲା ବାଲିରେ ଗୋଳାଇ ବିଲ ହିଡ଼ରେ ପ୍ରୟୋଗ କଲେ ନିକଟବର୍ତ୍ତୀ ଆକ୍ରାନ୍ତ କିଆରିରୁ ଲେଡ଼ା ପୋକର ଲାର୍ଭା ଆସିଲେ ବିଷ ସଂସ୍ପର୍ଶରେ ଆସି ମରିଯାଆନ୍ତି। ଏହାଛଡ଼ା, ଫସଲରେ ୧ ଲିଟର କ୍ଲୋରୋପାଇରିଫସ୍ ୨୦% ଇ.ସି. କିମ୍ବା ପ୍ରୋଫେନୋଫସ୍ ସାଇପରମେଥ୍ରିନ୍ ମିଶ୍ରିତ କୀଟନାଶକ ହେକ୍ଟର ପ୍ରତି ୧ ଲିଟର ସିଞ୍ଚନ କଲେ ଲେଡ଼ାପୋକ ଆକ୍ରମଣରୁ ରକ୍ଷା ମିଳେ।

-ବୀଜାଣୁଜନିତ ପତ୍ରପୋଡ଼ା ଓ ପୋକ ଦମନ ଲାଗି ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ହିସାବରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

## ଅକ୍ଟୋବର ମାସର କୃଷି ସୂଚନା



### ଡାଲିଜାତୀୟ ଫସଲ

**ମୁଗର ଉନ୍ନତ କିସମ :** ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍.୧୧-୫ (କାମଦେବ), ସୁଜାତା ଓ ଧଉଳି, ଆଇ.ପି.ଏମ୍.-୦୨-୧୪, ଆଇ.ପି.ଏମ୍.-୦୨-୦୩ ।

**ବିରିର ଉନ୍ନତ କିସମ :** ଟି-୯, ପନ୍ତ୍ ୟୁ-୩୦, ପନ୍ତ୍ ୟୁ-୩୫, ପ୍ରସାଦ, ଉଜ୍ୱଳା, ଶେଖର-୨, ସାରଳା, ମାହୁରି, ଶଶି ।

-ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ ।

-ଜମି କିସମ ଦେଖି ପ୍ରାକ୍‌ରବି ଫସଲ ଭାବେ ମୁଗ କିସମ ଟାର୍ମ-୧ ଓ ୨, ପି.ଡି.ଏମ୍.୧୧ ଓ ୫୪, ବିରି କିସମ ସାରଳା, ପି.ୟୁ.-୩୦ ଓ ୩୫ ଅକ୍ଟୋବର ଦ୍ୱିତୀୟ ସପ୍ତାହ ସୁଦ୍ଧା ବୁଣାବୁଣି କରନ୍ତୁ ।

-ବିହନ ବୁଣିବା ପୂର୍ବରୁ ରାଇଜୋବିୟମ୍ ଜୀବାଣୁ କଲ୍‌ଚର କେ.ଜି. ପ୍ରତି ୨୦ ଗ୍ରାମ୍ ଦ୍ୱାରା ବିଶୋଧନ କରନ୍ତୁ ।

-ହେକ୍ଟର ପ୍ରତି ୨୦ କେ.ଜି. ଯବକ୍ଷାରଜାନ ୪୦ କେ.ଜି. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ବ୍ୟବହାର କରନ୍ତୁ ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

## ସୋରିଷର ସଅଳ ଅମଳ କିସମ



-ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତୋରିଆ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ ।

-ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ହିସାବରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟସାର ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ ।

-ଅକ୍ଟୋବର ୧୦ ତାରିଖ ସୁଦ୍ଧା ଅଣ ଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ । ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଉତ୍ତରା, ଏମ୍-୨୭, ଟି.ଏସ୍.-୨୯, ପିଟି-୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ ।

## ମାଛଚାଷ ସମ୍ପର୍କରେ...



**ବ**ର୍ଷା ତଥା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଯାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାଛଡ଼ା ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ। ଗୋବର ପ୍ରୟୋଗର ୧୫ ଦିନପରେ କ୍ୟାଲ୍‌ସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସି.ଏ.ଏନ୍.) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ୍ ସୁପର ଫସ୍‌ଫେଟ୍ (ଏସ୍.ଏସ୍.ପି.) ସାର ୧୫ ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ ।

## ଗୋରୁଙ୍କ ଯତ୍ନ

**ଗୋ**ରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ। ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ। ପ୍ରତି ତିନିମାସରେ ଗୋରୁଙ୍କୁ ଥରେ କୃମିନାଶକ ଔଷଧ ଖୁଆନ୍ତୁ। ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ। ଗୋରୁଙ୍କ ପ୍ରାକୃତିକ ଖାଦ୍ୟପାଇଁ ବରଗୁଡ଼ି, ଓଟ୍, ଲୁସର୍ଣ୍ଣ ଇତ୍ୟାଦି ଚାଷ କରନ୍ତୁ। ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ। ବାଛୁରି ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ। ଗାଈମାନଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।



## ଖେଳ ଖବର

# ରାଜସ୍ଥାନକୁ ରୋକିବା ଲକ୍ଷ୍ୟରେ କୋଲକାତା

ଦୁବାଇ, ୨୯।୯(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ବୁଧବାର କୋଲକାତା ନାଇଟ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଆକର୍ଷଣୀୟ ପ୍ରଦର୍ଶନ କରି ଆସିଥିବା ରାଜସ୍ଥାନକୁ ରୋକିବାପାଇଁ କୋଲକାତା ଦଳକୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ଦୀନେଶ କାର୍ତ୍ତିକଙ୍କ ନାଇଟ ରାଇଡର୍ସ ଏପର୍ଯ୍ୟନ୍ତ ୨ଟି ମ୍ୟାଚ ଖେଳିଥିବାବେଳେ ଗୋଟିଏ ଲେଖାଏ ପରାଜୟ ଓ ବିଜୟ ସ୍ୱାଦ ଚାଖିଛି। ନିଜର ପ୍ରଥମ ମ୍ୟାଚରେ ଦଳ ମୁମ୍ବାଇ ଇଣ୍ଡିଆନ୍ସଠାରୁ ୪୯ ରନରେ ହାରି ଯାଇଥିଲା। ବ୍ୟାଟିଂ ବିଫଳତା ଦଳପାଇଁ ମହଙ୍ଗା ପଡ଼ିଥିଲା। ତେବେ ଦ୍ୱିତୀୟ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଛି ନାଇଟ ରାଇଡର୍ସ। ଅନ୍ୟପକ୍ଷରେ ଟୁର୍ନାମେଣ୍ଟ ଆରମ୍ଭରେ ଅଣ୍ଡରଡଗ୍ ବିବେଚିତ ହେଉଥିବା ଷ୍ଟିଭ୍ ସ୍ମିଥ୍‌ଙ୍କ ରାଜସ୍ଥାନ ନିଜ ପ୍ରଦର୍ଶନରେ ସମସ୍ତଙ୍କୁ ବିସ୍ମିତ କରିଛି। ଦଳ ୨ ମ୍ୟାଚରୁ ଶତ ପ୍ରତିଶତ ବିଜୟ ରେକର୍ଡ ସହ ୪ ପଏଣ୍ଟ ହାସଲ କରି ସାରିଛି। ଦଳ ପ୍ରଥମ ମ୍ୟାଚରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପରକିଙ୍ଗ୍ସକୁ ୧୬ ରନରେ ଏବଂ ହାଇସ୍କୋରିଂ ଦ୍ୱିତୀୟ ମ୍ୟାଚରେ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ୪ ଉଇକେଟରେ ହରାଇ ରନ ଚେଜ୍(୨୨୪)ରେ ରେକର୍ଡ ସୃଷ୍ଟି କରିଛି। ୨ଟି ଯାକ ମ୍ୟାଚରେ ଦଳ ୨୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିଛି। ତେଣୁ ଆଗାମୀ ମ୍ୟାଚରେ କୋଲକାତା ଦୁର୍ବଳତାରୁ ଫାଇଦା ଉଠାଇ ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ରହିଛି।

ରୟାଲ୍ସର ସଫଳତାରେ ଦୁଇ ଯୁବ ଖେଳାଳି ସଞ୍ଜୁ ସାମ୍‌ସନ ଓ ରାହୁଲ ଟେୱାଟିଆ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚରେ ବିଶେଷ ପରିଚିତ ନ ଥିବା ହରିୟାଣା ଅଲରାଉଣ୍ଡର ଟେୱାଟିଆ ୩୧ ବଲ୍‌ରୁ ୫୩ ରନ ସଂଗ୍ରହ କରି ଦଳକୁ ସଫଳତାର ସହ ରେକର୍ଡ ୨୨୪ ରନ ଚେଜ୍ କରାଇଥିଲେ। ପଞ୍ଜାବ ବିପକ୍ଷ ମ୍ୟାଚରେ ରାଜସ୍ଥାନ ଶେଷ ୩ ଓଭରରେ ୫୧ ରନ ଆବଶ୍ୟକ କରୁଥିଲା। ପ୍ରଥମେ ଶଟ୍ ଖେଳିବାକୁ ସଂଘର୍ଷ କରି ୨୩ ବଲ୍‌ରୁ ୧୭ ରନ ସଂଗ୍ରହ କରିଥିବା ଟେୱାଟିଆ ପରେ ଆକ୍ରମଣାତ୍ମକ ଖେଳି ଶେଲଡନ କଟ୍ରେଲଙ୍କ ଗୋଟିଏ ଓଭରରେ ୫ ଛକା ମାରି ମ୍ୟାଚର ମୋଡ଼ ବଦଳାଇ ଦେଇଥିଲେ। କେରଳ ଉଇକେଟ କିପର ସାମ୍‌ସନ୍‌ଙ୍କ ଉପରେ ପୁଣି ନଜର ରହିବ।



ଷ୍ଟିଭ୍ ସ୍ମିଥ
ଦିନେଶ କାର୍ତ୍ତିକ

**ଆଇପିଏଲ୍**
(ବୁଧବାର ମ୍ୟାଚ)
**ରାଜସ୍ଥାନ ରୟାଲ୍ସ ବନାମ କୋଲକାତା ନାଇଟ ରାଇଡର୍ସ**
**ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

# କର୍ବର ହାରିଲେ, ପ୍ଲିସ୍‌କୋଭାଙ୍କ ବିଜୟ

ପ୍ୟାରିସ୍, ୨୯।୯ (ଏପି)

**ଫ୍ରେଞ୍ଚ୍ ଓପନ୍ ଟେନିସ୍**

ଫ୍ରେଞ୍ଚ ଓପନ୍ ମହିଳା ସିଙ୍ଗଲ୍ସରେ ଚେକ୍‌ରିପବ୍ଲିକ୍‌ର କାରୋଲିନା ପ୍ଲିସ୍‌କୋଭା କଷ୍ଟସାଧ୍ୟ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ସିଡ୍ ପ୍ଲିସ୍‌କୋଭା କ୍ୱାଲିଫାୟର ତଥା ଇଜିପ୍ଟର ମେୟାର ଶେରିଫ୍‌ଙ୍କୁ ୬-୭(୯), ୬-୨, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ପୂର୍ବତନ ଶୀର୍ଷ ର୍‌ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ରୋଲାଣ୍ଡ ୨୦୧୭ରେ ଗ୍ୟାରୋସଠାରେ ସେମିଫାଇନାଲରେ ପ୍ରବେଶ କରିଥିଲେ। ବର୍ତ୍ତମାନ ସେ ଜେଲେନା ଓଷ୍ଟାପେଙ୍କୋଙ୍କୁ ଭେଟିବେ। ଲାଟିଭିଆର ଏହି ବିଗ୍ ହିଟିଂ ଖେଳାଳି ସେହିବର୍ଷ ଫ୍ରେଞ୍ଚ ଓପନ୍ ଜିତିଥିଲେ। ଅନ୍ୟପକ୍ଷରେ ୩ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ଆଞ୍ଜେଲିକ୍ କର୍ବର କ୍ରମାଗତ ଦ୍ୱିତୀୟ ବର୍ଷ ଫ୍ରେଞ୍ଚ୍ ଓପନ୍ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏଠାରେ ୧୮ତମ ସିଡ୍ ତଥା ଜର୍ମାନୀର କର୍ବରଙ୍କୁ ସ୍ଲୋଭେନିଆର ୧୯ବର୍ଷୀୟା କାଜା ଜୁଭାନ୍ ୬-୩, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏକଦା ର୍‌ୟାଙ୍କିଙ୍ଗ ତାଲିକାର ନମ୍ବର ୱାନ ଥିବା କର୍ବର ଫ୍ରେଞ୍ଚ ଓପନ୍ ବ୍ୟତୀତ ଅନ୍ୟ ସମସ୍ତ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ଜିତିପାରିଛନ୍ତି। ୨୦୧୨ ଓ ୨୦୧୮ରେ ରୋଲାଣ୍ଡ ଗ୍ୟାରସରେ ସେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଥିଲେ। ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସ୍ୱେତଲାନା କୁଜେଁସୋଭା ମଧ୍ୟ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଦୁଇଥର ଫ୍ରେଞ୍ଚ ଓପନ୍ ଚାମ୍ପିୟନଙ୍କୁ ତାଙ୍କ ଦେଶର ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭା ୬-୧, ୨-୬, ୬-୧ ସେଟ୍‌ରେ ପରାଜିତ କରିଛନ୍ତି। ଗାର୍ବାଇନ୍ ମୁଗୁରେଜା ଅଳ୍ପକେ ପରାଜୟରୁ ବର୍ତ୍ତି ଯାଇଛନ୍ତି। ତାମାରା ଜିଡାନ୍‌ସେକ୍‌ଙ୍କ ବିପକ୍ଷରେ ସେ ୭-୫, ୪-୬, ୮-୬ ସେଟ୍‌ରେ ବିଜୟ ଲାଭ କରିଛନ୍ତି।


ପ୍ରଥମ ରାଉଣ୍ଡ ମ୍ୟାଚ୍ ଅବସରରେ ରିଟର୍ନ ଶଟ୍ ଖେଳୁଛନ୍ତି ରାଫାଲ ନାଡାଲ।

## ନାଡାଲ, ଜୋକୋଭିଚ୍ ଦ୍ୱିତୀୟ ରାଉଣ୍ଡରେ

ଗତଥରର ଚାମ୍ପିୟନ ରାଫାଲ ନାଡାଲ ଓ ସର୍ବୀୟ ଷ୍ଟାର ଖେଳାଳି ନୋଭାକ୍ ଜୋକୋଭିଚ୍ ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ସିଙ୍ଗଲ୍ସ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।ଇଗୋର ଜେରାସିମୋଭ୍‌ଙ୍କୁ ନାଡାଲ ୬-୪, ୬-୪, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଏଠାରେ ସେ ଚାମ୍ପିୟନ ହେଲେ ପୁରୁଷ ବିଭାଗରେ ରୋଜର ଫେଡରର କରିଥିବା ରେକର୍ଡର ସେ ସମକକ୍ଷ ହୋଇ ପାରିବେ। ଦ୍ୱିତୀୟ ସିଡ୍ ନାଡାଲ ଦ୍ୱିତୀୟ ରାଉଣ୍ଡରେ ଆମେରିକାର ମ୍ୟାକେଞ୍ଜି ମ୍ୟାକ୍ ଡୋନାଲ୍ଡଙ୍କୁ ଭେଟିବେ। ଜୋକୋଭିଚ୍ ସ୍ୱିଡେନ୍‌ର ମିକାଏଲ୍ ୟେମେରଙ୍କୁ ୬-୦, ୬-୨, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି।

# ଧୋନୀ ଜଣେ ଲିଜେଣ୍ଡ: ସାମ୍‌ସନ

ଦୁବାଇ, ୨୯।୯(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ କେରଳ ଉଇକେଟ କିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ଜାରି ରହିଛି। ତାଙ୍କ ପ୍ରଦର୍ଶନ ବଳରେ ରାଜସ୍ଥାନ ରୟାଲ୍ସ ରେକର୍ଡ ରନ୍‌ଚେଜ୍ ସହ ୨ଟି ଯାକ ମ୍ୟାଚ ଜିତିବାକୁ ସକ୍ଷମ ହୋଇଛି। ଚର୍ଚ୍ଚାରେ ରହିଥିବା ସାମ୍‌ସନ୍‌ଙ୍କୁ କେତେଜଣ ପୂର୍ବତନ ଟିମ୍‌ଇଣ୍ଡିଆ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସହ ତୁଳନା କରିଛନ୍ତି। ମାତ୍ର ସେ ଏପରି ଚିନ୍ତା କରୁନାହାନ୍ତି ବୋଲି ସାମ୍‌ସନ୍ କହିଛନ୍ତି। ''ଧୋନୀଙ୍କ ପରି କେହି ହୋଇ ପାରିବେନି'' ଏବଂ ''କେହି ହେବାକୁ ଚେଷ୍ଟା ମଧ୍ୟ କରିବା ଅନୁଚିତ'' ବୋଲି ସାମସନ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସାମସନ୍‌ଙ୍କ ଧୂଆଁଧାର ବ୍ୟାଟିଂ ବଳରେ ରାଜସ୍ଥାନ ଏହାର ପ୍ରଥମ ଦୁଇ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ପରାସ୍ତ କରିଛି। ଏହି ପ୍ରଦର୍ଶନକୁ ଦୃଷ୍ଟିରେ ରଖି କଂଗ୍ରେସ ଏମ୍‌ପି କେରଳ ଥିରୁଭାନନ୍ତପୁରମ୍‌ର ଶଶୀ ଥରୁର ତାଙ୍କୁ ପରବର୍ତ୍ତୀ ଧୋନୀଭାବେ ଅଭିହିତ କରିଛନ୍ତି। ମାତ୍ର ସାମ୍‌ସନ ତାହା ଭାବୁ ନାହାନ୍ତି। ''ମୁଁ ନିଶ୍ଚିତ ଯେ, ଧୋନୀଙ୍କ ପରି କେହି ହୋଇ ପାରିବେ ନାହିଁ, କେହି ହେବାକୁ ଚେଷ୍ଟା ମଧ୍ୟ କରିବା ଉଚିତ ନୁହେଁ। ଧୋନୀଙ୍କ ପରି ଖେଳିବା ସହଜ ନୁହେଁ। ମୁଁ କେବେ ତାଙ୍କଭଳି ଖେଳି ପାରିବି ବୋଲି ଚିନ୍ତା କରିନି''। ସେ ଭାରତୀୟ କ୍ରିକେଟ ଏବଂ ଏହି ଗେମ୍‌ର ଜଣେ ଲିଜେଣ୍ଡ'' ବୋଲି ସାମ୍‌ସନ କହିଛନ୍ତି। ସେ କେବଳ ନିଜ ଗେମ୍ ଉପରେ ଫୋକସ କରୁଛନ୍ତି ଏବଂ ତାଙ୍କ ଟିମ୍ କିପରି ମ୍ୟାଚ ଜିତି ପାରିବ ତାହା ଚିନ୍ତା କରୁଛନ୍ତି ବୋଲି ସାମସନ ପ୍ରକାଶ କରିଛନ୍ତି। ତାଙ୍କର ଏହି ପ୍ରଦର୍ଶନ ଜାତୀୟ ଦଳରେ ଚୟନ ପାଇଁ ପର୍ଯ୍ୟାପ୍ତ ହେବ କି ପ୍ରଶ୍ନର ଉତ୍ତରରେ ସାମସନ୍ ''ହୋଇପାରେ, ନ ହୋଇବିପାରେ' ବୋଲି କହିଛନ୍ତି। କୌଣସି ଦଳ ପକ୍ଷରୁ ମୁଁ ଖେଳେ ନା କାହିଁକି ତାକୁ ଜିତାଇବା ମୋର ମୁଖ୍ୟ ଲକ୍ଷ୍ୟ। ଏବେ ମୁଁ ଆଇପିଏଲ ଉପରେ ଫୋକସ କରୁଛି। ରାଜସ୍ଥାନ ରୟାଲ୍ସ ଦଳର ଜଣେ ସଦସ୍ୟ ହୋଇଥିବାରୁ ମୁଁ ଭାଗ୍ୟବାନ।


ସଞ୍ଜୁ ସାମସନ୍

# ଭାରତରେ ଫୁଟ୍‌ବଲ ପ୍ରତି ଆଗ୍ରହ ଉତ୍ସାହଜନକ: କୋୟଲ

ଭୁବନେଶ୍ୱର, ୨୯।୯(ସ୍ପୋର୍ଟ୍ସ ବ୍ୟୁରୋ)

ଭାରତରେ ଫୁଟବଲ୍ ଦୀର୍ଘ ପଥ ଯାତ୍ରା କରିଛି। ଯୁଥ୍‌ମାନଙ୍କ ମଧ୍ୟରେ ଏହି ଖେଳ ପ୍ରତି ରହିଥିବା ଅଭିଳାଷ ଏବଂ ବିରଳ ପ୍ରତିଭା ବେଶ୍ ଉତ୍ସାହଜନକ। ଜାମସେଦପୁର ଏଫ୍‌ସିକୁ ଇଣ୍ଡିଆନ ସୁପରଲିଗ୍‌ର ଫାଇନାଲ୍‌ରେ ପହଞ୍ଚାଇବା ସହ ଚାମ୍ପିୟନ ଟିମ୍ ଭାବେ ଦେଖିବା ଆମର ଓଭରଅଲ୍ ଟାର୍ଗେଟ। ଟାଟା ଷ୍ଟିଲ୍ ପକ୍ଷରୁ ଫୁଟ୍‌ବଲ୍‌ର ଭବିଷ୍ୟତ ଏବଂ ପ୍ରତିଭାସମ୍ପନ୍ନ ଦଳ ଭାବେ ଜାମସେଦପୁର ଏଫ୍‌ସିର ଯାତ୍ରା ସମ୍ପର୍କରେ ଆଲୋଚନା ଅବସରରେ ଏହାର ମୁଖ୍ୟ କୋଚ୍ ଇଂଲଣ୍ଡର ଓୱେନ୍ କୋୟଲ ଏହା ପ୍ରକାଶ କରିଛନ୍ତି। ଅଭିଜ୍ଞ କୋୟଲ ନିକଟରେ ଜାମସେଦପୁର ଏଫ୍‌ସିର ମୁଖ୍ୟ କୋଚ୍ ଭାବେ ଯୋଗ ଦେଇଛନ୍ତି। ଦଳ ପାଇଁ ନୂଆ ଖେଳାଳି ନିଯୁକ୍ତ କରିବାରେ ସେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଅଛନ୍ତି ଏବଂ ଆଗାମୀ ଟୁର୍ନାମେଣ୍ଟରେ ପ୍ରଦର୍ଶନକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। କୌଣସି କ୍ରୀଡ଼ାର ବିକାଶରେ ଭିତ୍ତିଭୂମି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଆରମ୍ଭରୁ ଆମେ ଯୁବ ଖେଳାଳିଙ୍କ କୋଚିଂ ପାଇଁ ଢାଞ୍ଚାଗତ ପଦକ୍ଷେପ ଗ୍ରହଣ କରିଛୁ, ଯଦ୍ୱାରା ଭବିଷ୍ୟତରେ ସେମାନେ ପେସାଦାର ଦଳ ସହିତ ଠିକ୍ ଭାବେ ସମନ୍ୱୟ ରକ୍ଷା କରିପାରିବେ। ପ୍ରତିଟି ଖେଳାଳି ଏବଂ କୋଚ୍ ଯେଭଳି ଆଗକୁ ବଢ଼ିବାର ସୁଯୋଗ ପାଇବେ ତାହାକୁ ନଜରରେ ରଖି ଆମେ ବ୍ୟବସ୍ଥା କରିଛୁ ବୋଲି '' ଜାମସେଦପୁର ଏଫ୍‌ସି ସିଇଓ ମୁକୁଲ ଚୌଧାରୀ କହିଛନ୍ତି। ଏନ୍‌ଟିଏଚ୍‌ଏର ପ୍ରୋଜେକ୍ଟ ଡାଇରେକ୍ଟର ରାଜୀବ ସେଠ୍ ଓ ମାଇଁ ସିଟି ଲିଙ୍କ୍ସ ପତ୍ରିକାର କନସଲ୍‌ଟିଂ ସିନିୟର ଆସୋସିଏଟ୍ ଏଡିଟର ଦୀକ୍ଷା ତିୱାରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




# ସନ୍‌ରାଇଜର୍ସର ପ୍ରଥମ ବିଜୟ

**ଆବୁଧାବି, ୨୯।୯**

ଜନି ବେୟାରଷ୍ଟୋଙ୍କ ଅର୍ଦ୍ଧଶତକ ଏବଂ ରଶିଦ ଖାଁଙ୍କ ଯାଦୁକରୀ ବୋଲିଂ ସହାୟତାରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। କ୍ରମାଗତ ୨ ପରାଜୟ ପରେ ଦଳ ମଙ୍ଗଳବାର ଦିଲ୍ଲୀ କ୍ୟାପିଟାଲ୍ସକୁ ୧୫ ରନରେ ପରାସ୍ତ କରିଛି। ହାଇଦ୍ରାବାଦ ପକ୍ଷରୁ ଧାର୍ଯ୍ୟ ୧୬୩ ରନ ବିଜୟ ଲକ୍ଷ୍ୟର ପିଛା କରି ଦିଲ୍ଲୀ ୨୦ ଓଭରରେ ୭ ଉଇକେଟ ହରାଇ ୧୪୭ ରନ କରିବାକୁ ସକ୍ଷମ ହୋଇଥିଲା। ଚଳିତ ଆଇପିଏଲରେ କ୍ୟାପିଟାଲ୍ସର ୩ ମ୍ୟାଚରୁ ଏହା ପ୍ରଥମ ପରାଜୟ।

## ରଶିଦ ଖାଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍

ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ହେଁ ଶେଖ୍ ଜାୟେଦ ଷ୍ଟାଡିୟମର ସ୍ଲୋ ପିଚ୍‌ରେ ଦିଲ୍ଲୀ ଭୁବନେଶ୍ୱର କୁମାରଙ୍କ ପ୍ରଥମ ଓଭରରେ ଓପନର ପୃଥ୍ୱୀ ଶ'(୨ ରନ)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଶିଖର ଧାୱନ ଓ ଅଧିନାୟକ ଶ୍ରେୟାସ ଆୟାର ଇନିଂସ ଗଢ଼ିବା ଉଦ୍ୟମରେ ଧୈର୍ଯ୍ୟର ସହିତ ବ୍ୟାଟିଂ କରିଥିଲେ। ଏଭଳି ପିଚ୍‌ରେ ତାରକା ସ୍ପିନର ରଶିଦ ଖାଁଙ୍କୁ ଜଗିରଖି ଖେଳିବା ଆବଶ୍ୟକ ହେଉଥିଲା। ଦ୍ୱିତୀୟ ଉଇକେଟରେ ୪୦ ରନ ଯୋଗ ହେବାପରେ ଆୟାରଙ୍କୁ ପ୍ରଥମ ଶିକାର ବନେଇ ରଶିଦ ପ୍ରଥମ ସଫଳତା ପାଇଥିଲେ। ୨୧ ବଲ୍ ଖେଳିଥିବା ଆୟାର ୨ ଚୌକା ସହାୟତାରେ ୧୭ ରନ କରି ପାରିଥିଲେ। ଏହାପରେ ଧାୱନ ୩୧ ବଲ୍‌ରୁ ୩୪(୪ ଚୌକା) ରନ କରି ରଶିଦଙ୍କ ବଲ୍‌ରେ ଆଉଟ ହେବାରୁ ଦିଲ୍ଲୀ ଉପରେ ଚାପ ବଢ଼ିଯାଇଥିଲା। ୬୨ ରନରେ ଦଳ ତୃତୀୟ ଉଇକେଟ ହରାଇଥିଲା। ରନ ହାର ବୃଦ୍ଧି ପାଉଥିବାରୁ ଉଭୟ ରିଷଭ ପନ୍ତ ଓ ଶିମରନ ହେଟମେର ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ୧୫ତମ ଓଭରରୁ ହେଟମେର ୧୬ ରନ ସଂଗ୍ରହ କରିଥିଲେ ହେଁ ୧୬ତମ ଓଭରର ପ୍ରଥମ ବଲ୍‌ରେ ଆଉଟ ହୋଇଥିଲେ। ସେ ୧୨ ବଲ୍‌ରୁ ୨୧(୨ ଛକା) ରନ କରିଥିଲେ। ୧୭ତମ ଓଭରରେ ବୋଲିଂ କରିଥିବା ରଶିଦ ୪ର୍ଥ ବଲ୍‌ରେ ପନ୍ତଙ୍କୁ ଆଉଟ କରି ଦିଲ୍ଲୀ ଆଶାରେ ପାଣି ପକାଇ ଦେଇଥିଲେ। ପନ୍ତ ୨୭ ବଲ୍‌ରୁ ୧ ଚୌକା ଓ ୨ଛକା ସହାୟତାରେ ୨୮ ରନ କରିଥିଲେ। ଶେଷ ଆଶା ମାର୍କୁସ ଷ୍ଟୋଇନିସ ମାତ୍ର ୧୧ ରନ କରି ପାରିଥିଲେ। ସନ୍‌ରାଇଜର୍ସ ବୋଲରଙ୍କ ମଧ୍ୟରେ ରଶିଦ ଖାଁ ୪ ଓଭର ସ୍ପେଲରେ ମାତ୍ର ୧୪ ରନଦେଇ ୩ଟି ଉଇକେଟ ନେଇଥିଲେ। ଭୁବନେଶ୍ୱର କୁମାର ୨ଟି ଏବଂ ଖଲିଲ ଅହମଦ ଓ ଟି. ନଟରାଜନ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଶ୍ରେୟାସ ଆୟାର ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ୱାର୍ନର ଓ ବେୟାରଷ୍ଟୋ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ। ଦୁଇ ଓପନର ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ ହୋଇଥିଲେ ହେଁ ନିଜ ଷ୍ଟାଇଲରୁ ଦୂରେଇ ରହି ଇନିଂସ ଗଢ଼ିବା ଉପରେ ମନୋନିବେଶ କରିଥିଲେ। ଫଳରେ ପାୱାରପ୍ଲେ ୬ ଓଭରରେ ଉଇକେଟ ନ ପଡ଼ିଥିଲେ ହେଁ ମାତ୍ର ୩୮ ରନ ହୋଇ ପାରିଥିଲା। ପ୍ରଥମ ଉଇକେଟରେ ୫୭ ବଲ୍‌ରୁ ୭୭ ରନ ସ୍କୋର ହୋଇଥିବାବେଳେ ଅମିତ ମିଶ୍ରଙ୍କ ବଲ୍‌ରେ ୱାର୍ନର କଟ୍ ବିହାଇଣ୍ଡ ହୋଇଯାଇଥିଲେ। ଅମ୍ପାୟର ପ୍ରଥମେ ଆଉଟ ଦେଇ ନ ଥିଲେ ହେଁ ରିଭ୍ୟୁ ପରେ ନିଷ୍ପତ୍ତି ବଦଳାଇଥିଲେ। ୩୩ଟି ବଲ୍ ଖେଳିଥିବା ଏହି ଅଷ୍ଟ୍ରେଲୀୟ ଖେଳାଳି ୩ ଚୌକା ଓ ୨ ଛକା ସହାୟତାରେ ୪୫ ରନ କରିଥିଲେ। ମନୀଷ ପାଣ୍ଡେ ମାତ୍ର ୩ ରନରେ ଆଉଟ ହେବାରୁ ସନ୍‌ରାଇଜର୍ସକୁ ଝଟ୍‌କା ଲାଗିଥିଲା। ବେୟାରଷ୍ଟୋଙ୍କ ସହ କେନ୍ ୱିଲିୟମସନ ଇନିଂସକୁ ଆଗେଇ ନେଇଥିଲେ। ଅର୍ଦ୍ଧଶତକ ପୂରଣ ପାଇଁ ବେୟାରଷ୍ଟୋ ୪୪ଟି ବଲ୍‌ର ସହାୟତା ନେଇଥିଲେ। ସେ ମୋଟ ୫୩ (୪୮ ବଲ୍, ୨ ଚୌକା, ୧ ଛକା)ରନ କରି ୧୮ତମ ଓଭରର ୫ମ ବଲ୍‌ରେ ଆଉଟ ହୋଇଥିଲେ। ବେୟାରଷ୍ଟୋ ଓ ୱିଲିୟମସନ ତୃତୀୟ ଉଇକେଟରେ ୫୨ ରନର ଭାଗୀଦାରି ଗଢ଼ିଥିଲେ। ଅନ୍ତିମ ଓଭରର ୪ର୍ଥ ବଲ୍‌ରେ ଆଉଟ ହୋଇଥିଲେ ୱିଲିୟମସନ । ସେ ୨୬ ବଲ୍‌ରୁ ୫ ଚୌକା ସହ ୪୧ ରନ କରିଥିଲେ। ଜମ୍ମୁ କଶ୍ମୀର ଅଲରାଉଣ୍ଡର ଅବଦୁଲ ସମଦ ୧୨(୭ ବଲ, ୧ ଚୌକା, ୧ ଛକା) ଓ ଅଭିଷେକ ଶର୍ମା ୧ ରନରେ ଅପରାଜିତ ରହିଥିବାବେଳେ ହାଇଦ୍ରାବାଦ ୨୦ ଓଭରରେ ୪ ଉଇକେଟ ହରାଇ ୧୬୨ ରନ କରିଥିଲା। ଦିଲ୍ଲୀ ପକ୍ଷରୁ ରାବାଡ଼ା ଓ ଅମିତ ମିଶ୍ର ୨ଟି ଲେଖାଏ ଉଇକେଟ ନେଇଥିଲେ।



ସନ୍‌ରାଇଜର୍ସ ଇନିଂସ୍‌ରେ ଏକମାତ୍ର ଅର୍ଦ୍ଧଶତକ ହାସଲକାରୀ ଜନି ବେୟାରଷ୍ଟୋ।

### ସଂକ୍ଷିପ୍ତ ସ୍କୋର

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୬୨/୪ (ବେୟାରଷ୍ଟୋ-୫୩, ୱାର୍ନର-୪୫, ୱିଲିୟମସନ-୪୧, ରାବାଡ଼ା-୨/୨୧, ଅମିତ-୨/୩୫)। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୭/୭(ଧାୱନ-୩୪, ପନ୍ତ-୨୮, ହେଟମେର-୨୧, ରଶିଦ-୩/୧୪, ଭୁବନେଶ୍ୱର-୨/୨୫, ଟି. ନଟରାଜନ-୧/୨୫, ଖଲିଲ-୧/୪୩)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ